


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୪ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 04 APRIL 2021
Vol.No. 32 ■ No. 87 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଇବ ବିପ୍ଳବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଓଡିଶାକୁ ଫେରିଲା ନାଇଟ୍ କର୍ଫ୍ୟୁ

## ୧୦ ଜିଲ୍ଲାରେ ରାତି ୧୦ରୁ ସକାଳ ୫ ଯାଏଁ ଲାଗିବ କର୍ଫ୍ୟୁ



ଭୁବନେଶ୍ୱର,୦୩/୦୪ (ନି.ପ୍ର): ଓଡ଼ିଶାକୁ ପୁଣି ଫେରିଛି ନାଇଟ୍ କର୍ଫ୍ୟୁ । କରୋନା ସଂକ୍ରମଣର ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟର ୧୦ଟି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି ରାଜ୍ୟ ସରକାର। ଏହି ଜିଲ୍ଲାଗୁଡିକ ମଧ୍ୟରେ ରହିଛି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ । ରାତି ୧୦ଟାରୁ ସକାଳ ୫ଟା ଯାଏଁ ବଳବତର ରହିବ ନାଇଟ୍ କର୍ଫ୍ୟୁ । ଆସନ୍ତା ୫ ତାରିଖ ଅର୍ଥାତ ସୋମବାରଠାରୁ ଏହି କଟକଣା ଲାଗିବ। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଶନିବାର ଦିନ ଏନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ ନାଇଟ୍ କର୍ଫ୍ୟୁ ସମୟରେ ଅତ୍ୟାବଶ୍ୟକ ସେବାକୁ ଛାଡିଦେଲେ ଅନ୍ୟ ସବୁ କିଛି ବନ୍ଦ ରହିବ। କର୍ଫ୍ୟୁ ସମୟରେ ଡାକ୍ତର , ନର୍ସ , ପାରାମେଡିକାଲ ଷ୍ଟାଫ୍ , ଜିଲ୍ଲା ଓ ମ୍ୟୁନିସପାଲଟି କର୍ମଚାରୀ, ପୋଲିସ୍ କର୍ମଚାରୀ ଯାତାୟତ କରିପାରିବେ। ନାଇଟ୍ କର୍ଫ୍ୟୁ ବେଳେ ସବୁ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅଫିସ୍ ବନ୍ଦ ରହିବ। ସେହିପରି ଜରୁରୀ କାର୍ଯ୍ୟକଳାପଗୁଡ଼ିକୁ ଛାଡ଼ି ଅନ୍ୟ ସବୁ ଯାତାୟତ ବି ବନ୍ଦ ରହିବ। ତେବେ ଜରୁରୀକାଳୀନ ସେବାରେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ମଧ କଟକଣାରୁ ମୁକ୍ତ ରଖାଯାଇଛି। ସ୍ୱାସ୍ଥ୍ୟ , ବିଦ୍ୟୁତ୍ , ଜଳ ଯୋଗାଣ, ଟେଲିକମ୍ , ଅଗ୍ନିଶମ , ରେଲୱେ ଓ ଏୟାରପୋର୍ଟ ▶▶ପୃଷ୍ଠା ୭

## ଜଗା ଦର୍ଶନ ପାଇଁ ଆସିଥିବା ବେଳେ ବ୍ୟାରିକେଡରେ ଫସିଗଲା ୫ ବର୍ଷର ଶିଶୁ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଶ୍ରୀମନ୍ଦିର ସମ୍ମୁଖରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜୋତାଷ୍ଟାଣ୍ଡ ନିକଟରେ ଥିବା ବ୍ୟାରିକେଡ୍ରେ ଫଶି ଯାଇଥିଲା ଜଣେ ୫ ବର୍ଷୀୟା ଶିଶୁ । ରେଲିଂ ଭିତରେ ତା'ର ମୁଣ୍ଡ ପଶି ଯାଇଥିବାରୁ ଏହାକୁ ଦେଖି ସମସ୍ତେ ଚକିତ ହୋଇ ଯାଇଥିଲେ । ଶେଷରେ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଗ୍ୟାସ୍ କଟରରେ ବ୍ୟାରିକେଡ୍ ରେଲିଂ କାଟି ତାକୁ ଉଦ୍ଧାର କରିଛନ୍ତି । ତେବେ ଆଜି ସବୁ କିଛି ସ୍ୱାଭାବିକ୍ ଚାଲିଥିଲା । ହେଲେ ହଠାତ୍ ବଡ଼ଦାଣ୍ଡରେ ଥିବା ଜୋତା ଷ୍ଟାଣ୍ଡ ନିକଟରୁ ହୋ ହଲ୍ଲା ଶୁଭିଲା । ଚାହୁଁ ଚାହୁଁ ଲୋକାରଣ୍ୟ ▶▶ପୃଷ୍ଠା ୭

# ବାଚସ୍ପତିଙ୍କ ଉପରକୁ ଚପଲ ମାଡ

## ୩ ବିଜେପି ବିଧାୟକ ନିଲମ୍ବିତ



ଭୁବନେଶ୍ୱର,୦୩/୦୪ (ନି.ପ୍ର): ବାଚସ୍ପତିଙ୍କ ଉପରକୁ ଚପଲ ଫୋପାଡିବା ଘଟଣାରେ ବିଜେପିର ୩ ଜଣ ସଦସ୍ୟ ଚଳିତ ଅଧିବେଶନରୁ ନିଲମ୍ବିତ ହୋଇଛନ୍ତି। ବିଜେପି ଦଳର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର , ଉପନେତା ବିଷ୍ଣୁ ସେଠୀ ଓ ମୁଖ୍ୟ ସଚେତକ ମୋହନ ଚରଣ ମାଝୀଙ୍କୁ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଥିବାରୁ ନିଲମ୍ବନ କରାଯାଇଛି। ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏସମ୍ପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହାକୁ ଭିତି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କାର୍ଯ୍ୟାନୁଷ୍ଠାନ ପରେ ବିଜେପିର ବିଧାୟକମାନେ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତି ତଳେ ଧାରଣା ଦେଇଥିଲେ। ଧାରଣାରୁ ବିରତ ହେବା ପାଇଁ ବାଚସ୍ପତି ସେମାନଙ୍କୁ ବୁଝାଇଥିଲେ । ତେବେ ଗୃହରେ କହିବାକୁ ସୁଯୋଗ ନଦେବାରୁ ପ୍ରତିବାଦ ଜାରି ରଖିବେ ଏବଂ ରାତିସାରା ବିଧାନସଭା ଗାନ୍ଧୀମୂର୍ତ୍ତି ▶▶ପୃଷ୍ଠା ୭

## ଦିଲ୍ଲୀରେ ଗତ ୨୪ ଘଂଟାରେ ୩,୫୬୭ କରୋନାର ନୂଆ ମାମଲା

ଦିଲ୍ଲୀ,୦୩/୦୪ (ନି.ପ୍ର): ଦିଲ୍ଲୀରେ ଗତ ୨୪ ଘଂଟାରେ ୩,୫୬୭ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୧୦ ଜଣଙ୍କର ମୃତ୍ୟୁ ଘଟିଛି। ଦିଲ୍ଲୀ ପ୍ରଶାସନ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୨,୬୪୭ ହୋଇ ଯାଇଛି । ବର୍ତ୍ତମାନ ଯାଏ ୧୧,୦୬୦ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି ।

# କରୋନା କବଳରେ କୁମ୍ଭମେଳା : ୪ ଦିନରେ ୩୦୦ ଲୋକ କରୋନା ସଂକ୍ରମିତ



ଭୁବନେଶ୍ୱର,୦୩/୦୪ (ନି.ପ୍ର): କରୋନା ମହାମାରୀ ପାଇଁ ଚଳିତ ବର୍ଷ କେବଳ ଗୋଟେ ମାସ ପାଇଁ କୁମ୍ଭମେଳା କରିବାକୁ ଅନୁମତି ଦେଇଛନ୍ତି ସରକାର। କରୋନା କଟକଣା ମଧ କୁମ୍ଭମେଳା କରିବାକୁ ଅନୁମତି ମିଳିଥିବା ବେଳେ, ୪ ଦିନ ମଧରେ ୩୦୦ଜଣ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଶଙ୍କରାଚାର୍ଯ୍ୟ ଛକରେ ଅବସ୍ଥିତ କୃଷ୍ଣ ଆଶ୍ରମରେ ସାତ ଜଣ ସାଧୁ କରୋନା ସଂକ୍ରମିତ ହୋଇଛନ୍ତି। ଏନେଇ କୁମ୍ଭମେଳା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। କରୋନା ସଂକ୍ରମିତ ହୋଇଥିବା ସାଧୁମାନଙ୍କୁ ଏବେ ସଙ୍ଗରୋଧରେ ରଖାଯାଇଛି। ଚଳିତ ବର୍ଷ ଉତ୍ତରାଖଣ୍ଡର ହରିଦ୍ୱାରରେ ଥିବା ଗଙ୍ଗା କୂଳରେ ଏପ୍ରିଲ ୧ରୁ ୩୦ ପର୍ଯ୍ୟନ୍ତ କୁମ୍ଭମେଳା ହେବ। ଏପ୍ରିଲ ୧୨, ୧୪ ଏବଂ ୨୭ରେ ତିନୋଟି "ଶାହି ସ୍ନାନ" (ମୁଖ୍ୟ ସ୍ନାନ) ହେବ। ▶▶ପୃଷ୍ଠା ୭

# ଛତିଶଗଡରେ ପୋଲିସ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ

## ୫ ଯବାନ ସହିଦ୍, ଜଣେ ନକ୍ସଲ ମୃତ



ଛତିଶଗଡର,୦୩/୦୪ (ନି.ପ୍ର): ଛତିଶଗଡର ବିଜାପୁର ଜିଲ୍ଲା ତରରେମ୍ ଠାରେ ନକ୍ସଲ ଓ ସୁରକ୍ଷା କର୍ମୀମାନଙ୍କ ଭିତରେ ହୋଇଥିବା ସଂଘର୍ଷରେ ଡିଆରଜି ଓ ସିଆରପିଏଫର ୫ ଜଣ ଯବାନ ସହିଦ ହୋଇଥିବା ବେଳେ ଜଣେ ନକ୍ସଲର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । କିଛିମାସ ପୂର୍ବରୁ ନକ୍ସଲମାନେ ଯବାନଙ୍କର ଏକ ବସକୁ ଆଇଡି ବିସ୍ଫୋରଣରେ ଉଡାଇ ଦେଇଥିଲେ । ଯେଉଁଥିରେ ୫ ଜଣ ଯବାନ ସହିଦ ହୋଇଥିଲେ । ନାରାୟଣପୁର ଠାରେ ଯବାନଙ୍କ ବସ୍ ଉପରେ ଏଭଳି ଆକ୍ରମଣ କରିଥିଲେ ନକ୍ସଲ । କହିରଖୁ କି ୨୦୨୧ ଫେବୃଆରୀ ୨ ତାରିଖରେ ଲୋକସଭାରେ ନକ୍ସଲ ଆକ୍ରମଣ ଉପରେ ତଥ୍ୟ ମଗାଯାଇଥିଲା । ଏନେଇ ଗୃହ ରାଜ୍ୟମନ୍ତ୍ରୀ କିଷନ ରେଡ୍ଡି ଯବାବ୍ ଦେଇ କହିଥିଲେ କି ନକ୍ସଲ ପ୍ରଭାବିତ ଅଞ୍ଚଳରେ ଧିରେ ଧିରେ ନକ୍ସଲ ଆକ୍ରମଣ କମିଛି । ଗୃହମନ୍ତ୍ରଣାଳୟର ସୂଚନା ମୁତାବକ ସାରାଦେଶରେ ୨୦୧୮ ରେ ୮୩୩ ଟି ନକ୍ସଲ ଘଟଣା ଘଟିଥିବା ବେଳେ ୨୦୧୯ ଏହା ହ୍ରାସପାଇ ୬୭୦ ରେ ପହଂଚିଥିଲା । ସେହିଭଳି ୨୦୨୦ ରେ ଏହା ୬୬୫ ରହିଛି । ହେଲେ ଛତିଶଗଡରେ ୨୦୨୦ ରେ ନକ୍ସଲ ଆକ୍ରମଣ ବଢିଥିବା ନେଇ ଲୋକସଭାରେ ସରକାର ଯବାବ୍ ଦେଇଥିଲେ । ଏହି ସୂଚନା ମୁତାବକ ୨୦୧୮ ରୁ ୨୦୨୦ ମଧ୍ୟରେ ଛତିଶଗଡରେ ୯୭୦ ଟି ନକ୍ସଲ ଆକ୍ରମଣ ହୋଇଛି । ଯେଉଁଥିରେ ୧୧୩ ଜଣ ସୁରକ୍ଷା କର୍ମୀ ସହିଦ ହୋଇଛନ୍ତି ।

# ତାପମାତ୍ରାର ଅସାମଞ୍ଜସ୍ୟ : ଉତ୍ତରପ୍ରଦେଶରେ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସରେ ପହଂଚିବ

କାନପୁର,୦୩/୦୪ (ନି.ପ୍ର): ସମୁଦ୍ରଠାରୁ ଭୂମି ପର୍ଯ୍ୟନ୍ତ ଅଧିକ ସକ୍ରିୟ ସାଇକ୍ଲୋନିଂ ସିଷ୍ଟମ ଯୋଗୁଁ ପୂର୍ବ ବର୍ଷ ତୁଳନାରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ଯଦିଓ ତାପମାତ୍ରା ଅସ୍ଥିର ରହିବ କିନ୍ତୁ ଲୋକମାନେ ଲୁ ଅଧିକ ଅନୁଭବ କରିବେ । କେବଳ ଏତିକି ନୁହେଁ ଆସନ୍ତା ସପ୍ତାହରେ ଉତରପ୍ରଦେଶର ତାପମାତ୍ରା ୪୫ ଡିଗ୍ରୀ ସେଲସିୟସରେ ପହଂଚିବାର ସମ୍ଭାବନା ରହିଛି । ଚନ୍ଦ୍ରଶେଖର ଆଜାଦ କୃଷି ପ୍ରଯୁକ୍ତିବିଦ୍ୟା ବିଶ୍ୱ ବିଦ୍ୟାଳୟର ପାଣିପାଗ ବିଭାଗର ଡାକ୍ତର ଏସ.ଏନ.ସୁନୀଲ ପାଣ୍ଡେ ଶନିବାର ଦିନ କହିଛନ୍ତି ଯେ, ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ଉତର ଏବଂ ପୂର୍ବ ଭାରତରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ରହିପାରେ ବୋଲି ପୂର୍ବାନୁମାନ ରହିଛି । ଦକ୍ଷିଣ ଭାରତର ଅଧିକାଂଶ ଅଂଶ, ପୂର୍ବ ଭାରତ, ଉତର-ପୂର୍ବ ଇତ୍ୟାଦିରେ ତାପମାତ୍ରା କମ୍ ରହିବ ବୋଲି ଆଶା କରାଯାଉଛି । ସମ୍ପ୍ରତି ପ୍ରଶାନ୍ତ ମହାସାଗରରେ ମଧ୍ୟ ଲା ନିନା ଅବସ୍ଥା ରହିଛି ଏବଂ କେନ୍ଦ୍ରୀୟ ଓ ପୂର୍ବ ସମୀକରଣ ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକ ଠାରୁ କମ୍ ଅଟେ । କୁହାଯାଏ ଯେ, ଯଦି ଆମେ ଉତର ପ୍ରଦେଶ ବିଷୟରେ ଆଲୋଚନା କରିବା ତେବେ ଏହାର ପ୍ରଭାବ ଆସନ୍ତା ସପ୍ତାହରୁ ଆରମ୍ଭ ହେବ ଏବଂ ତାପମାତ୍ରା ୪୫ ଡିଗ୍ରୀ ସେଲସିୟସରେ ପହଂଚିବାର ସମ୍ଭାବନା ରହିଛି । ଆଜି କାଲିର ତାପମାତ୍ରା ସ୍ୱାଭାବିକ ରହିବ ବୋଲି ଜଣାପଡ଼ିଛି ।

# ୫ ଟି କାର୍ଯ୍ୟ ଦିବସ ପୂର୍ବରୁ ଶେଷ ହେଲା ବିଧାନସଭା

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଗତ ଫେବୃଆରୀ ୧୮ ତାରିଖରୁ ଆରମ୍ଭ ହୋଇଥିବା ଷୋଡଶ ବିଧାନସଭାର ଷଷ୍ଠ ଅଧିବେଶନ ଧାର୍ଯ୍ୟ ସମୟର ୫ ଟି କାର୍ଯ୍ୟ ଦିବସ ପୂର୍ବରୁ ଶନିବାର ଦିନ ଶେଷ ହୋଇଛି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସଂଧ୍ୟା ୭ଟାରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି। ଏପ୍ରିଲ ୯ ତାରିଖରେ ଗୃହର କାର୍ଯ୍ୟକ୍ରମ ଶେଷ ହେବାକୁଥିବା ବେଳେ ଏହାକୁ ହ୍ରାସ କରିବାପାଇଁ ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରସ୍ତାବ ଆଣିଥିଲେ। ଗୃହ ଶେଷ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ବାଚସ୍ପତି , କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ସ୍ୱସ୍ତିବାଚକ ଅଭିଭାଷଣ ପ୍ରଦାନ କରିଥିଲେ। ତେବେ ବିଜେପି ସଦସ୍ୟମାଦେ ଏହି ସମୟରେ ଅନୁପସ୍ଥିତ ଥିଲେ। କୋଭିଡ୍ କଟକଣା ମଧ୍ୟରେ ୨ ଟି ପର୍ଯ୍ୟାୟରେ ଏହି ଅଧିବେଶନର ବୈଠକ ଚାଲିଥିଲା। ବୈଠକ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ସମୟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଶାସକ ଓ ବିରୋଧୀଙ୍କ ହଟଗୋଳ ଦେଖିବାକୁ ମିଳିଥିଲା। ଗୃହରେ ଦେଖାଦେଇଥିବା ଅଚଳାବସ୍ଥାକୁ ଏଡାଇବା ପାଇଁ ବାଚସ୍ପତି , ଉପବାଚସ୍ପତି ଓ ଅଧିଷ୍ଠାତା ମଣ୍ଡଳୀର ସଦସ୍ୟମାନେ ଗୃହକୁ ବାରମ୍ବାର ମୁଲତବୀ ରଖିଥିଲେ । ଫଳରେ କିଛି ଦିନ ଗୃହରେ ପ୍ରଶ୍ନୋତର ▶▶ପୃଷ୍ଠା ୭

# ଗୋଟିଏ ଦିନରେ ୪୫୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୩/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୫୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୪୨୨୨୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୩୭୪୩୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୨୮୨୦ ରହିଛି । ଆଜି ଚିହ୍ନଟ ହୋଇଥିବା ୪୫୨ ଜଣଙ୍କ ମଧ୍ୟରୁ ୨୬୭ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ▶▶ପୃଷ୍ଠା ୭

# ଶ୍ରୀମନ୍ଦିର ପାଇଁ ପ୍ରଶାସନ ଆଣିଲା ନୂଆ ଏସଓପି

## ରବିବାର ବନ୍ଦ ରହିବ ମନ୍ଦିର, ସପ୍ତାହକୁ ଦୁଇ ଥର ହେବ ସାନିଟାଇଜ୍



ପୁରୀ,୦୩/୦୪ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବାବେଳେ ଶ୍ରୀମନ୍ଦିର ପାଇଁ ନୂଆ ଏସଓପି ଆଣିଛି ମନ୍ଦିର ପ୍ରଶାସନ । ଏଣିକି ପ୍ରତି ରବିବାର ଶ୍ରୀମନ୍ଦିର ବନ୍ଦ ରହିବା ସହିତ ଏହିଦିନ ସମ୍ପୂର୍ଣ୍ଣ ମନ୍ଦିରକୁ ସାନିଟାଇଜ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି । ଖାଲି ସେତିକି ନୁହେଁ, ରବିବାର ମନ୍ଦିର ବନ୍ଦ ରହିବା ସହିତ ରାତିରେ ସପ୍ତାହକୁ ଦୁଇଦିନ ମନ୍ଦିର ସାନିଟାଇଜ ହେବ । ତା ସହିତ ମନ୍ଦିର ଭିତରେ କୋଭିଡ୍ ଗାଇଡଲାଇନ୍ କଡାକଡି ଭାବେ ପାଳନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ରାଜ୍ୟରେ ଏବେ କରୋନା ସଂକ୍ରମଣ ହୁ ହୁ ହୋଇ ବଢିଚାଲିଛି । ଏଥିପାଇଁ ରାଜ୍ୟ ସରକାର କିଛି ଜିଲ୍ଲାରେ ନାଇଟ୍ କର୍ଫ୍ୟୁ କଟକଣା ମଧ ଲାଗୁ କରିଲେଣି । ଯଦି ଆଗୁଆ ସାବଧାନତା ଅବଲମ୍ବନ କରାନଯାଏ ତେବେ ସଂକ୍ରମଣ ସୀମା ଟପିବ ବୋଲି ଅନୁମାନ କରାଯାଉଛି । ଏଭଳି ସ୍ଥିତିରେ ଶ୍ରୀମନ୍ଦିର ପାଇଁ ନୂଆ ଏସଓପି ଅଣାଯିବା ସହିତ କଟକଣା ଲାଗୁ କରାଯାଇଛି ।

# ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ଯୋଗ ଦେଲେ ଉପ ରାଷ୍ଟ୍ରପତି



ଭୁବନେଶ୍ୱର,୦୩/୦୪ (ନି.ପ୍ର): ପରିପୂର୍ଣ୍ଣ ଓ ସୃଜନଶୀଳ ବ୍ୟକ୍ତିବିଶେଷ ସୃଷ୍ଟି କରିବାକୁ ଆମକୁ ତକ୍ଷଶୀଳା, ନାଳନ୍ଦା, ବଲ୍ଲଭି ଓ ବିକ୍ରମଶୀଳା ଭଳି ପ୍ରାଚୀନ ଭାରତୀୟ ବିଶ୍ୱବିଦ୍ୟାଳୟରେ ମହାନ ଭାରତୀୟ ପରମ୍ପରାକୁ ପୁନଃସ୍ଥାପିତ କରିବାକୁ ପଡ଼ିବ । ଦେଶକୁ ଉଭୟ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପରିବର୍ତନ କରିବାର ବିଶେଷ ଦକ୍ଷତା ସେହିଭଳି ବ୍ୟକ୍ତି ବିଶେଷଙ୍କର ରହିବ । ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତନ ଉତ୍ସବରେ ଉପରାଷ୍ଟ୍ରପତି ଏମ ଭେଙ୍କେୟା ନାଇଡୁ ଏହା କହିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାର ଇତିହାସ ସମୃଦ୍ଧ ଓ ପ୍ରେରଣାଦାୟୀ । ଏହି ମହାନ କଳିଙ୍ଗଭୂମି ସମ୍ରାଟ ଅଶୋକଙ୍କୁ ଶାନ୍ତିର ଶିକ୍ଷା ଦେଇଥିଲା; ଯାହା ଫଳରେ ସେ ଧର୍ମବିଜୟ ନୀତି ଅନୁସରଣ କରିଥିଲେ । ଓଡ଼ିଶାର ନରପତିମାନେ ଦକ୍ଷିଣ ପୂର୍ବ ଏସିଆ ସହିତ ସାଂସ୍କୃତିକ ସମ୍ପର୍କ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ସେଠାରେ ହିନ୍ଦୁ ଧର୍ମ ଓ ବୌଦ୍ଧଧର୍ମର ପ୍ରଚାର ପ୍ରସାର କରାଇଥିଲେ । କଳିଙ୍ଗ ସାମ୍ରାଜ୍ୟ ମଧ ତାହାର ଗୌରବମୟ ସାମୁଦ୍ରିକ ପରମ୍ପରା ପାଇଁ ଖ୍ୟାତ । କାଳିଦାସ ତାଙ୍କର ପ୍ରସିଦ୍ଧ କୃତି ରଘୁବଂଶରେ କଳିଙ୍ଗ ନୃପତିଙ୍କୁ ସାଗରାଧିପତି ଭାବେ ବର୍ଣ୍ଣନା କରିଛନ୍ତି । ଏଥିରୁ ସାଗର ଉପରେ କଳିଙ୍ଗର ପ୍ରଭାବର ସୂଚନା ମିଳେ । କଳିଙ୍ଗର ଦୁଃସାହସୀ ସାଧବମାନେ ଶ୍ରୀଲଙ୍କା, ଜାଭା, ବୋର୍ଣ୍ଣିଓ, ବାଲି ଓ ବର୍ମା ସହିତ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିଲେ । ବିଭିନ୍ନ ସ୍ଥାନରେ ହୋଇଥିବା ଉତ୍ଖନନରୁ ମିଳିଥିବା ବହୁସଂଖ୍ୟକ ମୁଦ୍ରା, କଳାକୃତି ଓ ରୋମାନ ସାମଗ୍ରୀ ଆଦିରୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ବାଣିଜ୍ୟିକ ସମାଜର ପରିଚୟ ମିଳେ । ସେ କହିଛନ୍ତି ଯେ ଏବେ ମଧ ଏଠାକାର ଲୋକେ ସେମାନଙ୍କ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ସାଧବଙ୍କ ସ୍ମୃତିରେ ବାଲିଯାତ୍ରା ପାଳନ କରୁଛନ୍ତି । ସେହି ସାଧବମାନଙ୍କ ଦକ୍ଷତା, ଉଦ୍ୟମିତା ଓ ସାହସିକତା ଦ୍ୱାରା କଳିଙ୍ଗ ଏକଦା ଏକ ସମୃଦ୍ଧ ସାମ୍ରାଜ୍ୟରେ ପରିଣତ ହୋଇଥିଲା । ସାଧବ ପୁଅମାନଙ୍କ ଠାରୁ ପ୍ରେରଣା ନେଇ ଉଦ୍ୟମିତା ଓ ନବସୃଜନର ଆଗ୍ରହ ନିଜ ଭିତରେ ସୃଷ୍ଟି କରନ୍ତୁ ବୋଲି ଉପ ରାଷ୍ଟ୍ରପତି ଏମ. ଭେଙ୍କେୟା ନାଇଡୁ ଆହ୍ୱାନ ଜଣାଇଛନ୍ତି । ସେ ଛାତ୍ର ଛାତ୍ରୀ ▶▶ପୃଷ୍ଠା ୭

# ବିଶାଲ୍ ମେଗା ମାର୍ଟ ସିଲ୍: ଅନ୍ୟମାନେ ଗଣିଲେ ଡଣ୍ଡ




ଭୁବନେଶ୍ୱର ,୩।୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୨ ସ୍ଥିତ ମାର୍କେଟ୍ ବିଲ୍ଡିଂରେ ଥିବା ବିଶାଲ୍ ମେଗା ମାର୍ଟକୁ ଶୁକ୍ରବାର ସିଲ୍ କରିଛି ବିଏମ୍‌ସି। କୋଭିଡ୍ କଟକଣା ଉଲ୍ଲଂଘନ ଅଭିଯୋଗରେ ବିଏସ୍‌ସି ଏହାକୁ ସିଲ୍ କରିଛି।

ଏହା ସହିତ ମାର୍କେଟ୍ ବିଲ୍ଡିଂରେ ଥିବା 'କୁଇନ୍ସ କଲେକ୍ସନ' ଦୋକାନରୁ ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ସେଠାରେ ଥିବା 'ବଜାର କୋଲକାତା' ଓ 'ସିଟି ଫେସନ'ରୁ ମଧ୍ୟ ୫ ହଜାର ଟଙ୍କା ଲେଖାଏ ଜୋରିମାନା ଆଦାୟ କରାଯାଇଛି। କୋଭିଡ୍ କଟକଣା ଉଲ୍ଲଂଘନ ନେଇ ଏହି ସବୁ ଦୋକାନ ଗୁଡ଼ିକରୁ ଜୋରିମାନା ଆଦାୟ କରିଛି ବିଏମ୍‌ସି। ବିଏମ୍‌ସିର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ମାର୍କେଟ୍ ବିଲ୍ଡିଂରେ ଚଢ଼ାଉ କରି ଏହିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପୁଣି ଥରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଧୀରେ ଧୀରେ ବଢୁଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହାର ପ୍ରକୋପ ବଢ଼ିଛି। ବର୍ଦ୍ଧିତ ସଂକ୍ରମଣକୁ ଦେଖି ବିଏମ୍‌ସି ପକ୍ଷରୁ ଆଜି ନୂଆ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରିଛି, ଯାହା ଏପ୍ରିଲ୍ ୬ ତାରିଖରୁ ଲାଗୁ ହେବ। ଏଥିରେ ବିବାହ ଉତ୍ସବ ଓ ଶୁଦ୍ଧି କାର୍ଯ୍ୟକ୍ରମକୁ ନେଇ କଠୋର ହୋଇଛି ବିଏମ୍‌ସି।

# ବିଏମ୍‌ସିର ନୂଆ ଗାଇଡ୍‌ଲାଇନ୍: ବିବାହରେ ୧୦୦ ଲୋକଙ୍କୁ ଅନୁମତି, ଅନ୍ତିମ ସଂସ୍କାରରେ ୫୦ ଜଣ ଯାଇପାରିବେ

ଭୁବନେଶ୍ୱର,୩।୪ (ନି.ପ୍ର): ଏଣିକି ଭୁବନେଶ୍ୱରରେ ବାହାଘର କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଲୋକ ଭିଡ ହୋଇପାରିବେ ନାହିଁ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି ହୋଇଛି। ନୂତନ ମାର୍ଗଦର୍ଶିକା ଅନୁସାରେ ବିଏମ୍‌ସି ଅଧିନରେ ବାହାଘର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲେ ସେଠାରେ ୧୦୦ ଜଣ ଲୋକଙ୍କୁ ଅନୁମତି ପ୍ରଦାନ କରାଯିବ। ସେହିପରି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ୫୦ ଜଣ ଲୋକ ଯୋଗଦେଇପାରିବେ। ଚଳିତ ମାସ ୬ ତାରିଖରୁ ବିଏମ୍‌ସିର ନୂଆ ଗାଇଡଲାଇନ୍ ଲାଗୁ ହେବ। ସେହିପରି ଅନ୍ୟ ସମ୍ମିଳନୀ, ସମାବର୍ତ୍ତନ ଉତ୍ସବ, ସୁବର୍ଣ୍ଣ ଓ ରଜତ ଜୟନ୍ତୀ ସମାରୋହ ଉପରେ ମଧ କଟକଣା ରହିବ। ଶିକ୍ଷାନୁଷ୍ଠାନର ବାର୍ଷିକ କାର୍ଯ୍ୟକ୍ରମ ଓ ଉତ୍ସବ ଉପରେ ବି କଟକଣା ଲାଗିବ। ପରବର୍ତ୍ତୀ ନିର୍ଦ୍ଦେଶ ନଆସିବା ଯାଏ କାର୍ଯ୍ୟକ୍ରମ ହୋଇପାରିବ ନାହିଁ। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ଆଜି ୪୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରୁ ସ୍ଥାନୀୟ ଲୋକଙ୍କ ସଂସ୍ପର୍ଶରେ ଆସି ୩୧ ଜଣ ସଂକ୍ରମିତ ହୋଇଛନ୍ତି। ଅପରପକ୍ଷେ ୧୨ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ମୋଟ ୩୨ ହଜାର ୫୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ସୁସ୍ଥ ହୋଇଛନ୍ତି ୩୧ ହଜାର ୯୩୩ ଜଣ। କରୋନାରେ ମୋଟ୍ ୨୫୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୪୩ ଜଣ ଏବେ ଚିକିତ୍ସାଧୀନ ଅଛନ୍ତି।

## ନାରାୟଣ ସେବା ସଂସ୍ଥାନ ଆତ୍ମୀୟ ମିଳନ ଆଜି

ଭୁବନେଶ୍ୱର,୩।୪ (ନି.ପ୍ର): ରାଜସ୍ଥାନ ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଆତ୍ମୀୟ ସ୍ନେହ ମିଳନ ପର୍ବ ଓ ଭାମାଶାହା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ କରାଯିବ। ଭୁବନେଶ୍ୱର ସତ୍ୟନଗର କାଳୀ ମନ୍ଦିର ନିକଟ ମଣ୍ଡପରେ ଆସନ୍ତା ଏପ୍ରିଲ ୪ତାରିଖ ସଂସ୍ଥାନ ସହ ଜଡ଼ିତ ତଥା ସେବା କାର୍ଯ୍ୟରେ ସାମିଲଥିବା ସଭ୍ୟ ମାନଙ୍କୁ ସମ୍ମାନ ପ୍ରଦାନ କରାଯିବ। ସଂସ୍ଥାର ପର୍ଯ୍ୟବେକ୍ଷକ ହେମନ୍ତ ମେଗବାଲ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ ଓ ବହୁ ବରିଷ୍ଠ ସଭ୍ୟ ଯୋଗଦେବେ। ପ୍ରକାଶ ଥାଉକି, ସଂସ୍ଥାନ ପକ୍ଷରୁ ରାଜସ୍ଥାନ ଉଦୟପୁରଠାରେ ପ୍ରତେହ୍ୟ ଶତାଧିକ ନିଶୁଳ୍କ ଅପରେସନ୍ କରି ବର୍ତ୍ତମାନ ସୁଦ୍ଧା ୪ଲକ୍ଷରୁ ଅଧିକ ଅପରେସନ୍ କରାଯାଇଛି। ସେହିପରି ଦିବ୍ୟାଙ୍ଗ ମାନଙ୍କୁ ତିନି ଚକିଆ ସାଇକେଲ୍ ପ୍ରଦାନ କରିବା ସହ ସେମାନଙ୍କ ଆତ୍ମନିର୍ଭଶୀଳ ପାଇଁ ବିଭିନ୍ନ କ୍ଷୁଦ୍ର ଅନୁଦାନ ପ୍ରଦାନ କରାଯାଉଛି। ଯାହା ଦ୍ୱାରା ସେମାନେ ଶିଳାଇ ଶିକ୍ଷା, ମୋବାଇଲ ଶିକ୍ଷା, କଂପ୍ୟୁଟର ଆଦି ବିଭିନ୍ନ ଶିକ୍ଷା ଲାଭ କରି ବର୍ଷକୁ ସାଢ଼େ ୪ହଜାରରୁ ଅଧିକ ଲୋକ ଆତ୍ମନିର୍ଭଶୀଳ ହୋଇପାରିଛନ୍ତି ।

# ଆଣ୍ଡାମାନରେ ନା ରଖିଲା ଓଡ଼ିଆ ପୁଅ



ଭୁବନେଶ୍ୱର,୩।୪ (ନି.ପ୍ର): ଆଣ୍ଡାମାନରେ ନା ରଖିଲା ଓଡ଼ିଆ ପୁଅ ରାମ ପ୍ରସାଦ। ସୋନର ଗ୍ରପ୍ ଅଫ୍ କମ୍ପାନୀର ମୁଖ୍ୟ ତଥା ଜଣେ ଓଡ଼ିଆ ଉଦ୍ୟୋଗପତି ହେଉଛନ୍ତି ପୁରୁଣା ଭୁବନେଶ୍ୱର ରାମେଶ୍ୱର ପାଟଣାର ରାମ ପ୍ରସାଦ ମୁଦୁଳି। ସେ ଆଣ୍ଡାମାନ ନିକୋବରର ପୋର୍ଟବ୍ଲେୟାର ଠାରେ ଏକ ନୂତନ ଯାତ୍ରୀବାହୀ ଜାହାଜ ପ୍ରସ୍ତୁତି କରିଛନ୍ତି। ଏହି ଜାହାଜ ଏକ ନୂତନ ଓ ଦ୍ରୃତ ଗତିର ଜାହାଜ ଯାହା ସେଠାରେ ୪ଟି ଦୀପ ପୁଞ୍ଜୁ ଗସ୍ତ କରିବ। ଏହି ଜାହାଜ ପୋର୍ଟ ବ୍ଲେୟାରଠାରେ କେନ୍ଦ୍ର ସରକାରଙ୍କ ବନ୍ଦର, ଜାହାଜ ଓ ଜଳପଥ ମନ୍ତ୍ରୀ ମନସୁଖ ଲାଲ ମାଣ୍ଡଭିୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟ ସଭାସଂସଦ ବିକାଶ ମାହାତମେ, ସୋନର ଗ୍ରପ୍ ଅଫ୍ କମ୍ପାନୀର ସିଓ ଶ୍ରୀ ମୁଦୁଲି, ଶ୍ରୀଲିଙ୍କ୍ ଆଡଭେନଚର୍ ସଦସ୍ୟ, ବହୁ ବର୍ଶିଷ୍ଟ ବ୍ୟକ୍ତି ଓ କମ୍ପାନୀର କର୍ମଚାରୀମାନେ ଉପସ୍ଥିତଥିଲେ। ଏହି ଘଟଣାରେ ପରେ ଆଣ୍ଡାମାନ୍‌ରେ ଥିବା ଓଡ଼ିଆ ପୁଅର ଏହି କାର୍ଯ୍ୟ ନେଇ ଗର୍ବ ଅନୁଭବ କରୁଛନ୍ତି।

## ଶାନ୍ତିସ୍ତୁପଠାରେ ଜାତୀୟ ସେବା ଯୋଜନା ଶିବିର

ଭୁବନେଶ୍ୱର,୩।୪ (ନି.ପ୍ର): ଉତ୍କଳ ଦିବସ ଅବସରରେ ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଗ୍ରୁରୁକଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି ଏକ ଦିନିକିଆ ଶିବିର। ଏହି ଅବସରରେ ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଆୟୋଜିତ ହୋଇଥିଲା। ଗାନ୍ଧିଜୀଙ୍କ ୧୦୦ ବର୍ଷ ଓଡ଼ିଶା ଆଗମନକୁ ନେଇ ଏକ ଚିତ୍ରକଳା କର୍ମଶାଳା। ଉକ୍ତ କର୍ମଶାଳାରେ ସମସ୍ତ ସ୍ୱେଚ୍ଛାସେବୀ ଗାନ୍ଧିଜୀ ଏବଂ ଓଡ଼ିଶାକୁ ଆଧାର କରି ନିଜ ସୃଜନଶୀଳ ଚିତ୍ର ମାଧ୍ୟମରେ ସମାଜକୁ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିରୂପେ ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ, ସମ୍ପାଦକ ମିହିରକାନ୍ତ ପ୍ରହରାଜ, ପୋଖରୀପୁଟ ଡ଼ିଏଭି ପବ୍ଲିକ ସ୍କୁଲ୍‌ର କଳା ଶିକ୍ଷକ ତଥା ଚିତ୍ରଶିଳ୍ପୀ ବିଜୟ ପଣ୍ଡା ଯୋଗ ଦେଇ କର୍ମ ହିଁ ଭଗବାନ ଏବଂ କର୍ମ ହିଁ ଉପାସନା ବୋଲି ମତପ୍ରକାଶ କରିଥିଲେ।

## ଭାରତୀୟ ମଜଦୁର ସଂଘର ୧୬ତମ ତ୍ରୟୋବାର୍ଷିକ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,୩।୪ (ନି.ପ୍ର): ଭାରତୀୟ ମଜଦୁର ସଂଘ ଓଡ଼ିଶା ରାଜ୍ୟର ୧୬ତମ ତ୍ରୟୋବାର୍ଷିକ ସମ୍ମିଳନୀ ଭୁବନେଶ୍ୱର ପ୍ରଭୁଜୀ ଇଂରାଜୀ ମିଡ଼ିୟମ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ଅଖିଳ ଭାରତୀୟ ସଭାପତି ଶ୍ରୀ ହିରଣ୍ମୟ ପାଣ୍ଡ୍ୟା ଯୋଗଦାନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭାରତବର୍ଷରେ ଦେଖା ଦେଉଥିବା ଶ୍ରମିକ ସମସ୍ୟା ଓ ତାର ସମାଧାନ ପାଇଁ ଭାରତୀୟ ମଜଦୁର ସଂଘର ଭୂମିକା ଉପରେ ଆଲୋକପାତ କରିଥିଲେ। ଭାରତୀୟ ମଜଦୁର ସଂଘ ରାଜ୍ୟ ସଭାପତି ଶ୍ରୀ ଦିଲ୍ଲିପ କୁମାର ଦାସ ସମ୍ମିଳନୀରେ ଅଧକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଶ୍ରୀ ବିନୟ କୁମାର ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ମଜଦୁର ସଂଘର କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଶ୍ରୀ ଗଣେଶ ପ୍ରସାଦ ମିଶ୍ରା ଯୋଗଦାନ କରିଥିଲେ। କରୋନା ସମୟରେ ଆର୍ଥିକ ସମସ୍ୟାରତ ସମ୍ମୁଖୀନ ହୋଇଥିବା ପ୍ରବାସୀ ଶ୍ରମିକମାନଙ୍କ ଜୀବନ ଜୀବିକାର ସମସ୍ୟା ଓ ରାଜ୍ୟରେ ଥିବା ଲକ୍ଷ ଲକ୍ଷ ସଂଖ୍ୟାରେ ଅସଂଗଠିତ ଶ୍ରମିକମାନଙ୍କ ସମସ୍ୟା ସମ୍ବନ୍ଧରେ ପ୍ରସ୍ତାବ ଗ୍ରହଣ କରାଯିବା ସହିତ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଅନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବା ପାଇଁ ସର୍ବସମ୍ମତିକ୍ରମେ ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା।

# ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ଭୁବନେଶ୍ୱର ,୩।୪ (ନି.ପ୍ର): ରାଜ୍ୟର ବହୁ ବଡ଼ବଡ଼ ପ୍ରକଳ୍ପର ଠିକାଦାରୀ ହାତଉଛନ୍ତି ଅଣଓଡ଼ିଆ ଠିକାଦାର। ୮୦ ଶତକଡ଼ା ମେଗା ପ୍ରକଳ୍ପ ନିର୍ମାଣ କାମ ଅଣଓଡ଼ିଆ ଠିକାଦାରମାନେ ପାଉଛନ୍ତି। ଫଳରେ ଓଡ଼ିଆ ଠିକାଦାରମାନେ ଏଥିରୁ ବଞ୍ଚିତ ହେଉଛନ୍ତି। କେବଳ ସେତିକି ନୁହେଁ, ଓଡ଼ିଆ ଠିକାଦାରମାନଙ୍କୁ ଯେଉଁ ଦରରେ କାମ ଦିଆଯାଉଛି, ତା'ଠାରୁ ବହୁ ଉଚ୍ଚ ଦରରେ ଅଣଓଡ଼ିଆ ଠିକାଦାରମାନଙ୍କୁ କାମ ଦିଆଯାଉଛି। ଆଜି ହୋଟେଲ କେଶରୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଭଳି ପଟ୍ଟନାୟକ ପ୍ରଶ୍ନ ଉଠାଇଥିଲେ। ମନ୍ତ୍ରୀ ପ୍ରତାପ ଜେନା ନକରାତ୍ମକ ଢଙ୍ଗରେ ଉତ୍ତର ଦେଇଥିଲେ। ପ୍ରତି ଅପମାନ। ଆଗାମୀ ୬ତାରିଖ ଭିତରେ ଯଦି ମନ୍ତ୍ରୀ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ନକରନ୍ତି, ତେବେ ସଂଘ

### ୮୦% ବୃହତ୍ ପ୍ରକଳ୍ପ କାମ ନେଉଛନ୍ତି ଅଣଓଡ଼ିଆ ଠିକାଦାର

ସଂଗିନ୍ ଅଭିଯୋଗ ଆଣିଛି ନିଖିଳ ଓଡ଼ିଶା ଠିକାଦାର ମହାସଂଘ। ସୂଚନାଯୋଗ୍ୟ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ରାଜ୍ୟର ଠିକାଦାରଙ୍କୁ କ'ଣ ପାଇଁ ସୁଯୋଗ ମିଳୁନି ବୋଲି ବିଧାନସଭାରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ମନ୍ତ୍ରୀଙ୍କ ଉତ୍ତରକୁ ଦୃଢ଼ ନିନ୍ଦା କରି ଆଜି ନିଖିଳ ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ମହାସଂଘର ସଭାପତି ପ୍ରଭାତ ଦାଶ କହିଛନ୍ତି, ମନ୍ତ୍ରୀ ଶ୍ରୀ ଜେନାଙ୍କ ଉତ୍ତର ଓଡ଼ିଶାର ଠିକାଦାରମାନଙ୍କ ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବ ବୋଲି ଆଜି କୁହାଯାଇଛି। ମହାସଂଘ ଅଭିଯୋଗ କରିଛି ଯେ ଓଡ଼ିଶା ସରକାର ବିଭିନ୍ନଛୋଟଛୋଟ ପ୍ରକଳ୍ପକୁ ମିଶାଇ ଗୋଟିଏ ବିରାଟ ପ୍ୟାକେଜ୍ କରି ଶହ ଶହ କୋଟି ଟଙ୍କାରେ ଅଣଓଡ଼ିଆ ଠିକାଦାରମାନଙ୍କୁ ଦେଉଛନ୍ତି। ଓଡ଼ିଶାର ତିନି ମେଡିକାଲ କଲେଜର ୯୪ଟି ବିଲ୍ଡିଂ କାମକୁ ଏକାଠି କରି ବିପୁଳ ଟଙ୍କାରେ ଲାରସେନ ଆଣ୍ଡ ଟୁବ୍ରୋ କମ୍ପାନିକୁ ଦିଆଯାଇଛି। ଏହାକୁ ଓଡ଼ିଶାର ଠିକାଦାରମାନେ ଅପେକ୍ଷାକୃତ କମ୍ ଟଙ୍କାରେ କରିପାରିଥାନ୍ତେ। ସେହିପରି ବିଭିନ୍ନ ରାସ୍ତାକୁ ଏକାଠି କରି ବଡ଼ ପ୍ୟାକେଜ୍ କରି ଅଣଓଡ଼ିଆ ଠିକାଦାରଙ୍କୁ ଦିଆଯାଉଛି। ଓଡ଼ିଶାର ପ୍ରାୟ ୭୮ଟି ବୃହତ ଜଳ ପ୍ରକଳ୍ପ ସୃଷ୍ଟି କରି ଅଣଓଡ଼ିଆ ଠିକାଦାରଙ୍କୁ ଟେଣ୍ଡର କରି ଦିଆଯାଇଛି। ସେହପରି ଖାରବେଳ ଭବନର ନିର୍ମାଣକୁ ନେଇ ସଂଘ ପ୍ରଶ୍ନ ଉଠାଇଛି। ଏହି କାମକୁ ଓଡ଼ିଶାର ଠିକାଦାରମାନେ ବର୍ଗଫୁଟକୁ ୯୫୦ ଟଙ୍କାରୁ ୧୫୦୦ ଟଙ୍କା ଭିତରେ କରିପାରିଥାନ୍ତେ, କିନ୍ତୁ ଏହାକୁ ଏଲ୍ଆଣ୍ଡଟି କମ୍ପାନିକୁ ବର୍ଗଫୁଟ ପ୍ରତି ୫୫୦୦ ଟଙ୍କାରେ ଟେକି ଦିଆଯାଇଛି। ଏଭଳି ନିଷ୍ପତ୍ତି ରାଜ୍ୟର କେଉଁ ସ୍ୱାର୍ଥରେ କରାଯାଇଛି ବୋଲି ସଂଘ ପ୍ରଶ୍ନ କରିଛି। ଏବେ ଏହି ବିଲ୍ଡିଂରେ ସବୁବେଳେ ଫାଟ ଦେଖା ଯାଉଛି ଓ ଚୂନ ମାରି ମରାମତି କରାଯାଉଛି ସଂଘ କହିଛି।

## ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ

ଭୁବନେଶ୍ୱର,୩।୪ (ନି.ପ୍ର): ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ ଶୁକ୍ରବାର ଦିନ ଭବୀନାପାଟଣା ପୌର ପାଳିକାରେ ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଶ୍ରୀ ନାଏକ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ସେ ଭବାନୀପାଟଣା ପୌରପାଳିକାର ୱାର୍ଡ୍ ନଂ ୨ ଠାରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ମାନର ରାସ୍ତା ଯୋଗାଇଦେବା ଲକ୍ଷରେ ୬,୩୫,୦୦୦ ଟଙ୍କା ର ଅଟକଳ ମୂଲ୍ୟର ପକ୍କା ରାସ୍ତା ଓ ନାଳି ନିର୍ମାଣ ପ୍ରକଳ୍ପ ର ଭତି ପ୍ରସ୍ତର ସ୍ଥାପନ କରିଛନ୍ତି । ସେହିପରି ଭବାନୀପାଟଣା ପୌରପାଳିକାର ୱାର୍ଡ୍ ନଂ ୧ ଠାରେ ସ୍ଥାନୀୟ ଜନସାଧାରଣଙ୍କୁ ଉନ୍ନତ ମାନର ରାସ୍ତା ଯୋଗାଇଦେବା ଲକ୍ଷରେ ୫,୧୭,୦୦୦ ଟଙ୍କା ର ଅଟକଳ ମୂଲ୍ୟର ରାସ୍ତା ନିର୍ମାଣ ପ୍ରକଳ୍ପ ର ଭିତି ପ୍ରସ୍ତର ସ୍ଥାପନ କରିଥିବା ପ୍ରକାଶ କରିଛନ୍ତି।

# କ୍ରିକେଟ ବଢ଼ାଇଲା ସଂକ୍ରମଣ: ହେଲେ ସୀମା ସିଲ୍ ସମାଧାନ ନୁହେଁ



ଭୁବନେଶ୍ୱର,୩।୪ (ନି.ପ୍ର): କ୍ରିକେଟ ଖେଳ ବଢ଼ାଇଲା ସଂକ୍ରମଣ। ରାଜ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆସିବା ସହ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ୫ ଶହ ମୁହାଁ ହୋଇଛି। ମୁଖ୍ୟତଃ ଛତିଶଗଡ଼ ସୀମାନ୍ତ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ରାଜ୍ୟ ସରକାରଙ୍କ ଚିନ୍ତାକୁ ବଢ଼ାଇ ଦେଇଛନ୍ତି। ଛତିଶଗଡ଼ରେ ହୋଇଥିବା ଆଇପିଏଲ୍ ମ୍ୟାଚ ସଂକ୍ରମଣକୁ ଅଧିକ ବଢ଼ାଇଛି। ହେଲେ ସୀମା ସିଲ୍ ସମାଧାନ ନୁହେଁ, ମାସ୍କ ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦେବାକୁ କହିଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ।

ଏନେଇ ଗୃହ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି, " ସ୍ଥିତି ଉପରେ ନଜର ରଖାଯାଇଛି। ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଅଧିକ ସଂକ୍ରମିତ ଚିହ୍ନଟ ହେଲେ କଣ୍ଟେନମେଣ୍ଟ କରାଯାଉଛି। ନୂଆପଡ଼ା ଓ କଳାହାଣ୍ଡି ପରିସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ଛତିଶଗଡ଼ରେ ହୋଇଥିବା ଆଇପିଏଲ୍ ? ମ୍ୟାଚ ଦେଖିବାକୁ ବିଭିନ୍ନ ଅଞ୍ଚଳର ଲୋକ ଏକତ୍ରିତ ହୋଇଥିଲେ। ତେଣୁ ସେଠାରୁ ମହାମାରୀ ସଂକ୍ରମଣ ଅଧିକ ବଢ଼ିଥିବା ଅନୁମାନ କରାଯାଉଛି। କଳହାଣ୍ଡି, ନୂଆପଡ଼ାକୁ ଛତିଶଗଡ଼ରୁ ଆସୁଥିବା ଲୋକଙ୍କୁ ଟେଷ୍ଟିଂ ପାଇଁ କୁହାଯାଇଛି।" ରାଜ୍ୟରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆସିବା ସହ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା କ୍ଷିପ୍ର ବେଗ୍‌ରେ ବଢ଼ି ଚାଲିଛି। ଏହାକୁ ନଜରରେ ରଖି ସଜାଗ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଛି । ପଡ଼ୋଶୀ ଛତିଶଗଡ଼ର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଥିବାରୁ ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ସଜାଡ଼ିବାକୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟରେ କରୋନା ଟେଷ୍ଟକୁ ପ୍ରାଥମିକତା ଦେବାକୁ ସ୍ୱାସ୍ଥ୍ୟ ସଚିବ ପ୍ରଦୀପ୍ତ ମହାପାତ୍ର କହିଛନ୍ତି । ଏହାସହ କଣ୍ଟାକ୍ଟ ଟ୍ରେସିଂ କୁ ଜୋର୍ ଦେବାକୁ କୁହାଯାଇଛି । ଏହାବ୍ୟତୀତ ଜିଲ୍ଲାର ହସ୍ପିଟାଲଗୁଡ଼ିକରେ ଅକ୍ସିଜେନ୍ ସିଲିଣ୍ଡର ମହଜୁଦ୍ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ୨୫୦ଟି ବେଡ୍ ପ୍ରସ୍ତୁତ ରଖିବାକୁ କଟକ ବଡ଼ ମେଡିକାଲକୁ ସରକାରଙ୍କ ପକ୍ଷରୁ କୁହାଯାଇଛି । ଆବଶ୍ୟକ ଅନୁସାରେ ଭୁବନେଶ୍ୱରରେ ବେଡ୍ ସଂଖ୍ୟା ବଢ଼ାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି ।

# ୪ ମାସ ପରେ ସର୍ବାଧିକ ସଂକ୍ରମିତ

## ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଓ ଆଇସୋଲେସନ୍ ସେଣ୍ଟର ପୁଣି ଖୋଲିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର,୩।୪ (ନି.ପ୍ର): ରାଜ୍ୟରେ ଠିକ୍ ୪ ମାସ ପରେ ପ୍ରଥମଥର ପାଇଁ ସଂକ୍ରମିତଙ୍କ ସଂଖ୍ୟା ୪୬୧ ଜଣ ହେଇଥିବାରୁ ରାଜ୍ୟ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱତନ୍ତ୍ର ଫିଭର (ଜ୍ୱର) କ୍ଲିନିକ ଖୋଲିବା ସହ ସମସ୍ତ ଜିଲ୍ଲା କଣ୍ଟ୍ରୋଲ ରୁମକୁ ପୁଣିଥରେ ଆୟୁଷ ଡାକ୍ତରମାନଙ୍କ ଦ୍ୱାରା ସକ୍ରିୟ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଅଜିତ୍ କୁମାର ମହାନ୍ତି ଆଜି ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ କ୍ୟାପିଟାଲ ହସ୍ପିଟାଲ ଓ ରାଉରକେଲା ସରକାରୀ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଚିଠି ଲେଖି କୋଭିଡ୍ ସଂକ୍ରମିତ ମାମଲା ବୃଦ୍ଧି ପାଉଥିବାରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ମହାନ୍ତି ତାଙ୍କ ଚିଠିକୁ 'ଅତ୍ୟନ୍ତ ଜରୁରୀ' ବୋଲି ଦର୍ଶାଇ ଲେଖିଛନ୍ତି ଯେ, କୋଭିଡ୍ ମହାମାରୀର ଦ୍ୱିତୀୟ ଲହରୀ ଏବେ ଆସିଛି। ବିଭିନ୍ନ ଜିଲ୍ଲାରେ ବୃଦ୍ଧି ପାଉଥିବା କୋଭିଡ୍ ସଂକ୍ରମଣ ମାମଲାର ମୁକାବିଲା ପାଇଁ ତୁରନ୍ତ କେତେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ସର୍ଭିଲାନ୍ସ ଓ ଆରଟିପିସିଆର ଟେଷ୍ଟ ବୃଦ୍ଧି କରିବାକୁ ପରାମର୍ଶ ଦେଇ ସେ କହିଛନ୍ତି ଯେ, ଫ୍ଲୁ ଜନିତ ଅସୁସ୍ଥତା(ଆଇଏଲଆଇ) ଓ ଗୁରୁତର ନିଶ୍ୱାସପ୍ରଶ୍ୱାସ ସମସ୍ୟା ବା ସଂକ୍ରମଣ(ଏସଏଆରଆଇ) ମାମଲା, ରେଡ୍ ଫ୍ଲାଗ୍ ଚିହ୍ନଟ ହୋଇଥିବା ଅଂଚଳ ଓ ରାଜ୍ୟରୁ ଆସୁଥିବା ଲୋକ ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକ, ପ୍ରତ୍ୟେକ ସଂକ୍ରମଣ ମାମଲାର ୨୫ରୁ ୩୦ଟି କଣ୍ଟାକ୍ଟ ଟ୍ରେସିଂ, କଣ୍ଟେନମେଣ୍ଟ ଜୋନରେ ଥିବା ସବୁ ଲୋକଙ୍କ କୋଭିଡ୍ ପରୀକ୍ଷାକୁ ବୃଦ୍ଧି କରିବାକୁ ପଡ଼ିବ। ସମସ୍ତ ଆରଏଟି(ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ) ନେଗେଟିଭ ଲକ୍ଷଣ ଥିବା ମାମଲାକୁ ଆରଟିପିସିଆର କିଟ୍ ମାଧ୍ୟମରେ ପରୀକ୍ଷା କରାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁଦିନ ନମୁନା(ସାମ୍ପୁଲ) ସଂଗ୍ରହ ହେବ, ତା'ପରଦିନ ସକାଳ ସୁଦ୍ଧା ଯେଭଳି ତାହା ଲାବ୍ରୋଟୋରୀରେ ପହଂଚିବ ତାହା ସୁନିଶ୍ଚିତ କରିବା ସହ ୪୮ଘଣ୍ଟା ମଧ୍ୟରେ ରିପୋର୍ଟ ଉପଲବ୍ଧ ହେବା ଦରକାର। ଜିଲ୍ଲା କଣ୍ଟ୍ରୋଲ ରୁମକୁ ସକ୍ରିୟ କରି ସେଠାରେ ଆୟୁଷ ଡାକ୍ତରଙ୍କ ଟିମକୁ ମୁତୟନ କରାଯିବ। ସେମାନେ ଦୈନିକ ସଂକ୍ରମିତଙ୍କୁ କଲ୍ କରିବେ ଓ ଲୋକଙ୍କ କଲ୍ ରିସିଭ୍ କରି ସେମାନଙ୍କୁ ଚିକିତ୍ସା ପରାମର୍ଶ ଦେବେ। ସେମାନେ ବ୍ଲକ ଆରଆରଟି ଟିମ୍ ସହ ସମନ୍ୱୟ ରକ୍ଷା କରି ସଂକ୍ରମିତ ମାମଲାର ନିୟମିତ ତଦାରଖ କରିବେ। କୋଭିଡ୍ ଚିକିତ୍ସା ପ୍ରୋଟୋକଲ ଅନୁସାରେ ସନ୍ଦିଗ୍ଧ ଓ ସଂକ୍ରମିତଙ୍କୁ ଆବଶ୍ୟକ ପଡ଼ିଲେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ଓ ପରିବହନ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ପ୍ରତ୍ୟେକ ଜିଲ୍ଲା ହସ୍ପିଟାଲ, ସବଡିଭିଜନ ହସ୍ପିଟାଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସୋଲେସନ୍ ସୁବିଧା ଉପଲବ୍ଧ କରାଇବା ଏବଂ ସ୍ୱଳ୍ପ ନୋଟିସରେ ଯେପରି ସରକାରୀ କୋଭିଡ୍ ହସ୍ପିଟାଲଗୁଡ଼ିକୁ ଅକ୍ସିଜେନ ଓ ଆଇସିୟୁ ସୁବିଧା ସହ ସକ୍ରିୟ କରିହେବ ସେଥିପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି। ଆରଆରଟି ଟିମଗୁଡ଼ିକ ସମସ୍ତ ବ୍ଲକ ଓ ଜିଲ୍ଲାରେ ମୁତୟନ ହେବେ। ସେମାନେ କୋଭିଡ୍ ମାମଲାର ତଦାରଖ କରିବା ସହ ଫାଭିପିରାଭିର ସମେତ ଅନ୍ୟ ଔଷଧ ପ୍ରଦାନ କରିବେ। ଓଡ଼ିଶା ରାଜ୍ୟ ମେଡିକାଲ ନିଗମ ସହ ଯୋଗାଯୋଗ କରି ପିପିଇ, ଟେଷ୍ଟ ସଂକ୍ରାନ୍ତ ସାମଗ୍ରୀ, ଔଷଧ, ଅକ୍ସିଜେନ୍ ଆଦି ସମସ୍ତ ଆନୁସଙ୍ଗିକ ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣର ଉପଲବ୍ଧ ରଖିବାକୁ କୁହାଯାଇଛି । କୋଭିଡ୍ ମାମଲାକୁ ପରିଚାଳନା ନିମନ୍ତେ ଆଇସିୟୁ, ଲେବର ରୁମ, ଓଟି, କାଜୁଆଲିଟି, ଡାୟାଲିସିସକୁ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦିଆଯାଇଛି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଅପ୍ରେଲ୍, ୨୦୨୧
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୨

(ପୂର୍ବପ୍ରକାଶିତ ଉତ୍ତାରୁ...)

ଏହି ସାର୍ଟିଫିକେଟ୍ ସହ ଦରଖାସ୍ତ ସହିତ ମୁଁ ପଲିଟିକାଲ୍ ଏଜେଣ୍ଟଙ୍କ ସହିତ ସମ୍ବଲପୁରରେ ସାକ୍ଷାତ କଲି । ମୋତେ ଦେଖି ପଲିଟିକାଲ୍ ଏଜେ L.E.B. Cobden Ramsay, I.C.S. କହିଲେ ଯେ, ମୋର ବୟସ ଅତି ଅଳ୍ପ ଆଉ ବର୍ଷେ ଅପେକ୍ଷା କରିବାକୁ ହେବ ।

ବରଗଡ଼ରେ ପ୍ରାୟ ଛଅମାସ ରହି ଏ ଦରଖାସ୍ତ ଦେବା ପୂର୍ବରୁ ସେହି ସ୍ଥାନର କାର୍ଯ୍ୟ ଛାଡ଼ି ଦେଇଥିଲି । ୧୯୦୯ ମସିହାରେ ପଲିଟିକାଲ୍ ଏଜେଣ୍ଟଙ୍କ କଥାମତେ ପୁଣି ଦରଖାସ୍ତ କଲି । ସେହିବର୍ଷ କଲିକତାରେ ୟୁନିଭର୍ସିଟି ଲ କଲେଜ ଉନ୍ନତ ଧରଣର ଆଇନ ଶିକ୍ଷା ସକାଶେ ସ୍ଥାପିତ ହେଲା । କଟକ ରେଭେନ୍ସା କଲେଜରୁ ଲ (ଆଇନ) କ୍ଲାସ ଉଠାଇ ଦେଇ କଲିକତାର ଉକ୍ତ ଆଇନ କଲେଜର ଶିକ୍ଷା ସକାଶେ ଓଡ଼ିଶା ଗ୍ରାଜୁଏଟ୍‌ଙ୍କ ପାଇଁ ଟ.୩୦/-ର ଛଅଗୋଟି ବୃତ୍ତି ସରକାର ମଞ୍ଜୁର କଲେ । ଦରଖାସ୍ତ କରି ତହିଁରୁ ଗୋଟିଏ ମୁଁ ପାଇଲି ଓ ସେହିବର୍ଷ ଜୁଲାଇ ମାସରେ ସେହି କଲେଜରେ ଭର୍ତ୍ତିହେଲି । କିନ୍ତୁ ସରକାରୀ ଚାକିରି ସକାଶେ ପଲିଟିକାଲ୍ ଏଜେଣ୍ଟ ମୋତେ ମନୋନୀତ କରିଥିଲେ ଓ ସବ୍‌ଡେପୁଟି ପଦରେ ନିଯୁକ୍ତ ହୋଇ ଲ କଲେଜ ତ୍ୟାଗକଲି ।

ସବ୍‌ଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହୋଇ ମୁଁ ସମ୍ବଲପୁରରେ ଅବସ୍ଥାପିତ ହେଲି ଓ ୭.୧୨.୧୯୦୯ରେ ମୋର ନୂତନ କାର୍ଯ୍ୟରେ ଯୋଗଦାନ କଲି । ୧୯୦୮ ମସିହାରେ ସମ୍ବଲପୁରର ଶ୍ରୀ ଦୁର୍ଗାପ୍ରସାଦ ମିଶ୍ର ଡେପୁଟି କଲେକ୍ଟର ପଦ ପ୍ରାପ୍ତ ହୋଇଥିଲେ । ଏହାଙ୍କ ପିତା ବନମାଳୀ ମିଶ୍ର ଉଚ୍ଚ ରାଜ କର୍ମଚାରୀ (ମଧ୍ୟପ୍ରଦେଶ ସରକାରଙ୍କ ଅଧୀନସ୍ଥ ଏକ୍ସ୍ଟ୍ରା ଆସିଷ୍ଟାଣ୍ଟ କମିଶନର) ଥିଲେ । ଅନ୍ୟ କାରଣ ସହିତ ଏହି ସମ୍ବନ୍ଧ ଯୋଗୁଁ ସେ ତିନିଥର ବି.ଏ. ପରୀକ୍ଷାରେ ଫେଲ୍ ହୋଇଥିଲେ ସୁଦ୍ଧା ସେ ଡେପୁଟି କଲେକ୍ଟର ହେଲେ ଓ ମୁଁ କେବେ କୌଣସି ପରୀକ୍ଷାରେ ଫେଲ୍ ହୋଇନଥିଲେ ମଧ ମୋର ପରିବାର କେହି କେବେ ସରକାରୀ ଚାକିରି କରି ନଥିଲେ ବୋଲି ମୁଁ ସବ୍‌ଡେପୁଟି ହେଲି । ୧୯୦୪ ସାଲ ପର୍ଯ୍ୟନ୍ତ ଡେପୁଟି ଓ ସବ୍‌ଡେପୁଟି କଲେକ୍ଟର ପଦ ପ୍ରତିଯୋଗିତା-ମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଉପରେ ନିର୍ଭର ଥିଲା । ୧୯୦୫ ସାଲରେ ବଙ୍ଗ ସରକାର ଏହି ପରୀକ୍ଷା ଉଠାଇ ଦେଲେ ଓ ଜିଲ୍ଲା ହାକିମଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ବିଭାଗୀୟ କମିଶନରମାନଙ୍କ ସୁପାରିଶ ଅନୁସାରେ ପ୍ରାର୍ଥୀବିଶେଷଙ୍କ ନିଯୁକ୍ତିର ନିୟମ ପ୍ରବର୍ତ୍ତିତ ହେଲା । ଏହି ନିୟମ ଯୋଗୁଁ ଦେଖାଗଲା ଯେ, ଜିଲ୍ଲା ହାକିମ ଓ କମିଶନରଙ୍କ ଖାମଖିଆଲିରେ କେତେକ ନିଯୁକ୍ତ ହୋଇଗଲେ । ଶିକ୍ଷାମୂଳକ ଯୋଗ୍ୟତା ବିଚାର ଏହା ପଛକୁ ପଡ଼ିରହିଲା । ଏମାନଙ୍କ ମଧ୍ୟରୁ ଅନେକେ ପୂର୍ବ ସରକାରୀ କର୍ମଚାରୀମାନଙ୍କ ପୁତ୍ର ଓ ଜ୍ଞାତିମାନେ ।


ମୋର ଗୁଣ ମଧ୍ୟରେ କେବଳ ମୁଁ ବି.ଏ ପାସ୍ କରିଛି ଓ ମୋ ପକ୍ଷରେ କହିବା ପାଇଁ କେହି ନାହିଁ । ଦରଖାସ୍ତ କରିଥିଲି ଡେପୁଟି ପାଇଁ । କିନ୍ତୁ ୧୯୦୯ ସାଲରେ ଓଡ଼ିଶାର ଭାଗରେ ପଡ଼ିଥିଲା ଗୋଟିଏ ମାତ୍ର ସବ୍‌ଡେପୁଟି । ନିଯୁକ୍ତି ପତ୍ର ପାଇଲା ଉତ୍ତାରେ କେତେକ ଦିନ ଗଲା ଭାବନାରେ, ଏହା ଗ୍ରହଣ କରିବି ନା ଲ କଲେଜରେ ଆଇନ ଶିକ୍ଷା ଶେଷ କରିବି । ୧୯୦୬ ସାଲରେ ଏଫ୍.ଏ. ପରୀକ୍ଷା ଦେଲା ପରେ ମୋର ତତ୍କାଳୀନ ପ୍ରଥା ଅନୁସାରେ ଅଠର ବର୍ଷ ବୟସରେ ବିବାହ ହୋଇଯାଇଥିଲା । ବର୍ତ୍ତମାନ ମୁଁ ପୂର୍ଣ୍ଣ ଗୃହସ୍ଥାଶ୍ରମର ନିଗଡ଼ରେ ବଦ୍ଧ ହୋଇ ଯାଇଅଛି । ପାରିବାରିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ଏ ସମସ୍ତ କାରଣରୁ ଧର୍ମପିତାଙ୍କ ଉପଦେଶାନୁସାରେ ଅଗତ୍ୟା ଚାକିରି ଗ୍ରହଣ କଲି ।

ଦାରିଦ୍ର୍ୟ ମନୁଷ୍ୟଙ୍କୁ ଅମନୁଷ୍ୟ କରିପକାଏ । ଯେତେ ଉଚ୍ଚ ଆଦର୍ଶ ସମ୍ମୁଖରେ ରଖି ଜୀବନ ଆରମ୍ଭ କରିଥିଲେ ସୁଦ୍ଧା ଦାରିଦ୍ର୍ୟର ପେଷଣରେ କାଳକ୍ରମେ ତାହା କେଉଁ ଆଡ଼କୁ ଉଭେଇଯାଏ । ଥରେ ଭୁଲ୍ କଲେ ତାହା ଆଉ ସଂଶୋଧନ କରାଯାଇପାରେ ନାହିଁ । ପରବର୍ତ୍ତୀ ଜୀବନର ଘଟଣାବଳୀରୁ ଏହା ମୁଁ ଅନୁଭବ କରିଅଛି ।

ଏହି ସମୟରେ ସମ୍ବଲପୁରର ଶ୍ରୀ ଜଗନ୍ନାଥ ପ୍ରସାଦ ପଟ୍ଟନାୟକ ମଧ ସବ୍‌ଡେପୁଟି ହୋଇ ସମ୍ବଲପୁରରେ ରହିଥିଲେ । ଜଗନ୍ନାଥ ବାବୁ ଏଣ୍ଟ୍ରାନ୍ସ ସୁଦ୍ଧା ପାସ୍ କରିନଥିଲେ । ୧୯୦୮ ସାଲରେ ବଙ୍ଗପ୍ରଦେଶର ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ସାର୍ ଏଣ୍ଡୃଫେଜର୍ ସମ୍ବଲପୁର ଓ ନିକଟବର୍ତ୍ତୀ ଗଡ଼ଜାତ ଅଞ୍ଚଳକୁ ଗସ୍ତରେ ଆସିଥିବା ସମୟରେ ସମ୍ବଲପୁର ସୀମାବର୍ତ୍ତୀ ରେଢ଼ାଖୋଲ ଜଙ୍ଗଲରେ ଶିକାର କରିବାକୁ ଯାଇଥିଲେ । ସେହି ସମୟରେ ଜଗନ୍ନାଥ ବାବୁଙ୍କ ପିତା ଶ୍ରୀ ହରିବନ୍ଧୁ ପଟ୍ଟନାୟକ ରେଢ଼ାଖୋଲ ଷ୍ଟେଟ୍‌ର ଦେୱାନ । ସାହେବଙ୍କୁ ଶିକାରରେ ସାହାଯ୍ୟ କରିବା ପାଇଁ କେତେକ ଲୋକଙ୍କ ସହିତ ହରିବନ୍ଧୁ ବାବୁ ଜଙ୍ଗଲ ମଧ୍ୟରେ ପ୍ରବିଷ୍ଟ ହୋଇଥିବା ସମୟରେ ବାଘ ତାଙ୍କୁ ଆକ୍ରମଣ କଲା । କ୍ଷତବିକ୍ଷତ ଶରୀରରେ ତାଙ୍କୁ ସମ୍ବଲପୁର ହସ୍‌ପାତାଲକୁ ଅଣାଗଲା ଓ ସେଠାରେ ତାଙ୍କର ମୃତ୍ୟୁହେଲା । ଏହି ଦୁର୍ଘଟଣା ଯୋଗୁଁ ତାଙ୍କ ପୁତ୍ର ଜଗନ୍ନାଥ ପ୍ରସାଦଙ୍କୁ ସବ୍‌ଡେପୁଟି ଓ ଅପର ପୁତ୍ର ନଟବରଙ୍କୁ ସବ୍‌ରେଜିଷ୍ଟ୍ରାର୍ ଚାକିରି ଦିଆ ହୋଇଥିଲା । ଜଗନ୍ନାଥ ବାବୁ ବିଭାଗୀୟ ଆଇନ ପ୍ରଭୃତି ପରୀକ୍ଷାରେ ଉତ୍ତୀର୍ଣ୍ଣ ନହୋଇ ଓ ସବ୍‌ଡେପୁଟି କାର୍ଯ୍ୟ ଚଳାଇ ନପାରି ପରେ ସବ୍‌ରେଜିଷ୍ଟ୍ରାର୍ ପଦଗ୍ରହଣ କରିଥିଲେ । ଏହିପରି ମନୋନୟନ ମୂଳକ ନିଯୁକ୍ତିର ଆଉ କେତେକ ଦୃଷ୍ଟାନ୍ତ ମଧ ମିଳିପାରିବ ।

ଏହିପରି ପରିସ୍ଥିତି ଊଣା ଅଧିକ ବିଦ୍ୟମାନ ଥିଲେ ସୁଦ୍ଧା ସମ୍ବଲପୁର ଅଞ୍ଚଳର ଲୋକେ ନିର୍ଶ୍ଚିନ୍ତ ହୋଇ ରହିପାରିନଥିଲେ । ୧୯୦୫ ସାଲରେ ମଧ୍ୟପ୍ରଦେଶରୁ ଆସି ବଙ୍ଗ ପ୍ରଦେଶସ୍ଥ ଉନ୍ନତ ଶାସନରେ ରହିଲା ଉତ୍ତାରେ, ସେମାନଙ୍କୁ ଓଡ଼ିଶାବାସୀଙ୍କ ସହିତ ପ୍ରତିଯୋଗିତାମୂଳକ ଏକ ନୂତନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ସେମାନେ ଶିକ୍ଷାର ଆବଶ୍ୟକତା ଅନୁଭବ କଲେ । ୧୮୪୯ ମସିହାରେ ସମ୍ବଲପୁର ଇଂରେଜ ଶାସନଭୁକ୍ତ ହୋଇଥିଲା । ସେତେବେଳକୁ ଓଡ଼ିଶାରେ ଇଂରେଜ ଶାସନର ପ୍ରାୟ ଅର୍ଦ୍ଧଶତାବ୍ଦୀ ହୋଇଗଲାଣି । ମରହଟ୍ଟା ଶାସନରୁ ଓଡ଼ିଶାକୁ ଇଂରେଜମାନେ ୧୮୦୩ ମସିହାରେ ନେଇଥିଲେ । ନବପ୍ରବର୍ତ୍ତିତ ଇଂରେଜି ଶିକ୍ଷାଲୋକ ସମ୍ବଲପୁରବାସୀଙ୍କ ଉପରେ ସେତେ ପ୍ରତୀତ ହୋଇନଥିଲା । ଯେତେବେଳେ ମଧ୍ୟପ୍ରଦେଶରୁ ଯାଇ ସମ୍ବଲପୁର ଓଡ଼ିଶାରେ ମିଳିତ ହେଲା ସେତେବେଳେ ସମ୍ବଲପୁରବାସୀ ପାଞ୍ଚଜଣ ମାତ୍ର (ରାମକୃଷ୍ଣ ମିଶ୍ର, ଦୀନବନ୍ଧୁ ପଟ୍ଟନାୟକ, ତାଙ୍କ ଭାଇ ହରିବନ୍ଧୁ ପଟ୍ଟନାୟକ, ଦାଶରଥି ପୂଜାରୀ ଓ ହରିହର ପ୍ରଧାନ) ଉଚ୍ଚ ରାଜକାର୍ଯ୍ୟରେ ରହିଥିଲେ । ଏମାନଙ୍କ ପୂର୍ବେ ବନମାଳୀ ମିଶ୍ର ଓ ଗୋପୀନାଥ ଗୁରୁ ଏମାନଙ୍କ ତୁଲ୍ୟ ପଦପ୍ରାପ୍ତ ହୋଇଥିଲେ । ରାମକୃଷ୍ଣ ମିଶ୍ର ଅଳ୍ପ ଇଂରେଜି ଜାଣୁଥିଲେ । ଆଉ ସମସ୍ତେ କେବଳ ଓଡ଼ିଶାରେ ଶାସନ କାର୍ଯ୍ୟ ଚଳାଉଥିଲେ । ଏହି ସମୟକୁ ଯେଉଁମାନେ ଏମାନଙ୍କ ତୁଲ୍ୟ ଓଡ଼ିଶାର ଶାସନକାର୍ଯ୍ୟରେ ରହିଥିଲେ ସେମାନେ ସମସ୍ତେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ । ବଙ୍ଗପ୍ରଦେଶର ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମାନେ ସମସ୍ତେ ଏହି ପଦରେ ପ୍ରତିଷ୍ଠିତ ହୋଇ ରହିଥିଲେ । ୧୯୦୫ ସାଲରେ ସମ୍ବଲପୁର ଓଡ଼ିଶାକୁ ଆସିଲା ସମୟକୁ ଏହି ପରୀକ୍ଷା ଉଠିଯାଇ ମନୋନୟନ ଦ୍ୱାରା ରାଜକାର୍ଯ୍ୟରେ ନିଯୁକ୍ତିର ନିୟମ ପ୍ରଚଳିତ ହୋଇଥିଲେ ହେଁ ଏହାର ମୂଳନୀତି ଥିଲା ଉଚ୍ଚଶିକ୍ଷା । ଉଚ୍ଚପଦ ପ୍ରାପ୍ତି ସକାଶେ ସମ୍ବଲପୁରବାସୀଙ୍କୁ ଉଚ୍ଚଶିକ୍ଷା ଲାଭ କରିବାକୁ ହେବ । ଏଣୁ ଦେଖାଗଲା ସମ୍ବଲପୁରବାସୀ ଉଦାସୀନ ହୋଇ ରହିପାରିବ ନାହିଁ । ପୂର୍ବାପେକ୍ଷା ବହୁସଂଖ୍ୟାରେ ସମ୍ବଲପୁର ପିଲାମାନେ ସ୍କୁଲ କଲେଜକୁ ଆସିବାକୁ ଲାଗିଲେ । ସେହିଦିନରୁ ସମ୍ବଲପୁରର ଶିକ୍ଷିତ ବ୍ୟକ୍ତିମାନେ ଶାସନର ଭିନ୍ନଭିନ୍ନ ବିଭାଗରେ ଉଚ୍ଚପଦରେ ରହିଅଛନ୍ତି । ସମ୍ବଲପୁରବାସୀଙ୍କ ପକ୍ଷରେ ଓଡ଼ିଶା ସହିତ ମିଳନର ଶୁଭଫଳ ହେଲା ଉଚ୍ଚଶିକ୍ଷା ଲାଭ ।

ସମ୍ବଲପୁରରେ ମୁଁ ମୋ କାର୍ଯ୍ୟରେ ଯୋଗଦେଲା ଉତ୍ତାରେ ଡେପୁଟି କମିଶନର ମୋବର୍ଲି ସାହେବ (A.N. Moberly, I.C.S) ବିଭିନ୍ନ ବିଭାଗରେ ମୋ କାର୍ଯ୍ୟଶିକ୍ଷାର ନିର୍ଘଣ୍ଟ ପ୍ରସ୍ତୁତ କରିଦେଲେ ଓ ତଦନୁସାରେ ମୁଁ ମୋର ଶିକ୍ଷା ଆରମ୍ଭ କରିଦେଲି । ଶିକ୍ଷା ପୂରଣର ନିର୍ଦ୍ଦିଷ୍ଟକାଳ ଥିଲା ପ୍ରାୟ ଦୁଇବର୍ଷ । ଶିକ୍ଷା କରୁଥିବା ସମୟ ମଧ୍ୟରେ ନବନିଯୁକ୍ତ ଅଫିସରଙ୍କୁ ଭିନ୍ନ ଭିନ୍ନ ବିଭାଗର ଭାରପ୍ରାପ୍ତ ଅଫିସରଙ୍କ ଅଧୀନରେ କାର୍ଯ୍ୟଶିକ୍ଷା କରିବାକୁ ହେଉଥିଲା । ମୁଁ ଡେପୁଟି କଲେକ୍ଟର ଶ୍ରୀ ଶଶୀଭୂଷଣ ଶତପଥୀଙ୍କ ନିକଟରେ ଅଧିକାଂଶ ଶିକ୍ଷା ଗ୍ରହଣ କରୁଥିଲି । ସେ କଟକଜିଲ୍ଲାବାସୀ; ମୋତେ ଅତ୍ୟନ୍ତ ସ୍ନେହ କରୁଥିଲେ; ଯେହେତୁ ମୋର ଧର୍ମପିତାଙ୍କର ସେ ଜଣେ ବିଶିଷ୍ଟ ବନ୍ଧୁଥିଲେ । ଶଶୀବାବୁ ଯେପରି ପ୍ରତିଭାଶାଳୀ ସେହିପରି ସ୍ୱାଧୀନଚେତା ହାକିମ ଥିଲେ । (କ୍ରମଶଃ)



## ଡାଏରୀ -୫୯

ଓଡିଆ ସାହିତ୍ୟ କ୍ଷେତ୍ରରେ ଡ. ରଜନୀ ରଂଜନ ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...



### ମଂଚର ମାୟାରେ

ଛୋଟ ସହରର ଛୋଟ ରେଳଷ୍ଟେସନ । ରାତ୍ରୀକାଳିନ ପରିବେଶ । ଟି.ଟି.ଆଇ. ଷ୍ଟେସନମାଷ୍ଟର, କୁଲି, ଅପେକ୍ଷାରତ ଯାତ୍ରୀଗଣ ଯେଉଁମାନଙ୍କ ଭିତରେ ଥା'ନ୍ତି ପ୍ରେମୀଯୁଗଳ ଓ ଅନ୍ୟାନ୍ୟ ଚରିତ୍ର । କୁଷ୍ଠରୋଗାକ୍ରାନ୍ତ ଭିକାରୀଟିଏ ବି ଏ ଗହଳି ଭିତରେ ନିଜର ଅସ୍ତିତ୍ୱ ଜାହିର କରୁଥାଏ । ଟ୍ରେନ୍ ଆସେ ଯାଏ । ସବୁ ଯାଂତ୍ରିକ କୋଳାହଳ ଭିତରେ ଅହରହ ଘଟୁଥାଏ କିଛି ଘଟଣା ଦୁର୍ଘଟଣା । ଅଚିହ୍ନା ମଣିଷ ଚିହ୍ନା ହୁଏ ପୁଣି ମଂଚ ଛାଡ଼ିଯାଏ ।

ଏମିତି ଏକ କାହାଣୀର ପଟ୍ଟଭୂମିରେ ନାଟକ ପ୍ରସ୍ତୁତିର ଅୟମାରମ୍ଭ । ରମାକାନ୍ତ ବାନାର୍ଜୀଙ୍କ ରଚିତ 'ସାମୁହିକ' ଏକାଂକିକାକୁ ସଜେଇଥାନ୍ତି ବଂଧୁ ରଜନୀକାନ୍ତ ପଣ୍ଡା । କିଛି ବଂଧୁ ଏଭଳି ଏକ କାହାଣୀକୁ ସୀମିତ ସମ୍ବଳ ଓ ସୀମିତ ସମୟ ମଧ୍ୟରେ ପୁଣି ଆନ୍ତଃଶ୍ରେଣୀ ନାଟକ ପ୍ରତିଯୋଗିତାରେ ସାମିଲ କରିବା ପାଇଁ ଅନିଚ୍ଛା ପ୍ରକାଶ କରୁଥାନ୍ତି । ରଜନୀ ଦାଶ କିନ୍ତୁ ବଂଧୁ ରଜନୀ ପଂଡାଙ୍କୁ ଉତ୍ସାହିତ କଲା ଏଇ ନାଟକଟିକୁ ମଂଚସ୍ଥ କରିବା ପାଇଁ । ଆଇ.ଏ. ଶ୍ରେଣୀର ଦ୍ୱିତୀୟବାର୍ଷିକ ଛାତ୍ରଛାତ୍ରୀମାନଙ୍କ ନିବେଦିତ ଏହି ଏକାଂକିକାର ପ୍ରସ୍ତୁତି ଚାଲିଲା । ବଂଧୁମାନଙ୍କ ଭିତରେ ରଜନୀ ଦାଶ ଓ ଅଜୟ (ସ୍ୱାଇଁ)ଙ୍କର କିଛି ନାଟକ ସଂପର୍କୀତ ଅଭିଜ୍ଞତା ଥାଏ ।

ଦୀପା (ମନିଦୀପା ଦତ୍ତ)ବି ସଂଗୀତ ନାଟକ ମହାବିଦ୍ୟାଳୟ ନାଟକ ବିଭାଗରେ ନାମ ଲେଖାଇଥାଏ (ଅବଶ୍ୟ ସେତେବେଳେ ଏଇ ସୁଯୋଗ ଥିଲା ୟୁନିଭର୍ସିଟିରେ) । ନିର୍ଦ୍ଦେଶନା ଆମ ନିଜ ଭିତରେ ।

ଉତ୍ସାହ ଦେଉଥାନ୍ତି ଅଧ୍ୟାପକ ଅଧ୍ୟାପିକାମାନେ । ରଜନୀ ଦାଶ ଓ ବଂଧୁମାନେ ଅକ୍ଳାନ୍ତ ପରିଶ୍ରମ ଜାରି ରଖିଥାନ୍ତି ନାଟକଟିକୁ ସଫଳ କରିବା ପାଇଁ । ଅଭିନୟରେ ହରି (ଡ. ହରିହର କାନୁନ୍‌ଗୋ) ରଜନୀ (ରଜନୀକାନ୍ତ ପଣ୍ଡା), ଦୀପା (ମନିଦୀପା ଦତ୍ତ ପରେ ମଲ୍ଲିକ), ଜଗା, ଚିତ୍ତ, ଉତ୍କଳକେଶରୀ ଓ ଅନ୍ୟାନ୍ୟ ବନ୍ଧୁମାନେ ଥାନ୍ତି ।

ନିର୍ଦ୍ଦିଷ୍ଟଦ ଦିନ ହଲ୍‌ରେ ଭରପୁର ଦର୍ଶକ । ସାମ୍ନା ଚୌକିରେ ଖୋଦ୍ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ସିନିୟର (ବି.ଏ) ଶ୍ରେଣୀର ବଡ଼ଭାଇ ଭଉଣୀମାନେ । ମଂଚ କହିଲେ ଭୁବନେଶ୍ୱର ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟର ହଲ୍ । ସେତେବେଳେ ରାଜଧାନୀ କଲେଜ ହିଁ ୪ଟି ସରକାରୀ କ୍ୱାର୍ଟର ଓ ହାଇସ୍କୁଲର ୨ଟି ହଲ୍‌ରେ ଚାଲୁଥିଲା । ଆଲୋକ ସଂପାତ, ମଂଚସଜାର ମାୟାଜାଲ ନାହିଁ । ସବୁ ପ୍ରତୀକାତ୍ମକ । ତା'ରି ଭିତରେ ନାଟକ ମଂଚସ୍ଥ କରିବାକୁ ପଡ଼ିବ । ଅନ୍ୟଶ୍ରେଣୀର ନାଟକଟି ମଂଚସ୍ଥ ପରେ ଏମାନଙ୍କର ପାଳି । କହିବା ବାହୁଲ୍ୟ ରଜନୀ ଦାଶ ଓ ତା ବଂଧୁମାନଙ୍କର ସେତେବେଳେ କଲେଜରେ ଦବ୍‌ଦବା ଥିଲା ଜୋର୍ । ପାଠପଢ଼ା ସହିତ ଖେଳ ଓ ଦାଦାଗିରିରେ । ଅଧ୍ୟାପକ ଅଧିପିକାମାନଙ୍କର ଧାରଣା ଏ ବାଲୁଙ୍ଗାଗୁଡ଼ାକ କି ନାଟକ କରିବେ !

ନିର୍ଦ୍ଦିଷ୍ଟ ସମୟରେ ନାଟକ ମଂଚସ୍ଥ ହେଲା । ନାଟକ ସଂପର୍କରେ ବ୍ୟାକ୍‌ଗ୍ରାଉଣ୍ଡ ଭଏସ୍‌ରେ ସୂଚନା ପ୍ରଦାନ କରାଗଲା । ପାଟିରେ ଟ୍ରେନ୍‌ର ହୁଇସିଲ୍ ଓ ଛୁକ୍ ଛୁକ୍ ଶବ୍ଦ ଭିତରେ ମଂଚରୁ ପରଦା ଉଠିଲା । ଆଟିଷ୍ଟମାନେ ପୋଜିସନ୍ ନେଇଗଲେ । ମଂଚ ସଂପୂର୍ଣ୍ଣ ଅଂଧକାର । ସମସ୍ତେ ଫ୍ରିଜ୍ ଅବସ୍ଥାରେ । କଥାଥିଲା ହଠାତ୍ ସମସ୍ତେ ଚଳଚଂଚଳ ହୋଇ ଉଠିବେ ।

ଦର୍ଶକ ମହଲରେ ଉତ୍କଣ୍ଠା ଜନିତ ଅଦ୍ଭୁତ ନୀରବତା ।

ହଠାତ୍ ଦର୍ଶକ ମହଲରୁ କିଏ ଜଣେ ଛାତ୍ର "ପ୍ରେତ..." ବୋଲି ଚିଲେଇ ଉଠିଲା । ବାସ୍ ଏତିକିରେ ମଞ୍ଚ ଉପରେ ଥିବା ବଂଧୁମାନଙ୍କର ଏକାଗ୍ରତା ଓ ମୁଡ୍ ଅଫ୍ ହୋଇଗଲା ଯେପରି । ଜଣେ ଅଶ୍ରାବ୍ୟ ଭାଷାରେ ଗାଳି ଦେଇ ସିଧା ମଂଚ ତଳକୁ ଡେଇଁ ପଡ଼ିଲା, 'ପ୍ରେତ' ଉଚ୍ଚାରଣ କରିଥିବା ପିଲା ଉପରେ । ଢ଼େର୍ ସମୟ ହୋ-ହାଲ୍ଲା ଭିତରେ କଟିଗଲା । ଉପସ୍ଥିତ ଅଧ୍ୟାପକ ଅଧ୍ୟାପିକାମାନଙ୍କର ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଲା । ପୁଣି ନାଟକ ମଂଚସ୍ଥ ହେଲା । କରତାଳି ମଧ୍ୟରେ ନାଟକଟିର ଅନ୍ତ ହେଲା । ସମସ୍ତଙ୍କ ମୁହଁରେ ପ୍ରଶଂସା । ଅଧ୍ୟକ୍ଷ କହିଲେ, "ପିଲାମାନେ ଏତେ ସୁନ୍ଦର ପରିବେଷଣ କଲ, ହେଲେ ପ୍ରଥମରୁ ଏମିତି ବିଶୃଙ୍ଖଳା କାହିଁକି ହେଲା ?" ବଧେଇ ଜଣେଇ ଥିଲେ ଅଧ୍ୟକ୍ଷ ।

ସେଇ ନାଟକରେ ରଜନୀ ଦାଶ କୁଷ୍ଠ ରୋଗାକ୍ରାନ୍ତ ଭିକାରୀ ଭୂମିକାରେ ଅଭିନୟ କରିଥିଲା । ଆଉ ସେ ନାଟକ ପାଇଁ ସମଗ୍ର ପ୍ରତିଯୋଗିତାରେ ବେଷ୍ଟ ଆକ୍ଟର ଆୱାର୍ଡ ପାଇଥିଲା ।

ରଜନୀ ଦାଶକୁ ଲାଗିଥିଲା ସମ୍ମୁଖ ସିଟ୍‌ରେ ଯେମିତି ତା'ର ଇପ୍‌ସିତ ପ୍ରେମିକା ଶାନ୍ତି ନାଏକ ବସି ତାଳି ମାରୁଛି, ସେଇଥିପାଇଁ ରଜନୀ ଦାଶ ନିଜ ଚରିତ୍ର ଭିତରେ ହଜିଯାଇଥିଲା ।

ପ୍ରକୃତରେ ସେଦିନ ନାଟକ ଦେଖିବା ପାଇଁ ଶାନ୍ତି ଆସିଥିଲା କି ନାହିଁ ଏ ପର୍ଯ୍ୟନ୍ତ ସନ୍ଦେହରେ ଅଛି ରଜନୀ ଦାଶ ଦୀର୍ଘ ପଇଁଚାଳିଶ ବର୍ଷ ହେବ । କେବେ ଯଦି ଦେଖାହୁଏ ତେବେ ଏକଥା ତାକୁ ପଚାରିବ ନିଶ୍ଚୟ ।

## କବିତା.... ଆମ ସମୟର

### ॥ ଛାଇପରି କେହି ॥



ପ୍ରଶାନ୍ତ କୁମାର ପ୍ରଧାନ

ମୁଠାମୁଠା ଶୂନ୍ୟତାରେ ବି
ସେ ଭରିଦିଏ
ପୂର୍ଣ୍ଣତାର ହଜାରେ ଆୟୁଷ ।

ସେ ଥାଏ ମୋ ନଥିବା ପଣରେ,
ଗାଢ଼ ଅନ୍ଧାରରେ
ମୁଁ ମୋତେ ଖୋଜିଲା ବେଳେ
ସେ ସାଜେ ମୋ ନଖ ଦର୍ପଣ .....

ନିର୍ଜନତାକୁ ଆବୋରି ନେଇ
ମୁଁ ଶୋଇ ଯାଇଥାଏ ମୃତବତ୍
ଆଉ ସେ ଘୁଙ୍ଗୁଡ଼ି ସାଜି
ମୋ ଜୀବନ୍ତ ଥିବାର
ପ୍ରମାଣ ଦେଇ ଚାଲିଥାଏ
ପ୍ରଥମରୁ ଶେଷ ପ୍ରହର ଯାଏଁ ।

ମୋ ବେଫିକର୍ ଉଡ଼ାଣରେ
ସେ ସାଜେ ମାତାଲ୍ ପବନ,

ଧମନୀରେ ରକ୍ତର କଣିକା ହୋଇ
ଅତର୍ଚ୍ଛା ଦୌଡୁଥାଏ ।

ଥକିପଡ଼ିଥିବା ମୁଦ୍ରିତ ନୟନରେ
ଆଶ୍ୱାସନାର କେଇବୁନ୍ଦା ଲୁହ ସାଜି
ପିଠି ଥାପୁଡ଼େଇ ଦିଏ,

ସ୍ପନ୍ଦନର ପ୍ରତ୍ୟେକଟି ଛନ୍ଦରେ
ନୃତ୍ୟରତା ନର୍ତ୍ତକୀ ସେ,

ମୋ ପାରିଲାପଣ ହେଉ ଅବା
ମୋ ଅଭାବବୋଧରେ
ସାଥେ ଚାଲୁଥାଏ ଛାଇପରି ।

+ବୁରୋମୁଣ୍ଡା, ଗାଇସିଲାଟ, ବରଗଡ଼
ପିନ୍ - ୭୬୮୦୩୭
ମୋ - ୯୯୩୭୭୪୫୪୯୭

### ॥ ଦୂର୍ ଆକାଶ ॥



ଦିବ୍ୟସିଂହ ଦାସ ଅଧିକାରୀ

କେବଳ ନିଜ ଭିତରେ
ନିଜର ସବୁ ଭାବ, ଆବେଗକୁ
ରଖିଦିଅ ଗୋପନେ ।
କୁହନାଇଁ କିଛି ଡାକବଜାରିରେ ।
ଭାରି ସାଂଘାତିକ ଏଇ ଚଳନ୍ତି ବେଳା
କିଛି ଘଟିଯାଇପାରେ ନିମିଷକେ
ତମେ ଚାହଁବା ନ ଚାହଁ ।

ସେଥିରେ ଆଉ କାହାକୁ କିଛି
ମିଳୁବା ନ ମିଳୁ
ତମେ ତ ହରେଇ ବସିଥିବ
ଶ୍ରଦ୍ଧାଶୀଳ ନିବେଦନ୍ତ
ତେଣୁ ସାବଧାନ ।

ଆଉ ତମପାଇଁ ନିତିଦିନ ଯିଏ
ଅଧିଆ ପଡ଼ିଚି ମନ୍ଦିର ବେଢ଼ାରେ
ମନାସି ତମର ସର୍ବକୁଶଳ
ଆଉ ତମେ ଯେ ପ୍ରଚାର କରୁଚ
ଏକା ଏକା ବଂଚିବା
ଯେତେବେଳେ ମନ ଓ ଶରୀରେ
ଏକରକମ ନିର୍ଦ୍ଧାରିତ
ସେତେବେଳକୁ ଆହ୍ଲାଦିତ ଅନୁଭବ
ଆଉ କାହାରି ତମକୁ ଯେ ପ୍ରାପ୍ତ ହବ
ଆଶା କରିବା ନିହାତି ନିର୍ବୋଧପଣିଆ
ଆଉ ବି କଷ୍ଟଦାୟକ ।

ଅନେକବେଳୁ ପ୍ରସ୍ତୁତ କରୁଚି ସେ ପାଇଁ
ନିଜକୁ ଦେବଦାସ
ତା' ଆତ୍ମାକୁ ଦଉଚି ଆଦେଶ
କିଛି ଘଟୁନାଇଁ ବୋଲି ବ୍ୟସ୍ତ ବି ହଉଛି
ପ୍ରଘଟ କରି ଦଉଛିରେ ମନ
ଆତ୍ମସ୍ଥ କରିନବାର
ଧୈର୍ଯ୍ୟମୟ ଚେତନାକୁ
ପ୍ରସାରିତ କରିଦେ'
ଦୁର୍ଦ୍ଦିନ ଆସିବାବେଳକୁ ଅନ୍ତତଃ
ତୁ ପାଇଯିବୁ ଗୋଟେ
ନିରୋଗ ଭାବମୟ ଅସ୍ତ୍ର
ଅବଶିଷ୍ଟ ଆୟୂଷକୁ ସ୍ୱଚ୍ଛନ୍ଦେ
ପଖାଳି ନବାପାଇଁ
ଠିଆ ହେଇଥିବେ ତୋ' ପାଶେ
ଯେଉଁ ଆପଣାର ପ୍ରିୟଜନମାନେ
ମନ୍ତ୍ରମୁଗ୍ଧ ଲାଗୁଥିବେ ଯେମିତିକି
ହାତ ପାଉ ନ ଥିବା ଅନନ୍ତ ଆକାଶ ।

+ ନୂଆବନ୍ଧ, ତିଆଡ଼ିସାହି
ପୀରହାଟବଜାର, ଭଦ୍ରକ- ୭୫୬୧୩୧
ମୋ - ୯୪୩୭୨୬୬୩୦୮

### ॥ ଏଇତ ଏପ୍ରିଲ୍ ॥



ମାନସ ରଂଜନ ପଣ୍ଡା

ଏଇତ ଏପ୍ରିଲ
ଅଂଗାରକୁ ଆଂଜୁଳାରେ ଧରି
ଅଗଣାରେ ଅଧିଆ ପଡିଛି
ଭୂତ ହୋଇ ଭୂତାଣୁର
ବାଃ ବାଃ କରୁଛି ।
ଭୂଆଷୁଣୀର ଭାଂଗି ଦେଉଛି
ଗୋଲାପୀ ନିଦ
ଥର୍ ଥର୍ ଥରାଉଛି ତାତି
ମର୍ ମର୍ ମନ୍ତ୍ର ପଢି
ଗୁମ୍‌ସୁମ୍ ମନ ସୁକ୍ ସୁକ୍ ଦେହ
ଝକ୍‌ଝକ୍ ତମ୍ବାରଂଗର ଖରା
ଖୋସଣି ଖୋଲି ଉଦଣ୍ଡ ନାଚୁଛି
ମାଟିର ମହମ ପିଠିରେ ।
ଜରାଗ୍ରସ୍ତ ଯୌବନ, ଶୁଷ୍କ ଶୈଶବ
ବଞ୍ଚାର ବାର୍ଦ୍ଧକ୍ୟ
ତ୍ରାହି ତ୍ରାହି, ଉଦ୍ଧାର ହେ
ଡାକୁଛି ବିକଳରେ ମାଟି,
ମା', ମଣିଷ, ଗଛ, ମାଛ
ଏଇ ଏପ୍ରିଲରେ ।

(ମୋ) ୭୯୭୮୫୮୦୩୬୪

### ॥ କବିର୍ ମା ॥



ଡ. ମମତା ପ୍ରିୟଦର୍ଶିନୀ ସାହୁ

ମୂଳ ହିନ୍ଦୀ-
ଦେବେନ୍ଦ୍ର କୁମାର ଦେବେଶ

ଭୋ ଭୋ କରି କାନ୍ଦି ଉଠିଲେ
ସମଗ୍ର ସଭା ମଝିରେ
ଦିବଙ୍ଗତ କବିଙ୍କ ମା
ସେ ଜାଣିଥିଲେ ଯେ
ପୂର୍ଣ୍ଣ ସଭାଗୃହର ସମସ୍ତ ଦର୍ଶକ
ଆସିଛନ୍ତି ଏଠିକି, କେବଳ ପୁରସ୍କାର
ସମାରୋହ ତଥା ନାଟକ, କବିତା,
ଆବୃତ୍ତି ଆଉ ଗାଇବା ପାଇଁ ଗୀତ
ତଥାପି ଭାବ ବିହ୍ୱଳ ହୋଇଗଲେ ସେ
ଯେବେ ସଭାରମ୍ଭରୁ ହିଁ
ସ୍ମରଣ କରାଗଲା ତାଙ୍କ ପୁତ୍ରଙ୍କୁ
ଗୁଣଗାନ ହେଲା ତାଙ୍କ କବିତ୍ୱର
ଆଉ ମଞ୍ଚରେ ଡକରା ହେଲା
କବିଙ୍କ ସମସ୍ତ ପରିବାର ଜନଙ୍କୁ ।

ସଭାକୁ ସମ୍ବୋଧିତ କରି
କବିଙ୍କ ଏକ କବିତା
ପାଠ କରିବା ପୂର୍ବରୁ
କହିଲେ କବିଙ୍କ ମା
ଏଠି ଅଛନ୍ତି ଅନେକ ବନ୍ଧୁ
ମୋ ପୁଅର
ସମସ୍ତେ ଜାଣନ୍ତି
ଚିହ୍ନିଛନ୍ତି ବି ଆପଣମାନେ ତାକୁ
ଖୋଜିକି ଆଣନ୍ତୁ ତାକୁ
ମୋହରି ପାଶେ
ଜଣାନାହିଁ ମୋତେ
କୁଆଡେ ସେ ଗଲା ଚାଲି
ମୋର ଏକୋଇରବଳା
ଆପଣଙ୍କ ପ୍ରିୟ କବି ।

+ ଓଡିଆ ଅଧାପିକା , ସରକାରୀ ଏସ୍ ଏସ୍ ଡି ,ଏଚ୍ ଏସ୍ ଏସ୍ , ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ, ବାଲିଶଙ୍କରା, ସୁନ୍ଦରଗଡ

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୪ ଅପ୍ରେଲ, ୨୦୨୧




## ଚିନ୍ତା ଅନୁଚିନ୍ତା (୩)

# ଗାନ୍ଧୀଙ୍କ ଠାରୁ ଆମେ କଣ ଶିଖିବା



କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।


ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩


ଗାନ୍ଧୀଙ୍କ ବ୍ୟକ୍ତିତ୍ୱ କ୍ରମଶଃ ସାଧାରଣ ଜନତାଙ୍କୁ ଆକୃଷ୍ଟ କରୁଛି । ବିଶାଳ ଭାରତବର୍ଷକୁ ନେତୃତ୍ୱ ଦେବାରେ ସେ ଯେଉଁ ସଫଳତା ଅର୍ଜନ କରିଥିଲେ ତହିଁରେ ନିହିତ ଥିଲା ସହିଷ୍ଣୁତା । ସମସ୍ତଙ୍କୁ ଗୋଟିଏ ମହତ ଉଦ୍ଦେଶ୍ୟ ସାଧନ ପାଇଁ ଏକତ୍ରିକରଣ କରାଇବା । ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା ଫଳରେ ଲକ୍ଷ୍ୟହାସଲ ସମ୍ଭବ ସର୍ବୋପରି ଶାନ୍ତି ସଂହତି ରକ୍ଷା ସହ ପ୍ରଗତି ସମ୍ଭବ ହୋଇପାରିବ ବୋଲି ଗାନ୍ଧିଜୀ ଅନୁଭବ କରି ସାଂପ୍ରଦାୟିକ ସଂପ୍ରୀତି ଆଣିବାରେ ଯତ୍ନଶୀଳ ହୋଇଥିଲେ । ଭାରତଭୂମିରେ ଗୋଟିଏ ସଂପ୍ରଦାୟକୁ ଧରି ଚାଲିଲେ ମହାନ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ ଏହା ମର୍ମେମର୍ମେ ଅନୁଭବ କରି ସେ ସବୁ ସଂପ୍ରଦାୟକୁ ସାଥିରେ ନେଇ ଚାଲିବାକୁ ଅଗ୍ରାଧିକାର ଦେଇଥିଲେ । ବିଶେଷତଃ ତାଙ୍କର ରାଜନୈତିକ ଗୁରୁ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ ତାଗିଦ୍‌ପୂର୍ଣ୍ଣ ପରାମର୍ଶ ତାଙ୍କ କାର୍ଯ୍ୟଧାରାକୁ ପ୍ରେରଣା ଯୋଗାଇଥିଲା । ତାହା ଥିଲା ପ୍ରଥମେ ସମଗ୍ର ଦେଶର ବିବିଧ ଅଞ୍ଚଳକୁ ଗସ୍ତକରି ସେଠାକାର ଲୋକଙ୍କ ସମସ୍ୟା, ସାମାଜିକ ସ୍ଥିତି ଓ ରାଜନୈତିକ ସ୍ଥିତିକୁ ଅନୁଧ୍ୟାନ କରି କିଛି ଶିକ୍ଷାଲାଭ କରିବା, ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନେତୃତ୍ୱ ନେବା ବ୍ୟକ୍ତି ଆଖି ଓ କାନକୁ ଖୋଲାରଖି ପାଟିକୁ ବନ୍ଦକରି ସବୁକଥା ଦେଖି, ଶୁଣିବା ସହ କାହା ସହ ଯୁକ୍ତିତର୍କ ନ କରି ନିରବରେ ସମସ୍ତ କଥାକୁ ଲକ୍ଷ୍ୟକରି କେବଳ ଆବଶ୍ୟକ ମୁତାବକ ବକ୍ତବ୍ୟ ରଖିବ, ତାହା ପୁଣି ଯଥାସମ୍ଭବ ସଂକ୍ଷିପ୍ତ ଓ ପ୍ରାସଙ୍ଗିକପୂର୍ଣ୍ଣ ।

ସେତେବେଳେ ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବାର ମୁଖ୍ୟ ସଂଗଠନ ଥିଲା । 'କଂଗ୍ରେସ୍' ସଂଗଠନ । ତାହା କେବେ ରାଜନୈତିକ ଦଳ ନଥିଲା, ଥିଲା ଏକ ଗଣସଂଗଠନ । ସଭିଏଁ ଏକତ୍ର ହୋଇ ବିଚାରବିମର୍ଶ କରିଆରେ ବ୍ରିଟିଶରାଜ୍ୟର ଅନ୍ତ ଘଟାଇବାକୁ ଭାରତୀୟଙ୍କ ମିଳନ ମଞ୍ଚ ବା ଶକ୍ତି ପ୍ରଦର୍ଶନର ମଞ୍ଚ । ସ୍ୱାଧୀନତା ହାସଲ ପରେ ସେଇ ଅଣରାଜନୈତିକ ସଂଗଠନକୁ ରାଜନୀତିକ ଦଳ ରୂପ ଦେବାରେ ଗାନ୍ଧିଜୀ ସନ୍ତୁଷ୍ଟ ନଥିଲେ । ସାଂସ୍କୃତିକ ବିବିଧତା ଏବଂ ଧର୍ମୀୟ ସହନଶୀଳତା ଗୁଣ ଯେ ହିନ୍ଦୁ ଜୀବନଦର୍ଶନର ମୂଳାଧାର ତାହାକୁ ଗାନ୍ଧିଜୀ ପ୍ରମାଣିତ କରାଇ ପାରିଥିଲେ ।

ସେ ଥିଲେ ଦୂରଦୃଷ୍ଟିସମ୍ପନ୍ନ ବିଶ୍ୱଦୃଷ୍ଟିର ଅଧିକାରୀ । ନେତୃତ୍ୱ ନେବାର କଳା ତାଙ୍କଠୁଁ ଶିଖିବାର କଥା । ବିଶେଷତଃ ସମୟର ସଦ୍‌ବ୍ୟବହାର, ଶୃଙ୍ଖଳିତ ଜୀବନଚର୍ଯ୍ୟା ଏବଂ ସତ୍ୟକୁ ଜୀବନର ବ୍ରତ ସହ ଅହିଂସାରୂପୀ ମହାସ୍ତ୍ରକୁ ଧାରଣ କରିବା ଯୋଗୁଁ ଅନେକ ଅସାଧ୍ୟକର୍ମର ସହଜ ସମାଧାନ ଅନାୟସରେ ଘଟିପାରେ ବୋଲି ତାଙ୍କ ଘଟଣାବହୁଳ ଜୀବନଯାତ୍ରାରୁ ପ୍ରମାଣ ପାଇଛୁ ।

ଜର୍ମାନୀର କାର୍ଲମାକ୍ସ(୧୮୧୮, ମେ ୫ରିଖ ଜନ୍ମ)ଯେଭଳି ପୁଞ୍ଜିବାଦୀ ସମାଜବ୍ୟବସ୍ଥାକୁ ବିଶ୍ଳେଷଣ ପୂର୍ବକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ, ଶ୍ରେଣୀସଂଗ୍ରାମ ହିଁ ସମାଜ ବିକାଶର ଚାଳିକା ଶକ୍ତି । ଅର୍ଥାତ୍ ସର୍ବହରା ଶ୍ରମିକମାନଙ୍କ ନେତୃତ୍ୱରେ ଶ୍ରେଣୀସଂଗ୍ରାମ ମାଧ୍ୟମରେ ପୁଞ୍ଜିବାଦ ବ୍ୟବସ୍ଥାର ପତନ ଘଟିବ ଏବଂ ସ୍ଥାପିତ ହେବ ସମାଜବାଦୀ ଶାସନବ୍ୟବସ୍ଥା, ସେହିଭଳି ଗାନ୍ଧିଜୀ(୧୮୬୯, ଅକ୍ଟୋବର ୨ରିଖ ଜନ୍ମ)ସେ ମଧ୍ୟ ଜଣାଇଥିଲେ ଯେ, କ୍ଷୁଦ୍ର, ହସ୍ତଶିଳ୍ପ ଦେଶରୁ ବେକାରି ଓ ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଧାନ ଅସ୍ତ୍ର । ଯେଉଁଥିପାଇଁ ସେ ଅରଟ ବା ଚରଖା ଭଳି ହସ୍ତଶିଳ୍ପର ବ୍ୟବହାରକୁ ପ୍ରତୀକ ରୂପେ ଗ୍ରହଣ କରିଥିଲେ । ନିଜର 'ହିନ୍ଦ୍ ସ୍ୱରାଜ୍'ରେ ସେ ଲେଖିଥିଲେ ଯେ, ଏଲୋପାଥି ବଦଳରେ ଆୟୁର୍ବେଦ ଓ କଳଲୁଗା ପରିବର୍ତ୍ତେ ହାତବୁଣା ଖଦିଲୁଗାକୁ ପବିତ୍ର ଜାତୀୟ ବସ୍ତ୍ର ଭାବରେ ଗ୍ରହଣ କରିବା କଥା । ରୁଷ୍‌ର ଲେଲିନ୍ ଯେଭଳି ଉପନିବେଶବାଦ ସହିତ ପୁଞ୍ଜିବାଦକୁ ଯୋଡ଼ି ଦେଇଥିଲେ ଗାନ୍ଧିଜୀ କିନ୍ତୁ ଆଉଟିକିଏ ଆଗକୁ ଯାଇ ଉପନିବେଶବାଦକୁ ଆଧୁନିକତା ସହ ଏକାଠି କରିବାକୁ ଚାହିଁଥିଲେ । ଗାନ୍ଧିଜୀ କୃଷିକ୍ଷେତ୍ରରେ ଧାନଚାଷ, ଧାନବୁଣା, ଧାନକଟାରେ ଯନ୍ତ୍ରଶିଳ୍ପ ବ୍ୟବହାର ଯେ ବେକାରୀ ଓ ଦାରିଦ୍ର୍ୟକୁ ବଢ଼ାଇବାରେ ମୁଖ୍ୟ ଦିଗ ଏହା ଅନୁଭବ କରିଥିଲେ । କୃଷିପ୍ରଧାନ ଦେଶ ଭାରତବର୍ଷରେ କୃଷି ଓ କୃଷକର ଉନ୍ନତି ପାଇଁ ଆମେ ଯଥାସମ୍ଭବ ଶ୍ରମଶକ୍ତିର ବିନିଯୋଗକୁ ସର୍ବାଗ୍ରେ ଗ୍ରହଣ କରିବା ଉଚିତ ବୋଲି ତାଙ୍କର ଥିଲା ମତ । ଆଜି ଦିନରେ ମାର୍କ୍‌ସଙ୍କ 'ଦାସ କ୍ୟାପିଟାଲ୍' ଏବଂ ଗାନ୍ଧିଜୀଙ୍କର 'ହିନ୍ଦ୍ ସ୍ୱରାଜ'ପୁସ୍ତକକୁ ଅଧ୍ୟୟନ କଲେ ଏକବିଂଶ ଶତାବ୍ଦୀର ବହୁ ନୂତନ ସମସ୍ୟା ସମାଧାନର ବାଟ ଆମେ ପାଇଯିବୁ ।

---

## ଧାରାବାହିକ ଉପନ୍ୟାସ

# ନାତି




ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




**ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ**

ଭାଗ-୨୨
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଏ ଦୃଶ୍ୟ ଏବଂ ଅଯଥା ବିଳମ୍ବରେ ଦୀନନାଥ ସଂପୂର୍ଣ୍ଣ ମ୍ରିୟମାଣ ହୋଇ ପଡ଼ିଲେ । ସେ କାହାରିକୁ ଭରସି ପାରୁ ନଥିଲେ କି ନିର୍ଦ୍ଦେଶ କରିପାରୁ ନଥିଲେ ଧନେଶ୍ୱରକୁ ସାହାଯ୍ୟ କରିବାପାଇଁ, ନା ଜୀତେଶ ନା ଭବେଶ ! ଏଣୁ ନିଜକୁ ହାତ ଲଗେଇବାକୁ ହେଲା । ଝରକାବାଟେ ହାତ ପୂରେଇ ସିଲିଣ୍ଡର୍‌ଟିକୁ ଡ୍ରାଇଭର୍ ସିଟ୍‌ରୁ ମୁକ୍ତ କରିଦେଲେ ଏବଂ କାର୍ତ୍ତିକ ସେ ପିଅନ ସହାୟତାରେ ନୂଆ ସିଲିଣ୍ଡର୍‌ଟିକୁ ଯଥା ସ୍ଥାନରେ ଲଗେଇ ଦେଲା । ଏବେ ବାହାରିବା କଥା ।

କିନ୍ତୁ ସମସ୍ତଙ୍କର ଉତ୍ସୁକତାକୁ ବେଖାତିର୍ କରି ଧନେଶ୍ୱର ଆମ୍ବୁଲାନ୍‌ସ ଅଫିସ୍ ଆଡ଼େ ମୁହେଁଇଲା । ଆଶ୍ଚର୍ଯ୍ୟ ହୋଇ ଦୀନନାଥ ଆଖିର ପ୍ରଶ୍ନବାଣରେ ଜର୍ଜରିତ କଲେ କାର୍ତ୍ତିକଙ୍କୁ । କାର୍ତ୍ତିକ କହିଲା -

"ସେ ଅଫିସ୍‌କୁ ଗଲା ଟଂକା ରିସିଭ୍ କରି ଆଣିବାକୁ । ରାସ୍ତାରେ ତେଲ ପକେଇବ ଓ ତା'ର ଖର୍ଚ୍ଚ ।"

"ଏଇ ଡ୍ରାଇଭରଟିକୁ କାହିଁକି ଠିକ୍ କଲ ? ଆମେ ସମସ୍ତେ ଆଜି କଟକରେ ପହଞ୍ଚି ପାରିବୁତ ?" - ତାଗିଦ୍ କଲାଭଳି ଦୀନନାଥ ପ୍ରଶ୍ନ କଲେ କାର୍ତ୍ତିକଙ୍କୁ ।

"ମୋତେ ବିଶ୍ୱାସ କରନ୍ତୁ ଭାଇ । ଯେତେ ମଦ ପିଇଲେ ବି ସେ ଗାଡ଼ି ଠିକ୍ ଚଳେଇ ପାରେ ଏବଂ ଆପଣମାନଙ୍କୁ ନେଇ ଠିକଣା ସ୍ଥାନରେ ନିରାପଦରେ ପହୁଞ୍ଚାଇ ଦେବ । ଏ ବିଶ୍ୱାସ ମୋର ଅଛି ।" - ସ୍ୱର ନରମ କରି ସଫେଇ ଦେଲା କାର୍ତ୍ତିକ ।

କିନ୍ତୁ ଦୀନନାଥ ପ୍ରମାଦ ଗଣୁଥିଲେ । ତାଙ୍କୁ ଡରି ଦୁଇ ପୁତୁରା ନୀରବ ଥିଲେ । ଶ୍ୱଶୁର ଏବଂ ମଳାଶୁରଙ୍କ ସମ୍ମାନକୁ ଜଗି ଭବେଶ ନିର୍ବେଦ ଓ ଚୁପ୍ ଥିଲା । ହେଲେ ତା' ଭିତରୁ ସମସ୍ତ ଆଶା, ଭରସା, ବିଶ୍ୱାସ ଓ ସଂଭାବନା ଲୋପ ପାଇସାରିଥିଲା ।

॥ ୧୨ ॥

ଜୀବନର ଅଣଷଠୀ ବର୍ଷ ଭିତରେ ଦୀନନାଥ ଏମିତି ଏକ ଦୁଃଖଦ ପରିସ୍ଥିତିରେ କେବେ ପଡ଼ିଥିଲେ କି ନାହିଁ, ସ୍ମରଣ କରିପାରିଲେ ନାହିଁ । ଆଉ ଏ ଘଟଣା ସହିତ ଜଡ଼ିତ ନିଜେ ଦୀନନାଥ, ଜ୍ୱାଇଁ ଭବେଶ ଓ ଅନ୍ୟମାନେ ସମସ୍ତେ ପାଲଟି ଯାଇଥିଲେ ଗୋଟିଏ ଗୋଟିଏ ଝୁଲନ୍ତା ଶବ, ଯେଉଁମାନଙ୍କର ପାଦତଳେ ମାଟି ନଥିଲା କି ଶୂନ୍ୟରେ ଲଟକିବା ପାଇଁ କୌଣସି ମାଧ୍ୟମ ନଥିଲା । ସ୍ଥାଣୁବତ୍ ସମସ୍ତେ ଛିଡ଼ା ହୋଇ ନିଷ୍ପଲକ ନୟନରେ ଚାହିଁ ରହିଥିଲେ ଧନେଶ୍ୱରକୁ, ଯିଏ ମଦ ନିଶାରେ ଟୁଲୁଟୁଲୁ ହୋଇ ଅଫିସ୍‌କୁ ଯାଇଥିଲା ଡିଜେଲ୍ ଓ ଖର୍ଚ୍ଚ ଟଂକା ଆଣିବା ପାଇଁ । ହୁଏତ ସେ ଟଂକା ଧରି ଫେରିପାରେ କିମ୍ବା ଫେରାର୍ ହୋଇଯାଇପାରେ, ସେ ପାଖ ଗଳିଦେଇ ଭାଟିକୁ ଯାଇପାରେ କିମ୍ବା ଅଫିସ୍‌ରୁ ଫେରି କେଉଁ ଅରମା ଭୂଇଁରେ ଶୋଇ ଯାଇପାରେ ! ତା'ର କିଛି ହିସାବ ନଥିଲା । କାଳର ଗତିକୁ ଯେପରି ମଣିଷ ବୁଝିପାରେ ନାହିଁ, ଠିକ୍ ସେମିତି ଏ ଡାକ୍ତରଖାନା ପରିସରରେ ସଙ୍କଟ ଜଡ଼ିତ ଦଳେ ଲୋକ ଧନେଶ୍ୱରର ଗତିକୁ ବୁଝିପାରୁ ନ ଥିଲେ । ନିୟତି ଏମାନଙ୍କ ପାଇଁ କ'ଣ ରଖିଥିଲା ଆଉ ମୁହୂର୍ତ୍ତକୁ ଭେଟିଦେବା ପାଇଁ, ତାହା ନିୟତି ହିଁ ଜାଣିଥିଲା ।

ଦୀନନାଥଙ୍କ ଭିତରେ କିଏ ଯେପରି କହୁଥିଲା "ଆରେ ମୂଢ଼ ! ସମଗ୍ର ଜୀବନ ପ୍ରାଣାନ୍ତକ ଧନ୍ଦି ହୋଇ ଯେନତେନ ପ୍ରକାରେ କେବଳ ଜୀବନ ବଂଚି ଆସିଛୁ ଯାହା ! ତୋ ଦ୍ୱାରା କିଛି ବି ହେବନାହିଁ । ସର୍ବଦା ସରଳ ବିଶ୍ୱାସରେ ସଭିଙ୍କଠୁଁ ଠକି ଆସିଛୁ ପ୍ରତିମୁହୂର୍ତ୍ତରେ, ହେଲେ କାହାକୁ ଠକିବାକୁ ତୋର ମନ ହୋଇନାହିଁ । ବିବେକ ତୋତେ ବାଧା ଦେଇଛି କିମ୍ବା ଅନ୍ୟର ଧୂର୍ତ୍ତତାକୁ ବୁଝିବା ପାଇଁ ତୋ ଭିତରେ ତୀକ୍ଷଣ ବୁଦ୍ଧିମତ୍ତାର ଅଭାବ ରହିଛି ।"

କିନ୍ତୁ ଧନେଶ୍ୱର ଟଂକାଧରି ଅଫିସ୍‌ରୁ ଫେରିଲା । ସେତେବେଳେ ବି ମଦନିଶାରେ ସେ ଟୁଲୁଟୁଲୁ ହେଉଥିଲା । ଆରକ୍ତ ଆଖି ଯୋଡ଼ିକର ପତା ନଇଁ ଆସିଥିଲା ତଳକୁ ଯେପରି ପ୍ରଚଣ୍ଡ ସୂର୍ଯ୍ୟ ତେଜରେ କଇଁଫୁଲର ପାଖୁଡ଼ା ମୁଦି ହୋଇଯାଏ ।

ଝାଉଁଳି ପଡ଼ିଥିବା ଛୋଟ ଗଛଟି ସାମାନ୍ୟ ବର୍ଷା ବିନ୍ଦୁରେ ଚମକି ପଡ଼ି ସତେଜ ହେଲାପରି ଏତେ ଦୁଃଖ ଏବଂ ଅନୁଶୋଚନା ସତ୍ତ୍ୱେ ସମସ୍ତଙ୍କୁ ଆଶ୍ୱସ୍ତିବୋଧ ହେଲା । ଏବେ ଧନେଶ୍ୱର ଆମ୍ବୁଲାନ୍‌ସ ଭିତରକୁ ଗଲା ଏବଂ ଦୀନନାଥ ଦଉଡ଼ିଲେ ଏସ୍.ଏନ୍.ସି.ୟୁ. ଭିତରକୁ ନାତିକୁ ଆଣିବା ପାଇଁ ।

କିନ୍ତୁ ନର୍ସ ପିଲାକୁ ନେଇ ଆସିଲା ଆମ୍ବୁଲାନ୍‌ସ ପର୍ଯ୍ୟନ୍ତ । ସ୍ୱତଃ ଭବେଶ ଆମ୍ବୁଲାନ୍‌ସ ଭିତରକୁ ଯାଇ ପେସେଣ୍ଟ୍ ସିଟ୍‌ରେ ବସିଲେ । ନର୍ସ ହାତରୁ ସୁମତି ପିଲାକୁ ନେଇ ଭବେଶ କୋଳରେ ଦେଲେ । ଅକ୍‌ସିଜେନ୍ ମାକ୍ସ ଲାଗିଲା ତା' ମୁହଁରେ । ଦୀନନାଥ ଯାଇ ବସିଲେ ସମ୍ମୁଖ ସିଟ୍‌ରେ । ସୁମତିର ବୋଧହୁଏ ଇଚ୍ଛାଥିଲା ନାତି ସାଂଗରେ କଟକ ଯିବାକୁ । ଅପେକ୍ଷା କରୁଥିଲା ଦୀନନାଥ ଭାଇଙ୍କ ନିର୍ଦ୍ଦେଶକୁ । ଏ ପରିସ୍ଥିତିରେ କିନ୍ତୁ ପିଲା ଦୁଇଟାଙ୍କୁ ଛାଡ଼ି ସୁମତି କଟକ ଯିବା ଉଚିତ ହେବା ନ ହେବା କଥା ଦୀନନାଥ ଚିନ୍ତା କଲା ବେଳକୁ ମଦ୍ୟପ ଧନେଶ୍ୱର ଗାଡ଼ି ଛାଡ଼ି ଦେଇଥିଲା । ଲିପୁ ଉପରକୁ ଉଠି ପିଲାକୁ ଭବେଶ କୋଳରେ ଟିକେ ସଜଡ଼ା ସଜଡ଼ି କରୁ କରୁ ତା'ର ଆଉ ଓହ୍ଲେଇ ପଡ଼ିବାକୁ ତର ସହିଲା ନାହିଁ । ଏଣେ ଜୀତେଶ ଧରିଥିବା ବ୍ୟାଗ୍‌କୁ ଗାଡ଼ି ଭିତରକୁ ଫୋପାଡ଼ି ଦେଲା । ଆଉ ସୁମତିର ଯିବା କଥା ହେଲାନାହିଁ ।

ଏକ ଦାରୁଣ ବିପଦ ଆଶଂକାରେ ଜର୍ଜରିତ ଦୀନନାଥ କଂପିତ ହୃଦୟରେ କରଯୋଡ଼ି କାଳିଆକୁ ନିବେଦନ କଲେ – "କାଳିଆରେ ! ଭଲରେ ଭଲରେ ନାତିକୁ ନେଇ କଟକରେ ପହୁଞ୍ଚାଇ ଦେ । ଶଂଖରେ ପୂରେଇ, ଚକ୍ର ଉହାଡ଼ କରି ତାକୁ ରକ୍ଷାକର । ସବୁବେଳେ ସବୁ ବିପଦରୁ ମୋତେ ଉଦ୍ଧାର କରିଛୁ । ତୋତେ ସ୍ମରଣ କରି ବଡ଼ ବଡ଼ ସଂକଟରୁ ପାରି ହୋଇ ଆସିଲିଣି । ଆଜି କ'ଣ ପରୀକ୍ଷାରେ ପକେଇବୁ ? ଦୁଃଖୀର ଦୁଃଖ ହରଣ କରିବା ପାଇଁ ସବୁବେଳେ ପରା ସଜାଗ ଥାଉ । ତେବେ ଆଜି ମୋତେ ଏ ନାତି ସଂକଟରୁ ଉଦ୍ଧାର କରିବାକୁ ପଡ଼ିବ, ଏତିକି ମାତ୍ର ତୋ ନିକଟରେ ମୋର ନିବେଦନ । ସତ କହୁଛି, ଆଉ ତୋତେ କେବେ କିଛି ମାଗିବି ନାହିଁ ।"

ହାତ ଦୁଇଟିକୁ ମୁଣ୍ଡରେ ଲଗେଇଲେ ଦୀନନାଥ । ନାତି ପାଇଁ ମଂଗଳ ମନାସିଲେ - 'ଶୁଭମ୍‌ଭବ', 'ଶୁଭମ୍‌ଭବ','ଶୁଭମ୍‌ଭବ'। ହଠାତ୍ ମାନସପଟରେ ଉଦ୍‌ଭାସିତ ହେଲା ବଡ଼ ଦାଣ୍ଡ, ବଡ଼ ଦେଉଳ । ନିମିଷକେ ଯାଇ ପହଞ୍ଚିଲେ ସିଂହଦ୍ୱାରାରେ । ଗୁମଟ ଭିତରେ ପ୍ରଭୁଙ୍କ ଦର୍ଶନ ସାରି ଭିତରକୁ ଗଲେ । ବାଇଶ ପାହାଚ ! କେତେ ଭକ୍ତ, କେତେ ଗୁହାରିଆ, କେତେ ନା କେତେ ଦୀନ ଦୁଃଖୀଙ୍କୁ ଅତିକ୍ରମ କରିଯାଇ ପହଞ୍ଚିଲେ ଗର୍ଭଗୃହ ଭିତରେ । ରତ୍ନ ସିଂହାସନରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ । ଦର୍ଶନ ହୋଇଗଲା ଚତୁର୍ଦ୍ଧା ମୂର୍ତ୍ତିଙ୍କର । ଜୁହାର କରି ଅନ୍ତରର ନିବେଦନ ଜଣେଇଲେ । କେତେ ନିଉଛାଳି ହେଲେ । ଆଶ୍ୱାସନା ମିଳିଗଲା ପ୍ରଭୁଙ୍କଠାରୁ । ଆତ୍ମବିଶ୍ୱାସ ଦୃଢ଼ ହେଲା, ନାଃ, କିଛି ହେବ ନାହିଁ । ସବୁ ଠିକ୍ ହେବ ।

ଲେଉଟି ଆସିଲେ ଦୀନନାଥ । ଆଖି ଖୋଲି ଦେଖିଲେ ନାତି ହାତଗୋଡ଼ ହଲେଇ ଭିଡ଼ିମୋଡ଼ି ହେଉଛି । ବାପର ସ୍ପର୍ଶ ପାଇ ସତେ ଯେପରି ଚଳଚଞ୍ଚଳ ହୋଇ ଉଠିଛି । ବିସ୍ମିତ ହେଲେ ସେ, ଯେଉଁ ନାତିକୁ ସକାଳେ ଦେଖିଥିଲେ ଏସ୍.ଏନ୍.ସି.ୟୁ. ଭିତରେ କେଡ଼େ ନିସ୍ତେଜ ଓ ନିଷ୍ପ୍ରାଣ ଭାବେ ପଡ଼ି ରହିଥିଲା, ସେ କିପରି ଏତେ ଚଳଚଞ୍ଚଳ ହୋଇଗଲା ! ଭବେଶର ହାତ ଛୁଆଁର ଯାଦୁ ନା ଆଉ କିଛି ? ଆହୁରି ବି ଚକିତ ହେଲେ ଗତକାଲି ନର୍ସିଂହୋମ୍‌ରେ ନାତି ଯେପରି ବାମହାତରେ ସ୍ପର୍ଶ ଦେଇ ମୁହଁରେ ଲାଗିଥିବା ମାକ୍ସକୁ ପ୍ରତିବାଦ କରୁଥିଲା, ଆଜି ବି ଠିକ୍ ସେମିତି ତା'ର ଟିକି ଦୁର୍ବଳ ହାତରେ ଠେଲି ଲାଗିଛି ସେଇଟିକୁ ।

"ଲିପୁ ! ଟିକେ ପୁଅର ହାତଟିକୁ ଆସ୍ତେକିନି ଧରିଥା ।" - ଭବେଶ କହିଲା । ହାତଗୋଡ଼ ହଲେଇ ଢିଲା କରିଦେଇଥିବା ଟର୍କିସ୍‌କୁ ଜାକିଜୁକି ଦେଇ ଲିପୁ ତା'ର ହାତଟିକୁ ହାଲୁକା ଭାବେ ଚାପି ଧରିଲା । କୁଁ କୁଁ ହୋଇ ପ୍ରତିବାଦ ଜଣେଇଲା ନାତି ।

ଶିଶୁ ଅବୋଧ, ଅଜ୍ଞାନ ଓ ସଚେତନ ରହିତ ବୋଲି ସଚରାଚରରେ ସଭିଁଙ୍କର ଧାରଣା । ସେହି ଧାରଣା ଏ ପର୍ଯ୍ୟନ୍ତ ଥିଲା ଦୀନନାଥଙ୍କର । ହେଲେ ଚଳନ୍ତା ଆମ୍ବୁଲାନ୍‌ସ ଭିତରେ ଏ କ'ଣ ଦେଖୁଛନ୍ତି ସେ ? ବାପାର ସାନ୍ନିଧ୍ୟ ପାଇ, ତା' କୋଳକୁ ଶେଯ ଜ୍ଞାନ କରି ଚବିଶ ଘଣ୍ଟାର ନବଜାତ ଶିଶୁ ଯେପରି ହାତଗୋଡ଼ ହଲଉଚି, ତାହା ତାଙ୍କୁ ଏକ ମାସର ଶିଶୁ ସନ୍ତାନ ଭଳି ବୋଧ ହେଉଚି । କାନ୍ଦିବାକୁ ଚେଷ୍ଟା କରୁଛି, ଅଥଚ କାନ୍ଦି ପାରୁନି । କ୍ଷୀର ଖାଇବ ବୋଲି ବିକଳରେ ପାଟି ଆଁ କରୁଛି, ଅଥଚ, .... । ଏ ଦୃଶ୍ୟରେ ଦୀନନାଥଙ୍କ ହୃଦୟ ବିଦୀର୍ଣ୍ଣ ହୋଇଗଲା । ଯଦି ଭଗବାନଙ୍କ ସୃଷ୍ଟିରେ କେହି ଅସହାୟ ଥାଏ, ତା'ହେଲେ ସେ ବୋଧହୁଏ ଶିଶୁ । ନାତିର ଯଦି ପାଟି ଖୋଲୁଥାନ୍ତା, ତା'ହେଲେ ସେ ଚିତ୍କାର କରି ଏଇଆ କୁହନ୍ତା – "ମୋତେ କେଉଁଠିକି ନେଉଛ ମୂଢ଼ମାନେ ! ମୋ ପାଟି ଶୁଖି ଯାଉଛି, ମୋତେ ଟୋପେ କ୍ଷୀର ଦିଅ । କିମ୍ବା ତା'ର କିଛି ବିକଳ୍ପ ଦିଅ । ମୋ ମା' ପାଖରେ ମୋତେ ନେଇ ଛାଡ଼ । ମୁଁ ତା'ଠୁଁ କ୍ଷୀର ଖାଇବି । କାଲିଠାରୁ ମୁଁ ମୋ ମା'କୁ ଦେଖିନି । ମୋତେ ନେଇ ତା' କୋଳରେ ଦିଅ । ମା'କୋଳର ଉଷୁମ ମୋର ଏକାନ୍ତ ଲୋଡ଼ା । ମୋର କିଛି ହୋଇନାହିଁ, ମୁଁ ତ ଗୋଟିପଣେ ଠିକ୍ ଅଛି । ମୋତେ ଏବେ ଫେରେଇ ନିଅ ମୋ ମା' ପାଖକୁ ।"

ଏ ଦୃଶ୍ୟ ଦେଖି ଥମ୍ ଥମ୍ ହୋଇଗଲେ ଦୀନନାଥ । ସତେ ଯେପରି ତାଙ୍କ ଆଖି ଦେଇ ବୋହିଯିବ ଶ୍ରାବଣର ବାରିଧାରା । ଚାହିଁ ଦେଖିଲେ ଭବେଶ ମୁହଁକୁ । ଅନୁରୂପ କରୁଣତାରେ ଭିଜି ଯାଇଛି ତା' ମୁହଁ । ଆଖିକୋଣ ଜକେଇ ଯାଇଛି ଲୁହରେ । ପାଖରେ ଲିପୁ ବି କାନ୍ଦକାନ୍ଦ । ପିଲାର ହାତଟିକୁ ଧରିଛି ହାଲୁକା କରି । ଟିକେ ଛାଡ଼ି ଦେଲେ ତା'ର ନରମ କଅଁଳ ଟିକି ହାତଟି ଉଠି ଯାଉଛି ମୁହଁରେ ଲାଗିଥିବା ମାକ୍‌ସ ଓ ପାଇପ୍‌କୁ ଠେଲି ବାହାର କରିଦେବା ପାଇଁ ।

ପୁଅକୁ ଅନେଇ ଭବେଶ କ'ଣ କହିବ କହିବ ବୋଲି କିଛି କହି ପାରିଲା ନାହିଁ । ହୁଏତ କିଛି ଅବ୍ୟକ୍ତ ବେଦନାରେ ଜର୍ଜରିତ ହୋଇ ପଡ଼ିଥିଲା । ନୀରବରେ ଦୀନନାଥ ଆଶ୍ୱାସନା ଓ ସମବେଦନା ଜଣେଇଲେ । ପରସ୍ପର ପରସ୍ପରର ଯନ୍ତ୍ରଣାକୁ ବୁଝିଗଲେ । କିଛି କହିବାର ଭାଷା ବଦଳିଗଲା ଲିପୁ ଉଦ୍ଦେଶ୍ୟରେ ।

"ଟର୍କିସ୍‌ଟିକୁ ଟିକେ ଭଲ କରି ଘୋଡ଼େଇ ଦେ'ଲିପୁ । ହାତଗୋଡ଼ ହଲେଇ ସେଇଟାକୁ ବାହାର କରିଦେଉଛି । ତା' ହାତକୁ ଟିକେ ଆସ୍ତେ କରି ଧରିଥା' ।"

ମଦ୍ୟପ ଧନେଶ୍ୱର ମଦ ନିଶାରେ ଟୁଲୁଟୁଲୁ ହୋଇ ବେପରୱା ଗାଡ଼ି ଚଳଉଥିଲା । ଖାଲ ଢ଼ିପ କିଛି ବି ମାନୁ ନଥିଲା । ଏମିତି ଲାଗୁଥିଲା ବେପରୱା ଗାଡ଼ି ଚଳେଇ କାହାକୁ ବି ଧକ୍କା ଦେଇପାରେ, କଲଭର୍ଟରେ ବାଡ଼େଇ ତାକୁ ଟିକି ଟିକି କରିଦେଇ ପାରେ କିମ୍ବା ରାସ୍ତାକଡ଼ର ନିୟନଯୋଡ଼ି ଭିତରକୁ ଓଲଟେଇ ଦେଇପାରେ !

ପ୍ରତି ପଲକରେ ଦୀନନାଥ ପ୍ରମାଦ ଗଣୁଥିଲେ । ଯଦି ଏମିତି କିଛି ଘଟେ, ଏଇଟା ବୋଧହୁଏ ତାଙ୍କ ପାଇଁ ହୋଇପାରେ ଶେଷଯାତ୍ରା । ନାତି, ଭବେଶ, ଲିପୁ ଏବଂ ଧନେଶ୍ୱର ! କ'ଣ ହେବ ଏମାନଙ୍କର ଅବସ୍ଥା ? (କ୍ରମଶଃ)

---



ଶୈବାଳିନୀ ସାହୁ

ଗଳ୍ପ

# ସ୍ୱାଧୀନ ମହାପାତ୍ର



କୌତୁହଳୀ ଜନତା ଭିତରୁ ସ୍ୱୟଂସେବକ ଜାତୀୟ ଦୁଇ ତିନିଜଣ ଭଦ୍ରବ୍ୟକ୍ତି ସେଦିନ ତ୍ୱରିତ ବେଗରେ ଛୁଟିଆସି ମୂର୍ଚ୍ଛା ଯାଉଥିବା ସ୍ୱାଧୀନ ମହାପାତ୍ରଙ୍କୁ ଟେକି ଧରି ନ ଥିଲେ ସେଇଠି ପଡ଼ିଥାନ୍ତା ମହାପାତ୍ରଙ୍କ ଜୀବନର ଶେଷ ଯବନିକା । ଥଣ୍ଡା ପାଣିରେ ମହାପାତ୍ରଙ୍କୁ ସାଷ୍ଟାମ କରାଇବାରେ ଅଗ୍ରଣୀ ଭୂମିକା ନେଇଥିବା ସେଇ ବ୍ୟକ୍ତିବିଶେଷମାନେ ତାଙ୍କୁ ଗୋଟିଏ ଛୋଟ ଚାଳିଆ ଘରର ବ୍ୟାଞ୍ଚରେ ବସାଇ ଦେଲାବେଳେ କହୁଥିଲେ, କଣ ଦରକାର ଥିଲା ଆପଣଙ୍କ ଭଳିଆ ଆଶୀତିପର ବୟସ୍କ ମଣିଷ ପଦାକୁ ଆସି ପୁଣି ଏଇ ଖରାବେଳଟାରେ ସୌଦାପତ୍ର କିଣାକିଣି କରିବା ।

ମହାପାତ୍ରେ ସେମାନଙ୍କୁ କିଛି ଉତ୍ତର ଫେରାଇ ନ ପାରି ଖାଲି ବଲ ବଲ ଆଖିରେ ସେମାନଙ୍କୁ ଚାହିଁଲେ ଗୋଟେ ଚିରକୃତଜ୍ଞ ହୋଇ ଉଠିବାର ଚାହାଣି; ଯୋଡହସ୍ତରେ ସେମାନଙ୍କୁ ସେ କିଛି ଅସ୍ପଷ୍ଟ ସ୍ୱରରେ କହୁ କହୁ ଏପାଖ ସେପାଖ ଅନାଇବାରୁ କେହିଜଣେ ତାଙ୍କୁ ତାଙ୍କର କନା ସିଲେଇ ବାଇଗଣୀ ରଙ୍ଗର ପରିବା ବ୍ୟାଗ ଆଉ କାଠବେଂଟ ଲଗା ଛତାଟି ସୁରକ୍ଷିତ ଭାବେ ସେଇ ଚାଳିଆ ଘରର ଗୋଟିଏ କୋଣରେ ଥୁଆ ହୋଇଛି ବୋଲି ଇସାରାରେ ସୂଚନା ଦେଲେ ଓ ସାବଧାନରେ ଘରକୁ ଯିବେ ବୋଲି ପରାମର୍ଶଟେ ଦେଇ ସେଠାରୁ ଅପସରି ଗଲେ । କ୍ରମେ କ୍ରମେ ମହାପାତ୍ରେ ନିଜକୁ ସହଜ ମନେ କରୁଥିଲେ । କିଛି ସମୟ ପୂର୍ବରୁ ଖରାର ବର୍ଚ୍ଛା ମାଡରେ ସିଝି ଲାଲ ପଡିଯାଇଥିବା ତାଙ୍କର ତମ୍ବା ରଙ୍ଗର ଦେହ ସ୍ୱାଭାବିକ ସ୍ଥିତିକୁ ଫେରୁଥିଲା । ଆଉ ସେ ସେଇ ଡେଲି ମାର୍କେଟର କାନ୍ଥହୀନ କୁଟା ଛାଉଣୀ ଚାଳିଆ ଭିତରୁ ଆଖି ପହଁରାଇ କାହାକୁ ଗୋଟେ ଖୋଜିଲା ଖୋଜିଲା ନଜରରେ ଅନାଉଥିଲେ ।

ବାବା । ସାତ ବର୍ଷ ବୟସର କୁନି ଝିଅଟେ ତାଙ୍କୁ ସାମ୍ନା ଚାଳିଆରୁ ଡାକିଲା । ମିଠା ଗଳାରେ ତାଙ୍କୁ ପଚାରିଲା, ପାଣି ପିଇବ ?

ନାଇଁ ମାଆ । ନିସ୍ତେଜ ସ୍ୱରରେ ମହାପାତ୍ର ସେ ଅଚିହ୍ନା ଝିଅଟିକୁ ଉତ୍ତର ଫେରାଉ ଫେରାଉ ହରିଣ ଛୁଆ ଭଳି ଲମ୍ଫଟିଏ ଦେଇ ସେ ଝିଅ ତାଙ୍କ ସାମ୍ନାରେ ଆସି ହାଜର ହୋଇଗଲା ଗୋଟେ ଏକ ଲିଟର ବିଶିଷ୍ଟ ପାଣି ବୋତଲ ହସ୍ତେ । ମହାପାତ୍ର ପାଣି ବୋତଲ ଦେଖି ସେତିକି ଅନୁଭବ କଲେ ନିଜର ତୃଷ୍ଣା । ବାସ୍ତବିକ ତାଂକୁ ଢେର ବେଳୁ ଶୋଷ ଲାଗୁଥିଲା। ସସ୍ନେହେ ପାଣି ବୋତଲର ଏକ ତୃତୀୟାଂଶ ଖାଲିକରି ଝିଅଟି ମଥାରେ ହାତ ବୁଲାଇ ଆଣୁ ଆଣୁ ଝିଅକୁ ପଚାରିଲେ ତାର ନାମ ।

ସୀତା । ଝିଅ ଅବିଳମ୍ବେ ଉତ୍ତର ଦେଲା । ଆହା । କେଡ଼େ ମଧୁର ନାମଟି । ମହାପାତ୍ର ବାବୁ ଉତ୍ସାହିତ ହୋଇ 'ସୀତା' ନାମଟିକୁ ଦୁଇ ତିନିଥର ଉଚ୍ଚାରି ପକାଇଲେ ଓ ପୁଣି ଅନ୍ୟମନସ୍କ ଭାବେ କାହାକୁ ଗୋଟେ ଖୋଜିଲା ଖୋଜିଲା ଆଖିରେ ଏପାଖ ସେପାଖ ଅନାଇଲେ । ତାଙ୍କୁ ପାଣି ପିଆଇ ତାଙ୍କ ସହ ଗପ ଯୋଡିବାର ଯୋଜନାରେ ଥିବା ସେଇ ସୀତା ନାମ୍ନୀ କୁନି ଝିଅଟି ତାଙ୍କ ଅନ୍ୟମନସ୍କତାର ଅର୍ଥ ବୁଝି ନ ପାରିଲେ ବି ଅନ୍ତତଃ ଏତକ ଭାବି ପାରୁଥିଲା ଯେ ସେଇ ବୟସ୍କ ଲୋକ ସହିତ ହୁଏତ ଆଉ ବି କେହି ଏଇ ଡେଲି ମାର୍କେଟକୁ ଆସିଥିବେ ଯାହାକୁ ଆଖି ସାମ୍ନାରେ ଦେଖିବାକୁ ନ ପାଇ ସେ ବ୍ୟସ୍ତ ହୋଇ ଏପାଖ ସେପାଖ ଅନାଇ ବୁଲୁଛନ୍ତି ।

କୁନି ଝିଅଟି ତାଙ୍କୁ ନିମ୍ନ ସ୍ୱରରେ ପଚାରିଲା, କାହାକୁ ଖୋଜୁଛ ବାବା ? ଆଉ ଏ ପ୍ରଶ୍ନର ଉତ୍ତରକୁ ଅପେକ୍ଷା ନ କରି ବ୍ୟାଞ୍ଚ କଡ଼କୁ ଥୁଆ ବିଶାଳକାୟ କଳା ଛତାର ବଂକୁଲି ବେଣ୍ଟରେ ନିଜ କୁନି ପାଦକୁ ଭର୍ତ୍ତି କରି ଖେଳିବାର ଆୟୋଜନରେ ମନଦେଲା ଝିଅଟି ।

ସ୍ୱାଧୀନ ମହାପାତ୍ର ଏକ ଲୟରେ ଚାହିଁଥିଲେ ସହରର ଏକ କୋଣରେ ନବ ନିର୍ମିତ ସେଇ ଡେଲି ମାର୍କେଟର ପଶ୍ଚିମ କୋଣକୁ । ଏଇ ସହରରେ ଜନ୍ମ ତାଙ୍କର । ସେତେବେଳେ ସେଠି ଡେଲି ମାର୍କେଟ ବା କୌଣସି ଦୋକାନ ବାଜାର କିଛି ନ ଥିଲା । ସେଇଟା ଥିଲା ଗୋଟିଏ ବିଶାଳ ଖୋଲା ପଡିଆ । ଆଜକୁ ପ୍ରାୟ ପଞ୍ଚସ୍ତରୀ ବର୍ଷ ତଳେ ସାରା ଦେଶ ସ୍ୱାଧୀନ ହେଲା ବେଳେ ସେଇ ସହରକୁ ବି ସ୍ୱାଧୀନତା ଆସିଥିଲା ଆଉ ପ୍ରଥମେ ପାଦ ଥାପିଥିଲା ଏଇଠି ଥିବା ବିଶାଳ ପଡ଼ିଆରେ ହଜାର ହଜାର ଆବାଳ, ବୃଦ୍ଧ, ବନିତାଙ୍କ ଭିଡ ମଝିରେ ଫରଫର ହୋଇ ଉଡୁଥିବା ତ୍ରିରଙ୍ଗା ପତାକା ଓ ଜାତୀୟ ସଙ୍ଗୀତର ଛନ୍ଦରେ ।

ସେତେବେଳକୁ ସ୍ୱାଧୀନ ମହାପାତ୍ରଙ୍କୁ ଖୁବ ବେଶୀରେ ସାତ ଆଠ ବର୍ଷ ବୟସ ହୋଇପାରେ । ସେତେବେଳେ ସେ ଠିକ୍ ଏଇ କୁନି ଝିଅ ସୀତା ବୟସର ହେବେ । ବାପାଙ୍କ କାନ୍ଧରେ ବସି ସେ ଆସିଥିଲେ ଏଇ ପଡ଼ିଆକୁ ସ୍ୱାଧୀନତା ଦିବସଟା କେମିତି ଚିଜ ବୋଲି ଜାଣିବାକୁ ସେଠାରେ ଉପସ୍ଥିତ ହୋଇଥିବା ହଜାର ହଜାର ଲୋକଙ୍କ ପରି । ସମ୍ପୂର୍ଣ୍ଣ ନ ହେଲେ ବି ଜାତୀୟ ସଙ୍ଗୀତର ପ୍ରଥମ ଧାଡିଟିକୁ ତାଙ୍କର ବାଳୁତ ମନ ଅକ୍ତିଆର କରି ନେବାରେ ସମର୍ଥ ହୋଇଥିଲା । ସେଇଠୁ ଘରକୁ ଫେରି ବେଶ କିଛି ଦିନ ଜାତୀୟ ସଙ୍ଗୀତର ପ୍ରଥମ ଧାଡି 'ଜନ ଗଣ ମନ ଅଧିନୟକ ଜୟ ହେ ଭାରତ ଭାଗ୍ୟ ବିଧାତା' ଏତକ ଗାଇ ଦେଇ ନିଜ ସାହିର ସମସ୍ତଙ୍କୁ ପୁଲକିତ କରିବା ସହ ବୟସ୍କଙ୍କ ଠାରୁ ସମବୟସ୍କ ଖେଳସାଥୀଙ୍କ ତୁଳନାରେ କିଛିଦିନ ଅଧିକ ଆଦର ଲାଭ କରିବାରେ ସମର୍ଥ ହୋଇଥିଲେ ସେ । ବାପା ସ୍କୁଲରେ ତାଙ୍କ ନାଁ ଲେଖାଇଲା ବେଳେ କିଛି ବର୍ଷ ତଳେ ସ୍ୱାଧୀନତା ସଂଗ୍ରାମ ପାଇଁ ବିପ୍ଳବ ସଙ୍ଗୀତ ଲେଖୁଥିବା ଯୁବ ପ୍ରଧାନ ଶିକ୍ଷକ ତାଙ୍କ ନାମ ଦେଇଥିଲେ ସ୍ୱାଧୀନ । ସ୍ୱାଧୀନ ମହାପାତ୍ର ।

ବାବା, ତୁମେ ଏଇଠି କାହାକୁ ଅପେକ୍ଷା କରିଛ ? ତୁମେ ତୁମ ଘରକୁ ଯିବନି ? ଆଛା, ତୁମ ନାମ କଣ କହିଲ ? ବେଶ କେଇ ମିନିଟ ବିତିଯିବା ପରେ ପୁଣି ତାଙ୍କର ଧ୍ୟାନ ଭାଂଗିଲା ସେଇଠି ସେତେବେଳ ଠାରୁ ତାଙ୍କ ଛତାଟି ସହ ଖେଳୁଥିବା ସୀତା ନାମ୍ନୀ କୁନି ଝିଅଟି । ମହାପାତ୍ର ସେ ପ୍ରଶ୍ନର କିଛି ଉତ୍ତର ନ ଦେଇ ହଠାତ୍ ଗାଇ ଉଠିଲେ , ଜାତୀୟ ସଙ୍ଗୀତର ପ୍ରଥମ ଧାଡି - 'ଜନ ଗଣ ମନ ଅଧିନାୟକ ଜୟ ହେ ଭାରତ ଭାଗ୍ୟ ବିଧାତା ।'

'ପଞ୍ଜାବ ସିଂଧୁ ଗୁଜୁରାଟ ମରାଠା ଦ୍ରାବିଡ଼ ଉତ୍କଳ ବଙ୍ଗ ।' ସ୍ୱାଧୀନ ମହାପାତ୍ରଙ୍କ ଠାରୁ ସଙ୍ଗୀତର ପ୍ରଥମ ପଦାନ୍ତେ କୁନି ଝିଅ ସୀତା ଗୋଟେ ଲହର ଟେକି ଯେତେବେଳେ ଗାଇ ଉଠିଲା ଜାତୀୟ ସଂଗୀତର ପରବର୍ତ୍ତୀ ଧାଡି ସବୁ ଗୋଟେ ବୁଲ ବୁଲ ପକ୍ଷୀ ଶାବକ ପରି ଉଚ୍ଚାଟିତ ସ୍ୱରରେ ସେତେବେଳେ ସ୍ୱାଧୀନ ମହାପାତ୍ରଙ୍କ ନିରବ ଖୋଜ୍ ର ସମାପ୍ତି ଘଟିଲା କି କଣ, ଜାତୀୟ ଗୀତିକୁ ସମ୍ମାନ ଦେଇ ଗୋଟେ ମୁହୂର୍ତ୍ତରେ ବସିଥିବା ବ୍ୟାଞ୍ଚରୁ ଛିଡ଼ାହୋଇଗଲେ ସେ ଆଜକୁ ପଞ୍ଚସ୍ତରୀ ବର୍ଷ ତଳେ ସେଇ ସ୍ଥାନରେ ସ୍ୱାଧୀନତା ଦିବସ କେମିତିକା ତାହା ଦେଖିବାକୁ ଆସିଥିବା ସାତ ବର୍ଷ ବୟସର ତୀକ୍ଷ୍ଣ ବାଳକଟେ ପରି ।


+ ସେ - ଏ, ପ୍ଲଟ୍-୯୪
ମେଟ୍ରୋପଲିଟାନ୍ କୋପାରେଟିଭ୍ ସୋସାଇଟି
କୋଲକାତା -୭୦୦୧୦୫



ଡାକ୍ତର ସୁରେନ୍ଦ୍ର ନାଥ ଦାଶ

# ମହାବୀର ଦୁର୍ଗା ଦାସ ରାଠୋର



ଭାରତ ଇତିହାସରେ ଦୁର୍ଗାଦାସ ରାଠୋର ବୀରତ୍ୱ ଓ ଦେଶପ୍ରେମର ଯେଉଁ ଜ୍ୱଳନ୍ତ ଉଦାହରଣ ଦେଖାଇ ଦେଇଛନ୍ତି, ତାହା କାଳ ବକ୍ଷରେ ଚିରଭାସ୍ୱର ହୋଇ ରହିଛି । ଯୋଧପୁର ରାଠୋର ରାଜବଂଶର ରକ୍ଷା ପାଇଁ ସେ କ୍ରୁର ଦିଲ୍ଲୀ ମୋଗଲ ବାଦଶା ଆଉରଙ୍ଗଜେବଙ୍କ ସହ ଦୀର୍ଘ ତିରିଶ ବର୍ଷକାଳ ଅହରହ ସଂଗ୍ରାମ କରି ଶେଷରେ ବିଜୟଶ୍ରୀ ମଣ୍ଡିତ ହୋଇଥିଲେ । ସାରା ଭାରତର ଦେଶପ୍ରେମୀ ମାନଙ୍କର ସେ ପ୍ରେରଣାର ଉତ୍ସ ରୂପେ କାଳକାଳ ପାଇଁ ରହି ଯାଇଛନ୍ତି ।

ମାରୱାଡ ରାଜପୁତନାର ଏକ ଶକ୍ତିଶାଳୀ ରାଜ୍ୟ । ରାଓ ଯୋଧା ରାଠୋରଙ୍କ ଦ୍ୱାରା ଏହି ରାଜ୍ୟ ୧୪୩୯ ମସିହାରେ ସ୍ଥାପିତ ହୋଇଥିଲା । ବ୍ଲୁ ସିଟି ନାମରେ ଏହାର ରାଜଧାନୀ ଯୋଧପୁର ସାରା ଭାରତରେ ବିଖ୍ୟାତ । ଏଠାରେ ଦେଶର ଏକ ବୃହତ ଦୁର୍ଗ ଓ ରାଜପ୍ରାସାଦ ମେହେରନଗଡ ଅଛି । ଏଠାରେ କେନ୍ଦ୍ର ସରକାରଙ୍କ ଅନେକ କେନ୍ଦ୍ରିୟ ଗବେଷଣାଗାର, ବିମାନବାହିନୀର ଛାଉଣି ଅଛି ।

ଯୋଧପୁର ରାଜବଂଶର ଜଣେ ସାମନ୍ତ ଆସକରଣ ରାଠୋରଙ୍କର ପୁତ୍ର ଥିଲେ ଦୁର୍ଗାଦାସ ଓ ସେ ୧୩ ଅଗଷ୍ଟ ୧୬୩୮ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ସେତେବେଳେ ଯଶୋବନ୍ତ ସିଂ ମାରୱାରର ଶାସକ ଥିଲେ । ସେ ଜଣେ ବରିଷ୍ଠ ମୋଗଲ ସେନାପତି ରୂପେ ଶାହାଜାହାନ ବାଦଶାଙ୍କ ସମୟରୁ କାମକରିଆସୁଥିଲେ । ସେ ଦାରାଙ୍କର ସପକ୍ଷବାଦୀ ଥିବାରୁ ଆଉରଙ୍ଗଜେବ ତାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ଯଶୋବନ୍ତଙ୍କର ଜ୍ୟେଷ୍ଠ ପୁତ୍ର ପୃଥୀ ସିଂଙ୍କୁ ଆଉରଙ୍ଗଜେବ ବିଷର ପୋଷାକ ପିନ୍ଧାଇ ହତ୍ୟା କରିଥିଲେ । ଯଶୋବନ୍ତଙ୍କୁ ଭୟଙ୍କର ଆଫଗାନ ପ୍ରଦେଶକୁ ଅଭିଯାନରେ ପଠାଇଲେ । ସନ୍ଦେହ କରାଯାଏ ସେଠାରେ ସେ ଆଉରଙ୍ଗଜେବଙ୍କ ଦ୍ୱାରା ବିଷ ପ୍ରଦାନ ହୋଇ ୧୬୭୮ ମସିହାରେ ଜାମୁରଡା ଖାଇବର ଘାଟିରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁବେଳକୁ ଯଶୋବନ୍ତଙ୍କ ଦୁଇ ରାଣୀ ଗର୍ଭବତୀ ଥିଲେ । ଆଗପଛ ହୋଇ ଦୁଇଟି ପୁଅ ମଧ୍ୟ ଜନ୍ମ ନେଲେ, ଗୋଟିଏ ପୁଅ ଅଳ୍ପ ଦିନ ପରେ ମରିଗଲେ ଓ ଅନ୍ୟ ପୁଅର ନାମ ଜିତ ସିଂ ଦିଆଯାଇ ସିଂହାସନ ପାଇଁ ମୋଗଲ ଦରବାରରେ ଦାବି ଉପସ୍ଥାପନା କରାଗଲା । ରାଠୋର ରାଜବଂଶର ପ୍ରତିନିଧିରୂପେ ରାଣୀ ଓ ଶିଶୁ ରାଜକୁମାରଙ୍କ ସହ ଦୁର୍ଗାଦାସ ମୋଗଲ ରାଜଧାନୀ ଶାହାଜାନାବାଦରେ ଶିବିର ସ୍ଥାପନା କରି ମୋଗଲ ଦରବାରରେ ଅର୍ଜି ପେଶ କଲେ । ମାତ୍ର ଆଉରଙ୍ଗଜେବ ସହଜରେ ଛାଡିବା ବ୍ୟକ୍ତି ନଥିଲେ । ଶକ୍ତିଶାଳୀ ମାରଓ୍ୱାର ରାଜ୍ୟକୁ ସଂପୂର୍ଣ୍ଣ ଗ୍ରାସ କରି ରାଜପୂତ ମାନଙ୍କର ପ୍ରାଧାନ୍ୟ କ୍ଷୁର୍ଣ୍ଣ କରିବା ମତଲବରେ ସେଥିଲେ ।

ସେ ରାଣୀ ଓ ତାଙ୍କ ପୁଅ ମୋଗଲ ହାରେମରେ ରହିବା ସର୍ତ୍ତ ରଖିଲେ ଓ ଅଜିତ ମୁସଲମାନ ଧର୍ମ ଗ୍ରହଣ କଲେ ତାଙ୍କୁ ପରେ ରାଜପଦ ଦିଆଯିବ ବୋଲି ସର୍ତ୍ତ ମଧ୍ୟ ରଖିଲେ । ସେତେବେଳେ ମୋଗଲ ବାଦଶାଙ୍କର ଅନୁମତି ପରେ ହିଁ ଉତ୍ତରାଧିକାର ସାବ୍ୟସ୍ତ ହେଉଥିଲା । ଆଉରଙ୍ଗଜେବଙ୍କର ସର୍ତ୍ତ ବାସ୍ତବିକ ଧମକ ଥିଲା । ରାଜକୁମାରଙ୍କ ସୁରକ୍ଷାପାଇଁ ଦୁର୍ଗାଦାସ ରାଜପୂତ ମାନଙ୍କୁ ପଳାୟନ ପାଇଁ ଆଦେଶ ଦେଲେ । ଅଜିତ ଓ ବିଧବା ରାଣୀଙ୍କୁ ଛଦ୍ମ ବେଶରେ ନିଆଗଲା । ଜଣେ ଦାସୀ ମହାରାଣୀ ଓ ତାଙ୍କ ପୁତ୍ର ରାଜ ପୋଷାକ ପିନ୍ଧି ଯାତ୍ରା କଲେ । ମୋଗଲ ସେନା ସେମାନଙ୍କ ଅନୁସରଣ କଲେ । ଖଣ୍ଡ ଯୁଦ୍ଧରେ ଅନେକ ରାଜପୁତ ଶହୀଦ ହେଲେ । ଶେଷରେ ଛଦ୍ମବେଶୀ ରାଜକୁମାର ଓ ରାଣୀଙ୍କୁ ବନ୍ଦୀ କରାଯାଇ ଦିଲ୍ଲୀକୁ ଅଣାହେଲା । ଏଣେ ଦୁର୍ଗାଦାସ ଶିଶୁ ରାଜକୁମାର ଓ ରାଣୀଙ୍କୁ ଧରି ଆରାବଳୀ ଅରଣ୍ୟ ରଘନ ଜଙ୍ଗଲକୁ ଚାଲିଯାଇ ଅଜିତ ସିଂକୁ ରାଜା ବୋଲି ସିରୋହି ଠାରେ ଘୋଷଣା କଲେ । ଆରରଙ୍ଗଜେବ କ୍ରୋଧାନ୍ୱିତ ହୋଇ ମୋଗଲ ସେନା ପଠାଇ ସାରା ରାଠୋର ରାଜ୍ୟ ଓ ରାଜଧାନୀ ଯୋଧପୁରରେ ଆତଙ୍କ ରାଜ ଚଲାଇଲେ । ମନ୍ଦିର ମାନ ଭାଙ୍ଗି ଲେ । ଜିଜିଆ କର ବସାଇଲେ । ଇନ୍ଦ୍ର ସିଂ ନାମକ ଜଣେ ରାଜପୁତକୁ ଶାସନ ଭାର ଦେଲେ । ଏପରିକି ନିଜେ ଆଜମୀରରେ ରହି ଦମନ କାର୍ଯ୍ୟ ତଦାରଖ କଲେ ।

ଦୁର୍ଗାଦାସ କିନ୍ତୁ ବିଦ୍ରୋହ ଘୋଷଣା କଲେ । ମୋଗଲ ରାଜକୋଷ ଲୁଣ୍ଠନ କରି ଗୁଜୁରାଟ ଯାଉଥିବା ବାଣିଜ୍ୟ ଗାଡି ମାନ ଅଧିକାର କଲେ । ମେବାରର ରାଣା ରାଜସିଂ ଆଜିତ ସିଂଙ୍କର ମାମୁ । ତାଙ୍କୁ ପ୍ରରୋରିତ କରି ମିଳିତ ବିଦ୍ରୋହ ଗୋଷଣା କଲେ । ଆଉରଙ୍ଗଜେବଙ୍କ ପୁଅ ଆକବରକୁ ମାରଓ୍ୱାର ଓ ନିଜେ ମେବାର ଅଭିମୁଖେ ଅଭିଯାନ ଆରମ୍ଭ କଲେ । ମେବାରର ଗରିଲା ଆକ୍ରମଣରୁ ରକ୍ଷା ପାଇବା ପାଇଁ ସେ ସନ୍ଧିକରି ସେନା ପ୍ରତ୍ୟାହାର କରି ଆଜମୀରକୁ ଚାଲିଗଲେ । ଦୁର୍ଗାଦାସ ପ୍ରିନସ ଆକବରଙ୍କ ସହ ମନ୍ତ୍ରଣା କରି ତାଙ୍କୁ ବାଦଶା ବୋଲି ଘୋଷଣା କଲେ ଓ ଆଉରଙ୍ଗଜେବଙ୍କୁ ବନ୍ଦୀ କରି ହିନ୍ଦୁସ୍ଥାନକୁ ରକ୍ଷାକରିବା ପାଇଁ ଅନ୍ୟ ରାଜପୁତ ମାନଙ୍କୁ ଆହ୍ୱାନ ଦେଲେ । ମାତ୍ର ଆଉରଙ୍ଗଜେବ ଚକ୍ରାନ୍ତ କରି ଆକବର ଓ ରାଜପୁତ ମାନଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କଲେ । ବିଦ୍ରୋହ ବିଫଳ ହେଲା । ପରେ ସବୁକଥା ଜାଣି ଦୁର୍ଗାଦାସ ଅସୀମ ସାହାସର ସହିତ ରାଜକୁମାରଙ୍କୁ ସୁରକ୍ଷା ଦେଇ ଦାକ୍ଷିଣାତ୍ୟକୁ ନେଇଗଲେ । ସେଠାରେ ସେ ମରହଟ୍ଟା ଛତ୍ରପତି ଶମ୍ଭୁଜୀଙ୍କ ଦାୟିତ୍ୱରେ ଛାଡି ରାଜପୁତନା ଫେରିଲେ । ଦାକ୍ଷିଣାତ୍ୟରେ ୬ବର୍ଷ ରହିଲା ପରେ ଦୁର୍ଗାଦାସ ରାଜପୁତନା ଫେରିଲେ । ଏହା ମଧ୍ୟରେ ଆଉରେଙ୍ଗଜେବ ମରହଟ୍ଟା ବିଦ୍ରୋହ ଓ ଆକବରଙ୍କୁ ଧରିବାପାଇଁ ୧୮୮୨ ମସାହାରେ ଦାକ୍ଷିଣାତ୍ୟକୁ ଯାତ୍ରାକଲେ ।

ଆକବର ଗଲା ବେଳେ ନିଜର ପରିବାରକୁ ଦୁର୍ଗାଦାସଙ୍କ ସୁରକ୍ଷାରେ ରଖିଗଲେ । ସେମାନଙ୍କୁ ଫେରାଇ ଆଣିବା ପାଇଁ ଆଉରଙ୍ଗଜେବ ଦୁର୍ଗାଦାସଙ୍କ ସହ ସନ୍ଧି କଲେ ଓ ସୈନ୍ୟ ଅପସାରଣ କଲେ । ଯେତେବେଳେ ବୋହୂ, ନାତି ଓ ନାତୁଣି ମାନେ ଫେରିଲା ପରେ ଆଏରଙ୍ଗଜେବ ଜାଣିଲେ ତାଙ୍କର ନାତି ନାତୁଣି ମାନଙ୍କୁ ଦୁର୍ଗାଦାସ ଇସଲାମ ପଦ୍ଧତିରେ ପାଳନ କରିଛନ୍ତି, ସେ ନରମି ଗଲେ । ଏହି ସୁଯୋଗରେ ଦୁର୍ଗାଦାସ ମୋଗଲ ମାନଙ୍କୁ ଯୋଧପୁରରୁ ତଡି ଦେଲେ । ୧୭୦୭ ମସିହାରେ ଆଉରଙ୍ଗଜେବଙ୍କର ମୃତ୍ୟୁ ପରେ ସେ ଯୋଧପୁରକୁ ସଂପୂର୍ଣ୍ଣ ସ୍ୱାଧୀନ ବୋଲି ଘୋଷଣା କଲେ ।

ଏହା ମଧ୍ୟରେ ଅଜିତ ସିଂ ସାବାଳକ ହୋଇ ସମସ୍ତ କ୍ଷମତା ନିଜ ହାତକୁ ନେଲେ । ସେ ଦୁର୍ଗାଦାସଙ୍କ ପ୍ରଶଂସାରେ ଈର୍ଷା କଲେ । ବିଶେଷତଃ ଅଜିତ ସିଂଙ୍କର ଇସଲାମ ଧର୍ମପୀଠ ଆଜମିରର ଦରଘାକୁ ଆକ୍ରମଣକୁ ଦୁର୍ଗାଦାସ ପସନ୍ଦ କରିନଥିଲେ । ମତଭେଦ ହେବାରୁ ଦୁର୍ଗାଦାସ ସ୍ୱେଚ୍ଛାରେ ରାଜ୍ୟଛାଡି ଚାଲିଗଲେ । ଅନେକ ସ୍ଥାନ ବୁଲି ଶେଷ ଜୀବନ ଉଜ୍ଜୟନୀର ମହାକାଳଙ୍କ ପାଖରେ ଆଶ୍ରମ କରି ରହିଲେ । ୨୨ ନଭେମ୍ବର ୧୭୧୮ ମସିହାରେ ସେଠରେ ତାଙ୍କର ମୃତ୍ୟୁ ହେଲା । ସେଠାରେ ତାଙ୍କର ସମାଧିରେ ପ୍ରତିବର୍ଷ ରାଜପୁତନାର ଅନେକ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଦେଇଥାଆନ୍ତି ।

କେମ୍ବ୍ରିଜରୁ ପ୍ରକାଶିତ ଭାରତ ଇତିହାସରେ ଦୁର୍ଗାଦାସଙ୍କର ଅଜସ୍ର ପ୍ରଶଂସା କରା ଯାଇଛି । ତାଙ୍କ ସମ୍ମାନାର୍ଥେ ଭାରତ ସରକାର ମୁଦ୍ରା ଓ ଡାକ ଟିକେଟ ପ୍ରଚଳନ କରିଛନ୍ତି । ତାଙ୍କ ଜୀବନୀକୁ ଚିତ୍ର ମାଧ୍ୟମରେ ରାଜସ୍ଥାନରେ ଦର୍ଶା ଯାଇଛି । ଏଭଳି ଦେଶପ୍ରେମୀଙ୍କୁ କାହିଁକି ଲୋକମାନଙ୍କର ଅଜ୍ଞାତରେ ରଖା ଯାଇଛି ତାହା ବାସ୍ତବିକ ବିସ୍ମୟକର ।

+ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,
ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬




## ରଜନୀଙ୍କ ରାଜଧାନୀ ଗୁଗୁଲ୍

### ॥ ବାବାଙ୍କ ମତିଭ୍ରମ ॥

ଆଜିକାଲି ବାବାଙ୍କର ମତିଭ୍ରମ ହେଲା ଭଳି ଲାଗୁଛି । ହେବାଟା ବି ସ୍ୱାଭାବିକ । ବିନା ପରିଶ୍ରମରେ ବାଳିଆ ମାଛକୁ ମାଡ଼ିବସିବା ଭଳି ଏସ୍.ପି ସିଟ୍‌କୁ ମାଡ଼ି ବସିଥିଲେ ଆଜିଯାଏ । କ୍ଷମତା, ସମ୍ମାନ ସବୁ ପାଦତଳକୁ ଚାଲିଆସୁଥିଲା । ଏବେ କିନ୍ତୁ ସବୁଥିରେ ଭଟ୍ଟା ପଡ଼ିଯାଇଛି । ଅବଶ୍ୟ ସମ୍ମାନ ମିଳୁଛି କବି ଭାବରେ । ବାବାଙ୍କ ଆଜିକାଲି ମାଇଣ୍ଡ ଅପସେଟ୍ ହେଲାଭଳି ଲାଗୁଛି । କୋଉଠି କୋଉ କଥା କହୁଛନ୍ତି କିଛି ବାଡ଼ବଡା ରହୁନି । ଏବେ ନିକଟରେ ଦଳର ପ୍ରତିଷ୍ଠା ଦିବସ ଗଲା । ଦଳ ନବୀନ, ବିଜୁଙ୍କୁ ଛାଡ଼ି ମିନିଷ୍ଟର ମେକର ମାଷ୍ଟର ବ୍ଲାଷ୍ଟର ବବିଙ୍କ ଉପରେ ତେଲଟିଣ ଢାଳିବାକୁ ଲାଗିଲେ ଯାହା କି ଖୋଦ୍ ବବିଙ୍କୁ ଅଣନିଃଶ୍ୱାସୀ କରିପକାଇଥିଲା । ଲୋକେ ଭାବୁଛନ୍ତି ଏଇଟା ବାବାଙ୍କ ମତିଭ୍ରମ ନା ସତ୍ୟର ଉପଲବ୍ଧି ! ତାଙ୍କର ଅନିଚ୍ଛାକୃତ ରାଜନୈତିକ ସନ୍ୟାସ ପାଇଁ ବବିଙ୍କର ପ୍ରଚ୍ଛନ୍ନ ହାତ ରହିଛି ବୋଲି ବାବା ଅନୁଭବ କରୁଛନ୍ତି ଅଥବା ବବି ଚାହିଁଲେ ବାବା ଅଧା ପାଷାଣ ଅବସ୍ଥାରୁ ପୁଣି ଜୀବନ୍ୟାସ ପାଇଯିବେ ବୋଧେ ।

### ॥ ନବୀନଙ୍କ ବାରହାତି ଖଣ୍ଡା ॥

ଯାହାହେଉ ସବୁ ସନ୍ଦେହ ସଂଭାବନାର ଅନ୍ତ ଘଟିଲା । ମହାରଥୀ ନନ୍ଦନଙ୍କୁ ପିପିଲି ଟିକେଟ୍ ମିଳିଲା । ଏବେ ଜୟବିଜୟର ପ୍ରଶ୍ନ । ଗତ ନିର୍ବାଚନରେ ବାହୁବଳୀ ମହାରଥୀଙ୍କ ତୁଳନାରେ ତାଙ୍କ ଶଙ୍ଖଦଳିଆ ପ୍ରତିଯୋଗୀଙ୍କର ଭୋଟ ହାର କିଛି ମନ୍ଦ ନଥିଲା । ପାଖାପାଖି ବିଧାନ ସଭାମଣ୍ଡଳୀ ଗୁଡ଼ିକରେ ପଦ୍ମ ଦଳିଆଙ୍କ ଦବଦବା ବି' କିଛି କମ୍ ନୁହେଁ ! ମହେଶ୍ୱର ଓ ସଞ୍ଜୟ ଦାସବର୍ମା ବି ଢ଼େର୍ ପାଣି ପିଇଛନ୍ତି । ଏବେ ମହାରଥୀ ଫ୍ୟାମିଲିରେ ଟିକେଟ୍‌କୁ ନେଇ ଉପରକୁ ଯେତେ ଭଲ ଜଣାପଡ଼ିଲେ ବି ଜନନୀ ସେତେଟା ଖୁସି ନଥିବା ଜଣାପଡୁଛି । ଏହାକୁ ନେଇ କିଛି କର୍ମୀ ବି' ଅସନ୍ତୁଷ୍ଟ । ନନ୍ଦୀଗ୍ରାମ ଭଳିଆ ଉଭୟ ଦଳ କର ବା ମର ସ୍ଥିତିରେ । ଉପକୂଳରୁ ଆଉ ଗୋଟିଏ ବି ସିଟ୍ ହରେଇବାକୁ ଚାହୁଁ ନାହାନ୍ତି ଶଙ୍ଖ ଦଳର ମୁଖିଆ । ଚାରିଚାରିଟା ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଇଛନ୍ତି । ତେବେ ନିମାପଡ଼ାର କୁହାଳିଆ ମନ୍ତ୍ରୀଙ୍କ ଟେନ୍‌ସନ୍ ବଢ଼ିଯାଇଛି । ଯିଏ ଯେତେ କହୁପଛେ ହାରଜିତ୍‌ର ଫଳାଫଳର ଉତ୍ତରଦାୟୀ ସିଏ ହେବାକୁ ବାଧ୍ୟ । ସିଏ ଭଲ କରି ଜାଣନ୍ତି ଡାଇଲଗ୍‌ବାଜି ଆଉ ଚଳିବ ନାହିଁ, କାମରେ କରି ଦେଖାଇବାକୁ ପଡ଼ିବ କାହିଁକି ନା ନବୀନଙ୍କ ବାରହାତି ଖଣ୍ଡାର ଧାର ଟା ଠିକ୍ ତାଙ୍କରି ମଥା ଉପରେ ।




## ॥ ଧୀରେନ୍ଦୁ ମଜୁମଦାର୍‌ର ମା' ॥



ଲଳିଥାମ୍ବିକା ଅନ୍ତର୍ଜନମ୍
(୧୯୦୯-୧୯୮୭)

ବିଭାଜନ ବହୁତ କିଛି ଦେଖାଇଛି ମଣିଷକୁ । ନିଜ ଦେଶରେ ନିଜେ ଶରଣାର୍ଥୀ ସାଜିବା କି ଦୁର୍ଭାଗ୍ୟର କଥା ! ଏସବୁ ଅଘଟଣ ପାଇଁ ଦାୟି କିଏ ? ବିଦେଶୀ ଇଂରେଜମାନେ ନା ଆମ ଦେଶର ଛାମୁଆଁ ନେତୃବୃନ୍ଦ? ମାଲାୟାଲମ୍ ଭାଷାର ପ୍ରଖ୍ୟାତ ଗାଳ୍ପିକା ଲଲିଥାମ୍ବିକା ଅନ୍ତର୍ଜନମ୍ ସେଇ ପ୍ରଶ୍ନ ପ୍ରଚାରିଛନ୍ତି ତାଙ୍କ ରଚିତ ଏକ ଗଳ୍ପ 'ଧୀରେନ୍ଦୁ ମଜୁମଦାରର ମା' ମାଧ୍ୟମରେ । ପ୍ରଥମପୁରୁଷରେ ଲିଖିତ ସେଇ ଗଳ୍ପରେ ଆଜି ଆସନ୍ତୁ ପ୍ରତ୍ୟକ୍ଷ କରିବା ସେଇ ପ୍ରଶ୍ନକୁ । ଭେଟିବା ଧୀରେନ୍ଦୁଙ୍କ ମା'ଙ୍କୁ ।

ମୁଁ କିଏ ଜାଣିଛ ? ମୋ ନା' ଶାନ୍ତି ମଜୁମଦାର । ନବେ ବର୍ଷର ଜଣେ ବୃଦ୍ଧା । ପୂର୍ବବଙ୍ଗର ଏକ ଛୋଟ ଗାଁରେ ମୋର ଜନ୍ମ । ସେଇଠି ବଢ଼ିଛି । ମୋର ନ'ଟି ଛୁଆ, ସାତଟି ପୁଅ ଓ ଦୁଇଟି ଝିଅ । ଭାରତ ପାଇଁ ପାଞ୍ଚଟା ଓ ପାକିସ୍ଥାନ ପାଇଁ ଚାରିଟାଙ୍କୁ ବଳି ଚଢ଼ାଇଛି । ସେଇ ମାଟି ଉପରେ ହିଁ ଦେହତ୍ୟାଗ କରିବାର ଭାରି ଇଚ୍ଛା ଥିଲା ଯେଉଁଠି ମୋ ପୂର୍ବପୁରୁଷଙ୍କ ମର ଶରୀର ମାଟିରେ ମିଶିଛି । ମୁକ୍ତି ଫୌଜ ଯଦି ମୋତେ କାନ୍ଧରେ ବୋହି ଜବରଦସ୍ତ ଏଠାକୁ ନଆଣିଥାନ୍ତେ ତେବେ ଶାନ୍ତି ମାଉସୀ ବି ବୀରତ୍ୱର ସହ ଲଢ଼ି ଯୁଦ୍ଧଭୂମିରେ ବୀରଗତି ଲଭି ନିର୍ବାଣପ୍ରାପ୍ତ ହୋଇଥାନ୍ତା । ଜଣେ ଭୟ କରିବ କାହିଁକି ? ଶାନ୍ତିର କୌଣସି ସନ୍ତାନ କେବେ ଡରି ନାହାନ୍ତି ଜୀବନରେ । ମୋ ପାଞ୍ଚଟି ଛୁଆଙ୍କ ହାଡ଼ ଚୁନା ହୋଇ ମିଶିଛି ଏଇ ମାଟିରେ । ହେଲେ ପିଲାଏ, ଶାନ୍ତି ମାଉସୀ କେବେ ଚାହେଁନି ଯୁଦ୍ଧଭୂମିରୁ ପଳାୟନ କରି ଅନ୍ୟ କୋଉଠି ଶରଣାର୍ଥୀ ସାଜିବାକୁ । ତୁମେ ଜାଣି ନଥାଇ ପାର । କିନ୍ତୁ ଆମପାଇଁ ଭାରତ କେବେହେଲେ ମୁଠାଏ ମାଟି ନଥିଲା । ଦେବୀ ମା' ଯେପରି ସୁଜଳା, ସୁଫଳା ଓ ଶସ୍ୟ ଶ୍ୟାମଳା - ଆମେ ଆମ ଛୁଆଙ୍କୁ ପାଳିଲା ବେଳେ ସେଇ ଶତଭୂଜା ଖଣ୍ଡା ଖର୍ପରଧାରିଣୀ ମାଆଙ୍କୁ ଧ୍ୟାନ କରୁଥିଲୁ । ଆମେ ଛୁଆଙ୍କ ବଳି ଚଢ଼ାଇଲୁ ସେଇ ମାଆଙ୍କ ମୁକ୍ତି ପାଇଁ ... ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସେନାନୀ, ସାହସୀ ଓ ନିଃସ୍ୱାର୍ଥପର ଶହୀଦ - ତୁମେ ସେମାନଙ୍କ ବିଷୟରେ ଶୁଣିଛ .... ସେସବୁ ତୁମ ଇତିହାସ ଅନ୍ତର୍ଭୁକ୍ତ କି ? ଅସଂଖ୍ୟ ସ୍ମୃତି ବିଛାଡ଼ି ହୋଇ ପଡ଼ି ରହିଛି । ଛାତିଥରା ସ୍ମୃତି । କାହାରି ବ୍ୟକ୍ତିଗତ କି ପାରିବାରିକ ନୁହେଁ । ଦୁଃଖଦ କାହାଣୀ ଏକ ସମ୍ପୂର୍ଣ୍ଣ ଅଞ୍ଚଳର । ଶାନ୍ତି ମଜୁମଦାରର କାହାଣୀ ତୁମ ଆଗରେ ସବୁକିଛି ସ୍ପଷ୍ଟ କରିଦେବ । ଶୁଣ .... ତୁମେ ଯାହାକୁ ଏବେ ପୂର୍ବ ପାକିସ୍ଥାନ କହୁଛ ତା'ର ମଝାମଝି ଆମ ଘର । ଆମ ଜମିଦାରୀର ବାମପଟେ ପଦ୍ମାନଦୀ ପୂର୍ବମୁଖା ବୋହିଯାଉଥିଲା ସମୁଦ୍ର ଆଡ଼କୁ । ପ୍ରାୟ ବନ୍ୟା ଆସେ ସେଥିରେ । ସେତେବେଳେ ଗାଁଲୋକେ ଦୁର୍ଗାମନ୍ଦିର କଡ଼ରେ ଥିବା ବଡ଼ ଘରଟିରେ ଆସି ରୁଣ୍ଡ ହୁଅନ୍ତି । ମଜୁମଦାର ଘର ବୋହୂମାନେ ତାଙ୍କ ମହଲର ଉପରତାଲା ବାଲକୋନୀରେ ବସି ପଦ୍ମାନଦୀର ଏଇ ଧ୍ୱଂସଲୀଳା ଦେଖନ୍ତି । ସେମାନେ କେବେ ଅନ୍ତଃପୁରରୁ ବାହାରକୁ ଆସନ୍ତିନି । ପରପୁରୁଷକୁ ମୁଣ୍ଡ ଟେକି ଚାହାଁନ୍ତିନି । ଅବନୀ ମଜୁମଦାରଙ୍କ ସ୍ତ୍ରୀର ପ୍ରସବ ବେଳେ କିଛି ଅସୁବିଧା ହେବାରୁ ସହରରୁ ଡାକ୍ତରଙ୍କୁ ଡାକିବାକୁ ଅନୁମତି ଦେଇ ନଥିଲେ ପରିବାରର ମୁରବୀ । ପ୍ରଥା ଅନୁଯାୟୀ ମଜୁମଦାର ପରିବାରର କୌଣସି ବୋହୂ ଭୁଆଷୁଣୀଙ୍କ ଦେହ ଅସୁଖ ହେଲେ ଯମ ଛଡ଼ା ଆଉ କାହାକୁ ଅନ୍ତଃପୁରକୁ ପ୍ରବେଶର ଅନୁମତି ନଥିଲା । ଲାଲ ସିଲ୍କ ଶାଢ଼ି ଗୁଡ଼େଇ, ମଥାରେ ସିନ୍ଦୂର ଟୋପାଏ ନାଇ, ପାଲିଙ୍କି ଚଢ଼ି ମୁଁ ଏଇ ଘରକୁ ବୋହୂ ହୋଇ ଆସିଥିଲି ମାତ୍ର ନ'ବର୍ଷ ବୟସରେ । ସେଇ ଦିନଠୁଁ ମୋତେ ଆସି ପଚାଶ ବର୍ଷ ହେବାଯାଏଁ ମୁଁ ଆଉ ବାହାରକୁ ବାହାରି ନାହିଁ । ବଡ଼ପୁଅ ଧୀରେନ୍ କଲେଜ୍‌ରେ ପଢ଼ିଲା ବେଳେ ଦୁଆରମୁହଁକୁ ବାହାରି ତା'ର ଜଣେ ସାଙ୍ଗକୁ ଭେଟିବା ପାଇଁ କେତେ କରି କହିଲା । ଗଭର୍ଣ୍ଣର ସାହେବ୍ ଓ ତାଙ୍କ ପତ୍ନୀ ଆମ ଘରକୁ ବୁଲି ଆସିଥିବା ବେଳେ ଇୟେ ଚାହାନ୍ତି ମୁଁ ପଦାକୁ ବାହାରି ସେମାନଙ୍କୁ ସ୍ୱାଗତ ଜଣାଏ । ହେଲେ ମୁଁ କାହାରି ଅନୁରୋଧ ରକ୍ଷା କରିନାହିଁ । ଆମ ସମୟର ସ୍ତ୍ରୀଲୋକଙ୍କ ପକ୍ଷରେ ସମ୍ଭବ ନଥିଲା ଘରୁ ପଦାକୁ ଗୋଡ଼ କାଢ଼ିବା । ନିୟମ ଭାଙ୍ଗିବାକୁ ଆମେ ଭୟ କରୁଥିଲୁ । ହେଲେ ଯେତେବେଳେ ଆମ ଛୁଆମାନେ ନିଜେ ସବୁ ନିୟମ ଭାଙ୍ଗିଲେ .... ?

ସ୍ୱାମୀ ଗୋଟେ ପଟେ - ଛୁଆମାନେ ଅନ୍ୟ ପଟେ, ଯେତେବେଳେ ଏମିତି ଏକ ଦୁଃଖଦ ଯୁଦ୍ଧ ଆରମ୍ଭ ହୁଏ ସେତେବେଳେ ମା'ଟିଏ କାହାର ପକ୍ଷ ନେବ ? କାହାକୁ ସମର୍ଥନ ଜଣାଇବ ? କର୍ତ୍ତବ୍ୟ ପାଳନରେ ଏଭଳି ଦ୍ୱିଧାବୋଧ ତୁମେମାନେ କେବେ କଳ୍ପନା ସୁଦ୍ଧା କରି ପାରିବନି । ମଜୁମଦାର ମାନେ ରାଜଭକ୍ତ ଥିଲେ । ଆମର ଥିଲା ଜମିଦାର ପରିବାର । ମୋ ସ୍ୱାମୀ ଜଣେ ରାୟ ବାହାଦୁର । ଅବୈତନିକ ନ୍ୟାୟାଧୀଶ, ବ୍ରିଟିଶ ସରକାରଙ୍କ ପରାମର୍ଶ କମିଟିର ମାନ୍ୟବର ସଦସ୍ୟ । ଗଭର୍ଣ୍ଣର ଓ ଭାଇସରାୟ ମାନେ ଅତିଥି ହୋଇ ଆସୁଥିଲେ ଘରକୁ । ତାଙ୍କର ଭାରି ଇଚ୍ଛା ଥିଲା ବଡ଼ପୁଅ ଧୀରେନ୍ଦୁକୁ ଆଇ.ସି.ଏସ୍ ବନେଇବାକୁ । ସେ କହୁଥିଲେ, "ରାୟବାହାଦୂର କେବଳ ଏକ ଉପାଧି । କିନ୍ତୁ ଆଇ.ସି.ଏସ୍ ତା' ସହିତ ଆଣିବ ଉଭୟ ଅର୍ଥ ଓ କ୍ଷମତା ।" ଧୀରେନ୍ ଖୁବ୍ ଭଲ ପଢୁଥିଲା । ଦେଖିବାକୁ ଯେତିକି ସୁନ୍ଦର କଥା ବି ସେତିକି ମଧୁର । ତା'ର ଗରିବଙ୍କ ପ୍ରତି ଦରଦ ଯୋଗୁଁ ଲୋକେ ତାକୁ ଖୁବ୍ ସ୍ନେହ କରୁଥିଲେ । ଥରେ ଜଣେ ବୃଦ୍ଧାଙ୍କୁ ଅନ୍ତଃପୁରକୁ ନେଇଆସି ମୋତେ କହେ, "ମା', ଇୟେ ଜଣେ ସନ୍ୟାସିନୀ, ଭୈରବ ସମ୍ପ୍ରଦାୟର । ସେ କାହାରି ସହ କଥା କି ଭେଟ ହୁଅନ୍ତିନି । ଆମ ଠାକୁରଘର କଡ଼କୁ ଥିବା ଛୋଟ କୋଠରୀଟିରେ ୟା'ଙ୍କୁ କିଛିଦିନ ରହିବାକୁ ଅନୁମତି ଦେଇ ପାରିବ ? ତୁମେ ନିଜେ ହିଁ ଖାଦ୍ୟ ନେଇଯିବ ତାଙ୍କ ପାଖକୁ ।" ଭାରି ଖୁସିଲାଗେ ମୋତେ । ଏଇ ବୟସର ପିଲାମାନେ ଯେତେବେଳେ ସାଧାରଣତଃ ଗଣିକା ପଛରେ ଗୋଡ଼ାଉଥାନ୍ତି ସେତେବେଳେ ମୋ ପୁଅ ସନ୍ୟାସିନୀଙ୍କ ସେବାପୂଜାରେ ଲାଗିଛି । ସନ୍ୟାସିନୀ ସବୁବେଳେ କିଛି ଲେଖୁଥାନ୍ତି ନହେଲେ ପଢୁଥାନ୍ତି ସେଇ ଅନ୍ଧାରୁଆ ଘରଟା ଭିତରେ ବସିରହି । ଲେଖା କାଗଜଗୁଡ଼ିକୁ ଧୀରେନ୍ ବିଡ଼ା ବିଡ଼ା କରି କୁଆଡ଼େ ନେଇଯାଉଥାଏ । ଉଭୟ କଥାହେଲେ ମୋତେ ତାହା ମନ୍ତ୍ରୋଚ୍ଚାରଣ ଭଳି ଶୁଭୁଥାଏ । ମୁଁ ତାଙ୍କ ପାଇଁ ଖାଇବା ନେଇକରି ଗଲେବି ତାଙ୍କ ମୁହଁ କେବେ ମୋତେ ଦେଖିବାକୁ ସୁଯୋଗ ଦିଅନ୍ତି ନାହିଁ । ଏମିତି କିଛିଦିନ ରହିଲାପରେ ଦିନେ ଅମାବାସ୍ୟାର ବର୍ଷଣମୁଖର ରାତିରେ, ପଦ୍ମାନଦୀ ଦୁଇକୂଳ ଖାଇ ଉଛୁଳୁଥିବା ବେଳେ ଧୀରେନ୍ ମୋତେ ସେଇ ଅନ୍ଧାର କୋଠରୀ ଭିତରକୁ ଡାକେ । "ମା', ଆଜି ସନ୍ୟାସିନୀ ଏଠାରୁ ବିଦାୟ ନେବେ । ଯିବା ପୂର୍ବରୁ ସେ ତୁମକୁ ଭେଟି ଆଶୀର୍ବାଦ ଦେବାକୁ ଚାହୁଁଛନ୍ତି" କହି ସେ ସନ୍ୟାସିନୀଙ୍କ ମଥାରୁ ଓଢ଼ଣା ଟାଣି ଖସାଇଦିଏ । ମୁଁ ଚମକିପଡ଼େ । ଜଣେ ପୁରୁଷ ! ଜଣେ ଯୁବକ ! ଧୀରେନ୍‌ଠୁଁ ବର୍ଷେ ଦୁଇବର୍ଷ ବଡ଼ ହେବ । ହାତଯୋଡ଼ି ସେ କହେ, "ମୋତେ କ୍ଷମା କରିଦେବ ମା', ମୁଁ ସୂର୍ଯ୍ୟସେନ । ମାଷ୍ଟରଦା' ନାମରେ ପରିଚିତ । ଆମେ ଆମ ମାତୃଭୂମିକୁ ମହାକାଳୀ ରୂପରେ ପୂଜା କରୁ । ଖଣ୍ଡା ଖର୍ପର ଧାରିଣୀ ଶତଭୂଜା । ଛିନ୍ନ ମସ୍ତକ ତଥା ଅନ୍ତ୍ର ଯାହାର ଗଳାରେ ଶୋଭିତ । ଏବେ କିନ୍ତୁ ପ୍ରଥମଥର ମୁଁ ଭେଟୁଛି ଅନ୍ନପୂର୍ଣ୍ଣା ରୂପେ; ତାଙ୍କର ଦେଖୁଛି କରୁଣାମୟୀ ଅବତାର । ଏଇ ଛବି ଚିରଦିନ ଲାଗି ମୋ ହୃଦୟରେ ସ୍ଥାନ ପାଉ । ମୋତେ ଆଶୀର୍ବାଦ କର ମା' । ମୁଁ ମୋ ଉଦ୍ଦେଶ୍ୟରେ ସଫଳ ହୁଏ ।" ମାଷ୍ଟରଦା' ନଇଁପଡ଼ି ପାଦ ଛୁଅଁନ୍ତି । ଇୟେ ସେଇ ବିଖ୍ୟାତ ସୂର୍ଯ୍ୟସେନ୍, କ୍ରାନ୍ତିକାରୀ! ଦେଶଦ୍ରୋହୀ ! ଯାହାକୁ ପୋଲିସ ପାଗଳ ଭଳି ଖୋଜୁଛି । ତାଙ୍କ ନଇଁପଡ଼ିଥିବା ମୁଣ୍ଡ ଉପରେ ହାତ ରଖିଥିବା ବେଳେ ମୋ ହୃଦୟ ଚିତ୍କାର କରୁଥାଏ, "ମାଷ୍ଟରଦା' । ତୁମ ଜନ୍ମଦାତ୍ରୀ କ'ଣ ମୋ ବଡ଼ଭଉଣୀ ?" ସମୟ ଖୁବ୍ ଶୀଘ୍ର ବିତିଯାଉଥାଏ । ହୁଲିଡଙ୍ଗାଟିଏ ଅପେକ୍ଷାରତ ପଦ୍ମାନଦୀ କୂଳରେ । ସେ ଓ ଧୀରେନ୍ ସେଥିରେ ଚଢ଼ନ୍ତି । ମୁଁ ଛାନିଆଁ ହୋଇ ଚାହିଁ ରହିଥାଏ ଡଙ୍ଗାଟି ଅଦୃଶ୍ୟ ହେବାଯାଏ । ଘରୁ ପଦାକୁ ଗୋଡ଼ କାଢ଼ି ନଥିବା ଶାନ୍ତି ମଜୁମଦାରର ସେଦିନ ମୃତ୍ୟୁ ଘଟେ । ଜନ୍ମନିଏ ବାଂଲାମାତା । ତଥାପି ମୁଁ କିଛି ଜାଣି ନଥିବା ଭଳି ଅଭିନୟ କରେ । ଏକା ସମୟରେ ଦୁଇଟି ଜୀବନ ଜିଏଁ । କିଛିଦିନ ପରେ ସୂର୍ଯ୍ୟ ଧରାପଡ଼ି ଫାଶୀଖୁଣ୍ଟରେ ଝୁଲିଲା ବେଳେ, ଧୀରେନ୍‌ର ବାପା କହନ୍ତି, "ଦେଖ, ତା'ଭଳି ଜଣେ ଦେଶଦ୍ରୋହୀର ଏଇଭଳି ହିଁ ପରିଣତି ହୋଇଥାଏ ।" ମାଷ୍ଟରଦା'ଙ୍କ ଦେହାନ୍ତ ପରେ ବି ଧୀରେନ୍ କେବେ କେମିତି କିଛି ଅପରିଚିତଙ୍କୁ ସାଙ୍ଗରେ ନେଇ ଆସୁଥିଲା । ମୁଁ ତାଙ୍କୁ ଶରଣ ଦେଉଥିଲି । ଗୋଟେ ବୋମା ବିସ୍ଫୋରଣ ପରେ ତା' ବାପା କୌଣସି ପୋଲିସ୍ ପାଖରୁ ପୁଅ ସେଥିରେ ସାମିଲ ଥିବା କଥା ଶୁଣି, ରାଗି ଅନ୍ତଃପୁରକୁ ଆସି ଚିତ୍କାର କରନ୍ତି, "ନା ନା ମୋର ସେମିତି କେହି ପୁଅ ନାହାନ୍ତି । ମୋ ବଡ଼ପୁଅ ମରିଯାଇଛି ।" ମୋ ଆଡ଼କୁ ଚାହିଁ ଆଦେଶ ଦେଲା ଭଙ୍ଗୀରେ କହନ୍ତି, "ସେ ଦେଶଦ୍ରୋହୀ ଯଦି କେବେ ଏଠାକୁ ଆସେ ତେବେ ପାଣି ଟୋପାଏ ବି ଦେବୁନି । ପୋଲିସ୍‌କୁ ଖବର ଦେବୁ ।"

ଏଇ ଘଟଣା ପରେ, ଜଣେ ବିଶ୍ୱସ୍ତ ଓ ଆଜ୍ଞାବହ ପତ୍ନୀ ହୋଇ ସୁଦ୍ଧା, ଏଇ ମା' ତା'ପୁଅକୁ ବହୁବାର ସୁରକ୍ଷା ଦେବା ସହ ତା'ର ଆବଶ୍ୟକତା ପୂରଣ କରିଛି । ଲୁହଭରା ଆଖିରେ ମିନତୀ କରିଛି, "ପୁଅ, ମୋତେ କଥା ଦେ, କେବେ କୁଆଡ଼େ ଯିବୁନି ମୋତେ ଛାଡ଼ି ।" ସେ ମାତୃଭୂମି, ମା' ତଥା ବଳିଦାନ କଥା ବୁଝାଏ । ଦେଶପାଇଁ ଲଢ଼ି ପୁଅ ବୀରଗତି ପ୍ରାପ୍ତ ହେଲେ ଲୁହ ନଝରାଇ ହସି ହସି ବନ୍ଦେ ମାତରମ୍ ଉଚ୍ଚାରଣ କରିବାକୁ ଶିଖାଏ । କିଛିଦିନ ପରେ ଏକ ବିସ୍ଫୋରଣରେ ତା'ର ମୃତ୍ୟୁଖବର ଶୁଣି ତା' ବାପା ଗୋଟାପଣେ ଭାଙ୍ଗି ପଡ଼ିଥିବା ବେଳେ ମୁଁ ତା'କଥାକୁ ସ୍ମରଣ କରି ବଡ଼ପାଟିରେ ଉଚ୍ଚାରଣ କରିଥିଲି "ବନ୍ଦେ ମାରତମ୍" । ଓଃ... ଭାରି ଶୋଷ । ଗଳା ଶୁଖିଯାଉଛି । ଟିକେ ପାଣି ଦିଅନ୍ତନି... ଥଣ୍ଡାପାଣି ... ହଁ । ମୁଁ ଜଣେ ବାହାର ଲୋକ, ଏଠିକୁ ଶରଣାର୍ଥୀ ସାଜି ଆସିଛି କାଣିଚାଏ ଦୟା ତଥା ଅନୁଗ୍ରହର ଆଶାରେ । ଧୀରେନ୍ ମଜୁମଦାରର ସ୍ମୃତି ବହୁଦିନ ତଳୁ ଲିଭି ସାରିଛି ଲୋକଙ୍କ ମନରୁ । ତେବେ ତା' ମା'କୁ ସେମାନେ ମନେ ରଖିଥିବେ ବୋଲି କେମିତି ଆଶା କରିବା ? ... ଧୀରେନ୍‌ର ଭୂତ ତା' ଭାଇମାନଙ୍କୁ ବି ଅସ୍ଥିର କରେ । ଶରଦେନ୍ଦୁ ଆଇନ୍ ପଢ଼ିବାକୁ ଇଂଲଣ୍ଡ ଯାଇଥିବା ବେଳେ ସେଇଠି ଜଣେ ଇଂରେଜକୁ ଗୁଳିକରି ନିଜେ ଆତ୍ମହତ୍ୟା କରେ । ନିତ୍ୟେନ୍ଦୁ ଓ ସତ୍ୟେନ୍ଦୁ କଲେଜ ମାଟିବି ମାଡ଼ନ୍ତିନି । ତାଙ୍କ ବାପାଙ୍କୁ ପାରାଲିସିସ୍ ହୋଇଯାଏ । ଧନସମ୍ପତ୍ତି ସବୁ ବ୍ୟାଜ୍ୟାପ୍ତ କରିନିଅନ୍ତି ସରକାର । ଏଥର ଆମଘର ସ୍ୱାଧୀନତା ସଂଗ୍ରାମୀଙ୍କ ଗଡ଼ ପାଲଟେ । ସେଇଠୁ ତାରକେଶ୍ୱର ଗିରଫ୍ ହୁଅନ୍ତି । ଗଣେଶ ଘୋଷ, ସାବିତ୍ରୀ, କଳ୍ପନା ଇତ୍ୟାଦି ସେଠିକୁ ନିୟମିତ ଆସୁଥାନ୍ତି । ପ୍ରୀତି ୱାଡ଼େଦାରର ନାଁ ଶୁଣିଛ ? ସେ ମୋ ଝିଅ ମିନତୀର ସାଙ୍ଗ । ଚହାରତଲିର ୟୁରୋପିଏନ୍ କ୍ଲବ୍‌ରେ ବୋମାଫିଙ୍ଗି ପୋଟାସିୟମ୍ ସାଇନାଇଡ୍ ଖାଇ ଆତ୍ମହତ୍ୟା କରିଥିଲା । ଯେଉଁ ସ୍ୱାଧୀନତା ତୁମେ ଏବେ ଉପଭୋଗ କରୁଛ ତାହା ଏଇମାନଙ୍କ ରକ୍ତ ଯୋଗୁଁ ହିଁ ସମ୍ଭବ ହୋଇଛି । ନିତ୍ୟେନ୍ଦୁ, ସତ୍ୟେନ୍ଦୁ କି ମିନତୀ କେହି ନାହାନ୍ତି ତାକୁ ଦେଖିବାକୁ । ପରେ କଂଗ୍ରେସ ଆସେ । ଗାନ୍ଧିଜୀ ଆସନ୍ତି । ଯେତେବେଳେ ସେ ଯୁକ୍ତି କରନ୍ତି ଗୋପୀନାଥଙ୍କୁ କ୍ଷମା କରାଯିବା କଥା ନୁହେଁ ବୋଲି, ମୁଁ ତାଙ୍କୁ କହେ, "ଇତିହାସ ତୁମକୁ କ୍ଷମା କରିବନି ବାପୁଜୀ ! ସାହସ ଗୋଟେ ଅପରାଧ ନୁହେଁ । ନିଜ ମାତୃଭୂମି ପାଇଁ ମାରି ଓ ମରି ଏଇ ବଙ୍ଗାଳୀ ଯୁବକମାନେ ଅମର ହୋଇଯାଇଛନ୍ତି ।"

ପରିଶେଷରେ ଯେତେବେଳେ ଧର୍ମ ଓ ଜାତି ଭିତ୍ତିରେ ଦେଶ ଭାଗ ହୁଏ, ମୁଁ ସମ୍ରାଟ୍ ନେହେରୁଙ୍କୁ ପଚାରେ, କାହା ଅନୁମତିରେ ତୁମେ ବଙ୍ଗଳାର ଶିର ଛେଦନ କରିଛ ? କାହା ଅନୁମତିରେ ଆମକୁ ଭାଗ ଭାଗ କରିଛ ? ଏଠି କେହି ହିନ୍ଦୁ କି ମୁସଲମାନ ନାହାନ୍ତି । ଆମେ ସମସ୍ତେ ବଙ୍ଗାଳୀ । ଗୋଟେ ମା'ର ସନ୍ତାନ । ଶରୀରରୁ ମୁଣ୍ଡକୁ ଅଲଗା କରିଦେଲେ ରାହୁ ଓ କେତୁ ଭଳି ସେମାନେ ଧ୍ୱଂସର ଖେଳ ଖେଳିବେ । ସୂର୍ଯ୍ୟ ଓ ଚନ୍ଦ୍ରଙ୍କୁ ଗ୍ରହଣ ଲାଗିବ ବାରମ୍ବାର । ହଁ, ଏବେ ସେଇ ଗ୍ରହଣ ଲାଗିଛି । ସବୁକିଛି ତାର କରାଳ ଛାୟାରେ କବଳିତ । ବିଭାଜନ ବେଳେ ଆମେ ଭାବୁଥିଲୁ ଭାରତ ଚାଲିଆସିବାକୁ । ପଛକୁ ସ୍ଥିରକରୁ ସେଇଠି ରହିବାକୁ । କାନ୍ଧରେ କାନ୍ଧ ମିଶାଇ ନୂଆ ଦେଶ ଗଢ଼ିବାକୁ । ପୁଣି ସମସ୍ତେ ଏକତ୍ରିତ ହୁଅନ୍ତି ମଜୁମଦାର କୋଠାର ଭଙ୍ଗା ଛାତ ତଳେ । ହେଲେ ନବଗଠିତ ଦେଶର ଉଚ୍ଚ କର୍ମକର୍ତ୍ତାମାନେ ଆମକୁ ସନ୍ଦେହ କରନ୍ତି । ଶୁଭେନ୍ଦୁ ତା'ର ପ୍ରଫେସର ଚାକିରି ହରାଏ । ସୀରେନ୍ଦୁ ଡାକ୍ତରୀ ପାଶ କରି ସୁଦ୍ଧା ପ୍ରମାଣପତ୍ର ପାଇପାରେନି । ଯୋଗେନ୍ଦୁ ବନ୍ୟାବେଳେ ଚୁଡ଼ା ଚାଉଳ ବାଣ୍ଟିବାକୁ ଯାଇ ଅକାଳରେ ମୃତ୍ୟୁବରଣ କରେ । ମୋ ସାନଝିଅ ଜଣେ ମୁସଲମାନକୁ ବାହାହୁଏ । ଆମେ ଏକାସାଙ୍ଗରେ ରହୁଥାଉ । ତିନିବର୍ଷ ବୟସର ନାତୁଣୀ, ନଜୀମା, ବଡ଼ପାଟିରେ ଟେଗୋରଙ୍କ ସୋନାର ବାଂଲା ଗୀତ ଗାଉଥିବା ବେଳେ ସୈନିକମାନେ ତାକୁ ହାଣି ରାସ୍ତା ଉପରକୁ ଫିଙ୍ଗିଦିଅନ୍ତି । ଏଇଠି ସବୁର ପରିସମାପ୍ତି । ଏବେ କେବଳ ମାଟି ରହିଯାଇଥାଏ ନିଜର ହୋଇ । ସିଏ ମୋ ମା', ସିଏ ମୋ ଝିଅ । ମୁଜିବୁର ସାହେବ ସବୁବେଳେ କହୁଥାନ୍ତି, "ଶାନ୍ତିଦେବୀ, ଆପଣ ବଙ୍ଗଳାର ପ୍ରତୀକ ! ଆପଣ ଆମ ମା', ଜେଜେମା' । ବଙ୍ଗଳା ମୁକ୍ତ ହେଉ ଆପଣଙ୍କ ଆଶୀର୍ବାଦ ବଳରେ ।" ଖୁବ୍ ଅଳ୍ପ ରକ୍ତ ବାକିଥାଏ ମୋ ଶିରା ପ୍ରଶିରାରେ । ତଥାପି ମୁଁ ଆଙ୍ଗୁଳି କାଟି ତାଙ୍କ କପାଳରେ ରକ୍ତଟୀକା ମଖାଏ । ଆଶୀର୍ବାଦ କରେ, ଯାଅ ପୁତ୍ର । ବିଜୟଲାଭ କର ।

ଶାନ୍ତି ମାଉସୀଙ୍କୁ ମୁକ୍ତି ଫୌଜ୍‌ର ସୈନିକମାନଙ୍କ କାନ୍ଧରେ ବୁହାହୋଇ ଭାରତ ଅଣାହୁଏ । ଆଉ ଏଠି ତାଙ୍କୁ ଜଣେ ଶରଣାର୍ଥୀର ପରିଚୟ ମିଳେ ! ଭିକାରୁଣୀର ପରିଚୟ ! ବାହାର ଲୋକର ପରିଚୟ ! ଏହା କ'ଣ ସତ, ଇନ୍ଦିରା ମୋତେ ତୁ କହତ ! ଶାନ୍ତି ମଜୁମଦାର କ'ଣ ଏଠାକୁ ଶରଣାର୍ଥୀ ସାଜି ଆସିଛି ? ଧୀରେନ୍, ସତ୍ୟେନ୍, ସମରେନ୍ ଓ ନିତ୍ୟେନ୍‌ର ମା' ଜଣେ ବାହାରର ଲୋକ ? ଏଇ ପ୍ରଶ୍ନ ମୁଁ ପଚାରୁଛି ଟେଗୋର, ଶରତଚନ୍ଦ୍ର, ଚିତ୍ତରଞ୍ଜନ ଓ ନେତାଜୀଙ୍କ ମାଟିରୁ । ଶାନ୍ତି ମଜୁମଦାର ଏଇ ଦେଶର ନା ସେ ବିଦେଶୀ ? ତୁମେ ଯଦି ଏଇଟା ମୋ ଦେଶ ନୁହେଁ ବୋଲି କହିବ ତେବେ ମୁଁ ଏଠି ମୃତ୍ୟୁବରଣ ସୁଦ୍ଧା କରିବିନି । ଓଃ.. ପୁଣିଥରେ ମୁଁ ମୋ ଲୁହକୁ ରୋକିବାରେ ଅସମର୍ଥ ହେଉଛି । ମୋ ମୁଣ୍ଡ ବୁଲାଉଛି .... ନା ମୁଁ କାନ୍ଦିବିନି । ଧୀରେନ୍ଦୁର ମା' କେବେ କାନ୍ଦି ପାରିବନି । ଆସ । ସେଇ ଗୀତ ଗାଇବା ଯାହା ଆମେ ପୂର୍ବେ ଗାଉଥିଲୁ - ତ୍ୱଂ ହି ଦୁର୍ଗା ଦଶପ୍ରହରଣଧାରିଣୀ .... ସୁଜଲାଂ ସୁଫଲାଂ .... ବନ୍ଦେ ମାତରମ୍ .... । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୪ ଅପ୍ରେଲ, ୨୦୨୧
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୩୩)



# ମନ୍ତ୍ରୀ ଆଜିର ମୁଖ୍ୟ ଅତିଥି(୧)

ଡ. ରାଧାରଂଜନ ପଟ୍ଟନାୟକ

ଡିସେମ୍ବର ମାସ। ତାରିଖ ମୋର ମନେନାହିଁ। ଅପ୍ରତ୍ୟାଶିତ ଭାବେ ଜନସେବା କମିଟିର ବିଶେଷ କାର୍ଯ୍ୟକ୍ରମରେ ମୋ ଭଳି ଜଣେ ଅଧମକୁ ମଞ୍ଚ ସଞ୍ଚାଳନର ନିମନ୍ତ୍ରଣ ମିଳିବାରୁ ମୁଁ ଖୁବ୍ ଆନନ୍ଦ ଅନୁଭବ କଲି। ଏତେ ଖୁସି ହେଲିଯେ ଛାତି ଫୁଲିଉଠିଲା। ମନେମନେ ବି ଗର୍ବ ଅନୁଭବ କଲି। କାର୍ଯ୍ୟକ୍ରମରେ ମଞ୍ଚ ସଞ୍ଚାଳକର ଭୂମିକା ଖୁବ୍ ସ୍ୱତନ୍ତ୍ର। ସେ ଯେମିତି ଚାହିଁବେ, ନିଜ କଥାରେ ରାତାରାତି ଲୋକପ୍ରିୟତା ହାସଲ କରିପାରିବେ। ଏପରିକି ଖୁବ୍ ବଡ଼ ବଡ଼ ମଞ୍ଚରେ ବି ନିଜ ବାଣୀରେ ଅନ୍ୟକୁ ଧରାଶାୟୀ କରି ଦେଇପାରିବେ। ମୁଁ ଆମ ସହରର ଖୁବ୍ ପ୍ରଖ୍ୟାତ ମଞ୍ଚ ସଂଚାଳକ ଧୂରନ୍ଧର ବଡ଼ଜେନାଙ୍କୁ ଦେଖିଛି। ତାଙ୍କୁ ଦେଖିଲା କ୍ଷଣି ସହରର ଅନେକ ନାମ କରା ଜ୍ଞାନୀ, ସାହିତ୍ୟିକ ସମବେତ ହୋଇଯାନ୍ତି। ଏପରିକି ଅଧ୍ୟାପକ ସୁଜନ ରଥ ଯଦି କୌଣସି ପାନ ଦୋକାନ କିମ୍ବା ଅନ୍ୟ କୌଣସିଠାରେ ଠିଆ ହୋଇଥାନ୍ତି, ତାଙ୍କୁ ଅନେକ କବି ଖୋସାମଦ କରନ୍ତି କିମାମ ଭରା ପାନ ବି ପ୍ରଦାନ କରନ୍ତି। କାରଣ ବିଶିଷ୍ଟ ମଂଚ ସଂଚାଳକ ଧୂରନ୍ଧର ବଡ଼ଜେନା ରଥଙ୍କ ସହ କଥା କହିବାର ସୌଭାଗ୍ୟ କେତେଜଣଙ୍କୁ ମିଳେ ? ପୁଣି ଜନସେବା କମିଟିର ଏହି କାର୍ଯ୍ୟକ୍ରମ ତ ସମାଜସେବା, ସାହିତ୍ୟ ଏବଂ ସଂସ୍କୃତିର ଏକ ମିଳିତ ମଞ୍ଚ। ମୋତେ ଜଣାଅଛି ଯେ ଜନସେବା କମିଟି ଗତ ୧୦ ବର୍ଷରେ ଭାଷଣ ବାଜି କାର୍ଯ୍ୟକ୍ରମ ବ୍ୟତୀତ ଜନସେବା କରିନାହାନ୍ତି। ପୁଣି ମଧ୍ୟ ଏହି କାର୍ଯ୍ୟକ୍ରମରେ ଆସିବା ପାଇଁ ମନ୍ତ୍ରୀ ମହାଶୟ, ସଂଗୀତ କଳାକାର, କବି ଏବଂ ସମାଜସେବୀ ଲାଳାୟିତ ହୋଇଥାନ୍ତି।

> ମୋ ପାଇଁ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ମନ୍ତ୍ରୀଙ୍କ ମୁଖ୍ୟଅତିଥି ଭାବେ ଯୋଗଦାନ। ମନ୍ତ୍ରୀଙ୍କ ପାଖକୁ ଯିବା ପାଇଁ ଏହା ଠାରୁ ଆଉ କେଉଁ ଭଲ ଅବସର ମିଳିବ ? ମୁଁ ମନେ ମନେ ଜନସେବା କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଉଥିଲି। ଯେଉଁଥିରେ ମୋତେ ଏ ସୁଯୋଗ ମିଳିଥିଲା।

ମୋ ପାଇଁ ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ମନ୍ତ୍ରୀଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦାନ। ମନ୍ତ୍ରୀଙ୍କ ପାଖକୁ ଯିବା ପାଇଁ ଏହା ଠାରୁ ଆଉ କେଉଁ ଭଲ ଅବସର ମିଳିବ ? ମୁଁ ମନେ ମନେ ଜନସେବା କମିଟିର ସଦସ୍ୟମାନଙ୍କୁ ଧନ୍ୟବାଦ ଦେଉଥିଲି। ଯେଉଁଥିରେ ମୋତେ ଏ ସୁଯୋଗ ମିଳିଥିଲା। ଏହା ମୋର ଦଶ ବର୍ଷର ରେଡ଼ିଓରେ ଉଦ୍‌ଘୋଷକ ରୂପରେ କାମ କରିବାର ଅନୁଭବ ପ୍ରଦର୍ଶନ କରିବାପାଇଁ ଏକ ଉତ୍ତମ ସୁଯୋଗ ଥିଲା। ମୋର ସ୍ୱରକୁ ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇବାର ଏକ ସହଜ ତଥା ସରଳ ପଥ ଥିଲା।

ଜନସେବା କମିଟିର ଏହି ଅଭିନନ୍ଦନ ସମାରୋହ ଯଦିଓ ଆଠଦିନ ବାକିଥିଲା, ତଥାପି ମୁଁ କମିଟିର ସଚୀବ ଭଗବାନ ବଳିୟାରସିଂ ଠାରୁ କାର୍ଯ୍ୟ ସମ୍ପର୍କରେ ପୂର୍ବରୁ ସୂଚନା ପ୍ରାପ୍ତ କରିବା ପାଇଁ ପ୍ରୟାସ କଲି। ଆଠ ଦିନ ଉଦ୍‌ଘୋଷଣାର ଅଭ୍ୟାସ ହେଲେ ଖୁବ୍ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବେ ମଞ୍ଚ ସଂଚାଳନ ହୋଇପାରିବ ଏବଂ ସବୁ ସ୍ଥାନରେ ମୋର ଚର୍ଚ୍ଚାହିଁ ଚର୍ଚ୍ଚା ହେବ। ଏହି ଅନୁସାରେ ମୋର ସଂଚାଳନ ସମୟରେ କିଛି କିଛି କବିତା ବି ପଢ଼ିବି। ଯେଉଁଥିରେ ମୋତେ ଖୁବ୍ ପ୍ରଶଂସା ମିଳିବ। ମାତ୍ର ବଳିୟାର ସିଂହ ମହୋଦୟ ଏମିତି କହିଲେ ଯେ ମୋ ଆଶା ଉପରେ ଯେମିତି ପାଣି ଫିଙ୍ଗିବା ପରି ଅନୁଭବ କଲି। ସେ କହିଲେ କେବଳ ମନ୍ତ୍ରୀ ଆସିବା ଠିକ୍ ମାତ୍ର ଅନ୍ୟ କାର୍ଯ୍ୟକ୍ରମ ଧୀରେ ଧୀରେ ସ୍ଥିର ହେବ। ଆପଣ ସବୁବେଳେ ଆମ ସହ ଯୋଗଯୋଗରେ ରହିଥାନ୍ତୁ।

ମୁଁ ଓ.ଟି. ରୋଡ଼ ସ୍ଥିତ ଚା' ଦୋକାନ ଗଳିରେ ଥିବା ଜନସେବା କମିଟିରେ ପ୍ରତି ସନ୍ଧ୍ୟାରେ ଉପସ୍ଥିତ ହେବାକୁ ଲାଗିଲି। କମିଟି କାର୍ଯ୍ୟାଳୟରେ ଖୁବ୍ ସାରା ଗୁରୁତ୍ୱପୂର୍ଣ୍ଣ ଚର୍ଚ୍ଚା ଚାଲୁଥିଲା। ସହରର କେତେକ କବି ଏବଂ କଳାକାର ନିଜ ନିଜ ସ୍ୱରଚିତ ଲେଖା ମନ୍ତ୍ରୀଙ୍କ ସାମ୍ନାରେ ଉପସ୍ଥାପନ କରିବା ଲକ୍ଷ୍ୟରେ ବାରମ୍ବାର ଚକ୍କର ଲଗାଉଥିଲେ। ବଡ଼ ବଡ଼ ଲୋକଙ୍କ ସୂଚୀ ପ୍ରସ୍ତୁତ ହେଉଥିଲା। ତମାମ୍ ସହରର ଖବର କାଗଜରେ ବିଜ୍ଞାପନ ଦେଇ ମନ୍ତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ଏକ ବିଶେଷ ସମ୍ବାଦ ପ୍ରକାଶ ପାଇଥିଲା। ସବୁ ଅଞ୍ଚଳର ଲୋକ ମନ୍ତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ସେଠାରେ ପହଞ୍ଚି ନିଜ ନିଜ ନାମ ପ୍ରସ୍ତୁତ ହେଉଥିବା ସୂଚୀରେ ଉଲ୍ଲେଖ କରୁଥିଲେ। ସାହିତ୍ୟ କ୍ଷେତ୍ରରେ ପୂରା ଜୀବନ ବିତାଉଥିବା ସମ୍ୟକ୍ ଗୋସ୍ୱାମୀଙ୍କ ଠାରୁ ଆରମ୍ଭ କରି କବିତା ଲେଖିବା ଆରମ୍ଭ କରିଥିବା ସୁଚେତା ବେବର୍ତ୍ତା ମହାପାତ୍ର ପ୍ରମୁଖ ମନ୍ତ୍ରୀଙ୍କୁ ସମ୍ମାନିତ କରିବା ପାଇଁ ଦରଖାସ୍ତ ନେଇ ଆସିଥିଲେ।

ଉଦ୍ୟୋଗ କ୍ଷେତ୍ରର ଅଭିନନ୍ଦନ ପାଇଁ କମିଟିକୁ ଚାନ୍ଦା ପ୍ରଦାନ କରୁଥିବା ବ୍ୟବସାୟୀମାନଙ୍କ ନାମ ବି ଲେଖା ଯାଉଥିଲା। ଚିତ୍ରକଳା, ସଂଗୀତ, ସାହିତ୍ୟ, ଖେଳକୁଦ ଆଦି ପ୍ରତ୍ୟେକ କ୍ଷେତ୍ରରେ ନାମକରା ଲୋକଙ୍କ ସୂଚୀ ପ୍ରସ୍ତୁତ ହେଉଥିଲା। ଅନ୍ୟ ଯେଉଁମାନେ ରହି ଯାଉଥିଲେ, ସେମାନଙ୍କୁ ସମାଜସେବୀ ବୋଲି ପ୍ରତିପାଦିତ କରି ସେମାନଙ୍କର ନାମବି ସଂଲଗ୍ନ କରାଯାଉଥିଲା। କମିଟିର କୌଣସି ସଭ୍ୟଙ୍କୁ ଫୁର୍‌ସତ୍ ନଥିଲା। ସମସ୍ତଙ୍କ ହାତରେ ନିଜ ନିଜ ଭାଇବନ୍ଧୁ କୁଟୁମ୍ବଙ୍କ ନାମ ଏବଂ ବାୟୋଡାଟା ଥିଲା। ସମସ୍ତେ ନିଜ ନିଜ ଲୋକ କିପରି ଅଭିନନ୍ଦନ ଭଳି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁ ନଥାନ୍ତି। ଏମିତି ପରିସ୍ଥିତି ଉପୁଜିଲା ଯେ, ମୁଁ କ'ଣ କରିବି କ'ଣ ନକରିବି ସ୍ଥିର କରିପାରିଲିନି। ମଂଚ ଉପରେ ମୋତେ କ'ଣ କରିବାକୁ ପଡ଼ିବ ତାହାବି ଭାବିପାରିଲି ନାହିଁ। ମନେମନେ ସମ୍ଭାବିତ ନାମ ଏବଂ କାର୍ଯ୍ୟକ୍ରମର କଳାକାର, କବିମାନଙ୍କ ନାମ ଭାବି ନିଜର ଘୋଷଣା ପ୍ରସ୍ତୁତ କରିବା ସହ କିଛି କବିତା ବି ମୁଖସ୍ଥ କରୁଥିଲି। ମାତ୍ର ପ୍ରତି ସକାଳରେ ଅଭିନନ୍ଦନ କରିବାର ସୂଚୀ ବଦଳି ଯାଉଥିଲା। ଶେଷରେ ଅନୁଷ୍ଠାନର ସଭାପତିଙ୍କ ଉପରେ ନାମ ଫାଇନାଲ କରିବାର ଗୁରୁଦାୟିତ୍ୱ ଅର୍ପଣ କରାଗଲା।

ଏବେ କାର୍ଯ୍ୟକ୍ରମର ଶୁଭବେଳା ଆସି ପହଞ୍ଚିଲା। ନିର୍ଦ୍ଧାରିତ ଦିବସରେ ମୁଁ କାର୍ଯ୍ୟସ୍ଥଳରେ ଦୁଇଘଣ୍ଟା ପୂର୍ବରୁ ପହଞ୍ଚି ଯାଇଥିଲି। ଏଇଥିପାଇଁ ଯେ ଯଦି କାର୍ଯ୍ୟକ୍ରମର ରୂପରେଖ ମୋତେ ମିଳିଯିବ, ତେବେ ତାର ଅଭ୍ୟାସ କରିପାରିବି। ଟେଣ୍ଟ ଲାଗୁଥିଲା। ଦରି ବିଛାଇବା ପରେ ଚେୟାର ପଡୁଥିଲା। ଯେଉଁଠି ମୁଖ୍ୟ ଅତିଥି ବସିବାର ଥିଲା, ସେଠାରେ ବିବାହ ଆଦି କାର୍ଯ୍ୟକ୍ରମରେ ବ୍ୟବହୃତ ବରକନ୍ୟାଙ୍କର ସିଂହାସନ ରଖାଯାଇଥିଲା। ମାଇକ୍ ଲାଗି ସାରିଥିଲା। କେବଳ ଟେଷ୍ଟିଂ ଚାଲୁଥିଲା। କମିଟିର କୌଣସି ସଦସ୍ୟଙ୍କ ଦେଖାନଥିଲା। ଟେଣ୍ଟ ହାଉସ ଏବଂ ଲାଉଡ୍‌ସ୍ପିକରର ମାଲିକ ସଜବାଜ ଧରି ବିଶେଷ ରୂପରେ ଆସି ନିଜ କାମ କରାଉଥିଲେ। କାରଣ ସେମାନଙ୍କର ଏହି ସେବା ପାଇଁ ମଞ୍ଚ ଉପରେ ତାଙ୍କୁ ସମ୍ବର୍ଦ୍ଧନା କରିବାର ଥିଲା।

ମୁଁ ଘଣ୍ଟା ଦେଖିଲି। ସଂଧ୍ୟା ୪.୩୦ ବାଜିଥିଲା। ୫ଟା ବେଳେ କାର୍ଯ୍ୟକ୍ରମ ହେବ ବୋଲି ନିମନ୍ତ୍ରଣ ପତ୍ରରେ ଲେଖା ହୋଇଥିଲା। କମିଟିର କୌଣସି ସଦସ୍ୟ ଆସିନଥିବାରୁ ମୋ ମନରେ ବାରମ୍ବାର ଚିନ୍ତା ଘାରୁଥିଲା। ଯଦି ମନ୍ତ୍ରୀ ଆସି ପହଞ୍ଚିବେ, ତେବେ ତାଙ୍କୁ କିଏ ସ୍ୱାଗତ କରିବେ। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ଜାଣିଲି କମିଟିର ସଦସ୍ୟମାନେ ସର୍କିଟ୍‌ହାଉସରେ ମନ୍ତ୍ରୀଙ୍କ ଆଗମନ ପାଇଁ ଅପେକ୍ଷା କରିଛନ୍ତି।
(କ୍ରମଶଃ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

## ସ୍ମୃତି ଶତଦଳ ୧୮୯



## ॥ ସୋନାଲିର ସଂଗ୍ରାମ-୩ ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଯୁଗେ ଯୁଗେ ପ୍ରକୃତିର କ୍ରୋଧ ଓ ଅଗ୍ନିବର୍ଷଣକୁ ମଣିଷ ସହିଛି ଓ ତାର ସାମ୍ନାକରିଛି ଓ ମୁଣ୍ଡ ନୁଆଁଇ ବର୍ଷା, ବାତ୍ୟା, ବନ୍ୟା, ମରୁଡ଼ି, ଖଣ୍ଡ ପ୍ରଳୟ, ଝଡ଼, ଝଂଜା, ଭୂକମ୍ପନ ତଥା ବିଜୁଳିର ଦୀପ୍ତ ସ୍ଫୁରଣକୁ ସହିଛି । ମଣିଷ ଯେତେ ଉନ୍ନତ ଦେଶରେ ବସବାସ କଲେ ବି ପ୍ରକୃତିର ସେ ପ୍ରଳୟ ଅହଂକାରର ଅଗ୍ନିବାଣକୁ ହସି ହସି ସହନ କରିଛି ।

୧୯୯୯ ମସିହାରେ ମହାବାତ୍ୟା ମାଡ଼ିଆସି ସ୍ଥଳ ଭାଗକୁ ଛୁଇଁଲା ମାତ୍ରେ ପ୍ରଥମେ ମଣିଷ, ପଶୁ, ପକ୍ଷୀ, ମୃତାହତ ହେବାପରେ ଇଲେକଟିକ୍ ବିଭାଗର ବହୁ ଖୁଣ୍ଟ ଉପୁଡ଼ି ପଡ଼ିଥିଲା ଓ ବାତ୍ୟା ହେବା ପରେ ଇଲେକ୍ଟ୍ରିସିଟି ସପ୍ଲାଇ ଠିକ୍ ହେବା ପାଇଁ ବହୁତ ଡେରି ହେଲା । ତେଣୁ ବିଜୁପଟ୍ଟନାୟକ ଏଆର୍‌ପୋର୍ଟର ମରାମତି ହୋଇ ଉଡ଼ାଜାହାଜର ଉଡାଣ ଆରମ୍ଭ ହେବାକୁ ମଧ୍ୟ ବିଳମ୍ବ ହୋଇଗଲା କିନ୍ତୁ ଏଆର୍ ପୋର୍ଟ ମରାମତି ହେବା ପରେ ପରେ ଆମେ ଚେନ୍ନାଇ ଯିବା ପାଇଁ ଟିକେଟ୍ ବୁକିଂ କଲୁ । ଚେନ୍ନାଇରେ ପହଂଚି ସଂଗେ ସଂଗେ ଟ୍ରେନ୍‌ରେ ସାଲେମ୍ ଗଲୁ । ରାତି ଅଧରେ ପଂହଚି ବିଶ୍ରାମ ନେଇ ତା' ପରଦିନ ସକାଳେ ସୋନାଲି ରହୁଥିବା ହଷ୍ଟେଲ ପାଖରେ ଥିବା ବସନ୍ତମ୍ ହୋଟେଲରୁ ତା' ହଷ୍ଟେଲକୁ ଗଲୁ। ସେ ଆମକୁ ଦେଖି ବହୁତ ଖୁସି ହୋଇଯାଇଥିଲା ।

ତା' ପର ଦିନ ଆମେ ଶ୍ରୀ ବିନାୟକ ମେଡ଼ିକାଲ କଲେଜ ଦେଖିବାକୁ ଗଲୁ । ଆନାଟୋମି, ଫିଜିଓଲୋଜି ଠାରୁ ଆରମ୍ଭ କରି ସବୁ ଡିପାର୍ଟମେଣ୍ଟ୍‌କୁ ବୁଲିଲୁ । ହାର୍ଟ ସର୍ଜରୀ ବିଭାଗରେ ଡଃ ରମାରମଣ ଷଡଙ୍ଗୀଙ୍କର ଜଣେ ସାଙ୍ଗ ପ୍ରଫେସର ଅଣ୍ଣାପନ, ବିଭାଗୀୟ ମୁଖ୍ୟ ଥା'ନ୍ତି ସେ, ବାରଂବାର ଆମକୁ କହିଲେ ଝିଅ ତ' ଏଠି ପଢୁଛି, ଆପଣ ବି ଆସି ଏଠି ଜଏନ୍ କରିଯାନ୍ତୁ- ଆଉ ସରୋଜିନୀ ମ୍ୟାଡ଼ାମ୍ ଗାଇନୋକୋଲୋଜି ବିଭାଗରେ କାମ କରିବେ, ଆମର ଆସିଷ୍ଟାଣ୍ଟ୍ ପ୍ରଫେସର ପୋଷ୍ଟ ଖାଲି ଅଛି । "ଆମେ ତାଙ୍କୁ ବୁଝାଇଲୁ ଆମେ ତ ବର୍ତ୍ତମାନ ସରକାରୀ ମେଡ଼ିକାଲ କଲେଜରେ ଅଛୁଁ ପରେ କେତେବେଳେ ଆସିବୁ ।" ଆୟତନରେ ସାଲେମ୍ କଟକଠାରୁ ମଧ୍ୟ ବଡ଼, କେବଳ ସେତିକି ନୁହେଁ, ଲୋକସଂଖ୍ୟାରେ ଓ ବାଣିଜ୍ୟରେ ମଧ୍ୟ । ଦକ୍ଷିଣ ଭାରତୀୟମାନେ ସୁନା ଓ ରୂପା ଖୁବ୍ ସଂଚିରଖନ୍ତି । ସାଲେମ୍‌ରେ ସୁନା, ରୂପା ଓ ହୀରାର ବିରାଟ ବିରାଟ ଦୋକାନ ସବୁ, ଏମିତିକି କାଂଜିଭରମ୍ ଶାଢ଼ୀ ମଧ୍ୟ ସେଠି ଭଲ ରଙ୍ଗର, ବହୁ ଭେରାଇଟିର ମିଳୁଥିଲା ।

ତେବେ ଏ ମହାବାତ୍ୟା ଭିତରେ ମଧ୍ୟ ଆମେ ସାଲେମ୍ ଯାଇ ସୋନାଲିର ହଷ୍ଟେଲ ଓ ମେଡ଼ିକାଲ କଲେଜ ବୁଲି ଦେଖିପାରିଲୁ, ସେଇଟା ଆମ ପାଇଁ ସବୁଠାରୁ ବଡ଼କଥା । ସେଥର ତ' ଆମେ ଫେରିଆସିଲୁ, କିନ୍ତୁ ମଝିରେ ଆଉଥରେ ଯାଇ, ସାଲେମ୍ ପାଖରେ ଥିବା 'ୟେରକଡ଼' ହିଲଷ୍ଟେସନ ବୁଲିବାର ସୁଯୋଗ ପାଇଥିଲୁ । ସାଲେମ୍ ଯାଇ, ୟେରକଡ଼ ନ ବୁଲିଲେ ଯାତ୍ରା ସଂପୂର୍ଣ୍ଣ ହୁଏ ନାହିଁ ।

ୟେର୍‌କଡ଼, ସାଲେମ୍ ପାଖରେ ଥିବା ଗୋଟିଏ ହିଲ୍ ଷ୍ଟେସନ, ଯାହାକି ପୂର୍ବଘାଟ ପର୍ବତମାଳା ସର୍ଭାରଣ୍ୟ ଭିତରେ ସମୁଦ୍ର ପତ୍ତନଠାରୁ ପ୍ରାୟ ୧୫୧୫ ମିଟର ବା ୪୯୬୯ ଫୁଟ ଉପରେ ଅବସ୍ଥିତ । ୟେର୍‌କଡ଼ ତାଲୁକ୍‌ର ଆୟତନ, ରିଜର୍ଭ ଅରଣ୍ୟକୁ ମିଶାଇ ପ୍ରାୟ ୩୮୨.୬୭ ସ୍କୋୟାର କି.ମି. । ଏହାର ସୌନ୍ଦର୍ଯ୍ୟ ଏତେ ସୁନ୍ଦର ଓ ଏଠାରେ ରହଣି ଏତେ ଶସ୍ତା ଯେ ସମସ୍ତେ ଏ ସ୍ଥାନକୁ "ଗରିବମାନଙ୍କର ଉଟି" ବୋଲି କହିଥାନ୍ତି । ଏହା ଏକ କମ୍ ମୂଲ୍ୟର ହିଲଷ୍ଟେସନ୍ । ୟେରକଡ଼ରେ ଏକ ସୁନ୍ଦର କୃତ୍ରିମହ୍ରଦ ଅଛି ଯାହାର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ହ୍ରଦର ସୁନ୍ଦର ଜଳରାଶିରେ ମାଳମାଳ ପକ୍ଷୀଙ୍କର ଉଡ଼ିଯାଉଥିବାର ଦୃଶ୍ୟ ସହ ହ୍ରଦରେ ନୌକାବିହାର କରି ଭାସିବୁଲିବା ଖୁବ୍ ବେଶୀ ଲୋଭନୀୟ । ହ୍ରଦ ପାଖରେ ଫୁଲରେ ଫୁଲରେ ସଜାଇହୋଇଥିବା 'ଆନ୍ନାପାର୍କ' ଓ 'ଜାପାନିଜ୍ ପାର୍କ'ର ଦୃଶ୍ୟ ଖୁବ୍ ଚମତ୍କାର । ଏଠାରେ 'ଫ୍ଲାୱାର ସୋ' ବା 'ଫୁଲର ପ୍ରଦର୍ଶନ' ଅତି ରମଣୀୟ ।

ୟେରକଡ଼୍‌ର ଆଉ ଏକ ଗୁମ୍ଫା 'ବିଅରସ୍ କେଭ୍' ଭୂମିର ପତ୍ତନ ଠାରୁ ୭ ଫୁଟ ତଳେ ଅବସ୍ଥିତ, ଏହି ସୁଡ଼ଙ୍ଗ ବାଟେ ଗଲେ ସର୍ଭାରଣ୍ୟ ମନ୍ଦିର ପାଖରେ ପହଂଚିବାକୁ ହୋଇଥାଏ । ୟେରକେଡ଼ର ହର୍ଟିକଲଚର ବିଭାଗର ଫାର୍ମରେ ଅନେକ ଚାରା ମଧ୍ୟ ସୁଲଭ ଦରରେ ମିଳିଥାଏ। ଏହାଛଡ଼ା ବୋଟାନିକାଲ୍ ସର୍ଭେ ଅଫ୍ ଇଣ୍ଡିଆ ତରଫରୁ ଗୋଟିଏ ସୁନ୍ଦର ବୋଟାନିକାଲ୍ ଗାର୍ଡ଼େନ୍ ଅଛି ଯେଉଁଠାରେ ବିଭିନ୍ନ ପ୍ରକାର ଗଛ, ବୃକ୍ଷ, ଗୁଳ୍ମ ଓ ଲତା ଦେଖିବାକୁ ମିଳିଥାଏ । ଏହା ପାଖରେ ଗୋଟିଏ ବିରାଟ 'ବେଲ୍‌ରକ୍' ମଧ୍ୟ ଦେଖିବାକୁ ମିଳିଥାଏ, ଯାହା ଉପରକୁ ଗୋଟିଏ ପଥର ଫିଙ୍ଗିଦେଲେ ଏଥିରୁ ସୁନ୍ଦର ଭାବରେ ସ୍ୱର ଉତ୍ପନ୍ନ ହୋଇଥାଏ ଯାହା ବହୁଦୂର ପର୍ଯ୍ୟନ୍ତ ତରଙ୍ଗାୟିତ ହୋଇଥାଏ । ୟେରକଡ଼ ହ୍ରଦର ପ୍ରାୟ ୩ କି.ମି. ଦୂରରେ ପାହାଡ଼ ଉପରୁ ତଳକୁ ଝରଣାଟିଏ କୁଳୁକୁଳୁ ନାଦରେ ବହିଯାଏ ଯାହାର ନାଁ ହେଉଛି "କିଲିୟୁର ଫଲସ" - ୟେରକଡ଼ ର ହ୍ରଦରୁ ଉଛୁଳି ଯାଉଥିବା ଅଧିକା ପାଣି ଓ ବର୍ଷାଜଳ ମିଶି ପାହାଡ଼ ଉପରୁ ଏହି ଝରଣାଟି ବହି ଆସି ଥାଏ, ଯାହା ୟେରକଡ଼ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଦିଏ ।

କିଲିୟୁର୍ ଫଲ୍ ପାଖରେ ପଥର ଉପରେ ପ୍ରାକୃତିକ ରୂପରେ ବସିବା ପାଇଁ ସିଟ୍ ତିଆରି ହୋଇଛି । ପଥର ଗୁଡ଼ିକ ଏମିତି ସୁନ୍ଦର ପ୍ରାକୃତିକ ଭାବରେ ତିଆରି ହୋଇଛି ଯେ ଲାଗେ ଯେମିତି ପୁରୁଷ, ମହିଳା ବା ଶିଶୁମାନେ ବସିବା ପାଇଁ କୃତ୍ରିମ ଉପାୟରେ ସିଟ୍ ତିଆରି ହୋଇଛି । କଥା ଅଛି ଜଣେ ବିଦେଶିନୀ ୟେର୍‌କଡ଼କୁ ଆସି ବହୁଦିନ ଧରି ରହିଥିଲେ ଓ ପଥରରେ ତିଆରି ହୋଇ ରହିଥିବା ସିଟ୍ ଉପରେ ବସି ପ୍ରତ୍ୟେକ ଦିନ ପର୍ବତମାଳାର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲେ, ସେଥିପାଇଁ ତା'ର ନାଁ ହୋଇଛି – "ଲେଡ଼ିଜ, ଜେଣ୍ଟସ୍ ଏବଂ ଚିଲ୍‌ଡ୍ରେନ୍‌ସ ସିଟ୍ ।"

ସବାଶେଷରେ ଗୋଟିଏ ଗୁମ୍ଫା ଭିତରେ ରହିଛି ସେବାରୟନ ବା ସର୍ଭାରଣ୍ୟ ମନ୍ଦିର ଯେଉଁଠାରେ ପ୍ରଭୁ ପେରୁମଲ୍ ପୂଜା ପାଆନ୍ତି । ପ୍ରତିବର୍ଷ ସେଠାରେ ମେ' ମାସରେ ଗୋଟିଏ ମେଳା ହୁଏ ଏବଂ ସେଠାରେ ଭୀଷଣ ଭିଡ଼ ହୁଏ, ଲୋକକଥା ଅଛି, ପ୍ରଭୁ ପେରୁମଲ୍ ୟେରକଡ଼ର ଅଧିବାସୀଙ୍କୁ ସବୁବେଳେ ରକ୍ଷାକରିଥାନ୍ତି ।

ଶେଷରେ ଆମର ୟେରକଡ଼ ଅଭିଯାନ ପ୍ରାୟ ସନ୍ଧ୍ୟା ୪-୫ ବେଳକୁ ସରିଲା । ଆମେ ଲେକ୍ ପାଖରେ ଥିବା ବେଂଚରେ ବସି କପେ କପେ ଚା' ପିଇଲୁ । ଆମକୁ ଲାଗିଲା ଯେମିତି ରମାରମଣ ଆଉ ମୁଁ କଲେଜ ପଢୁଆ ପୁଅ ଝିଅ ପାଲଟି ଯାଇଛୁ ଏବଂ ଉଷୁମ ଚା, କପ୍ ସହ ୟେରକଡ଼ ଲେକ୍‌ର ଜଳରାଶିର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରୁଛୁଁ ସଂଧ୍ୟାବେଳେ ୟେର୍‌କଡ଼ର ଘାଟି ରାସ୍ତାରେ ପାହାଡ଼ ଉପରୁ ଫେରିଲାବେଳକୁ, ପର୍ବତମାଳା ଓ ପାହାଡ଼ ତଳର ରାସ୍ତା ଅତି ସୁନ୍ଦର ଦେଖାଯାଉଥିଲା ଏବଂ ସାଲେମ୍ ସହର ଆଲୋକମାଳାରେ ସଜ୍ଜିତ ହୋଇଯାଇଥିଲା । ଆଉ ଜୀବନରେ କେବେ ସାଲେମ୍ ବା ୟେରକଡ଼ ଯାଇପାରିବୁ କି ନାହିଁ ଜାଣିନାହିଁ ତେବେ ପାହାଡ଼ ରାସ୍ତା ଦେଇ ଫେରି ଆସିବାବେଳେ ୟେରକଡ଼୍‌ର ଲେକ୍, ଫୁଲବଗିଚା, ପାର୍କ ଓ ଝରଣାର ଦୃଶ୍ୟ ଚିରଦିନ ପାଇଁ ମୋ ଆଖିର ପରଦାରେ ଜୀବନ୍ତ ହୋଇ ରହିବ ।

(କ୍ରମଶଃ)

## ପୁସ୍ତକ ସମୀକ୍ଷା

**ବାତ୍ୟା ଆଶଂକାରେ**
କବି:
**କବି ରତ୍ନାକର ରାଉତ**
ପ୍ରକାଶକ: ବିଜୟ ବାର୍ତ୍ତା, ବିଡାନାସୀ, ସିଡିଏ, କଟକ-୧୪
ମୂଲ୍ୟ-୭୦/-




ସମକାଳ ସାହିତ୍ୟର ପ୍ରଜ୍ଞାଦୀପ୍ତ ସ୍ୱର କବି ରତ୍ନାକର ରାଉତଙ୍କ କବିତାରେ ସବୁ ସମୟରେ ତାଙ୍କର କାବ୍ୟିକ ପ୍ରତିନିଧି ଭାବରେ ଥାଏ 'ନନ୍ଦ ଦାସ' ନାମକ ଚରିତ୍ର । ନନ୍ଦଦାସର ନଷ୍ଟାଲଜିଆକୁ ନେଇ କବି ଶ୍ରୀଯୁକ୍ତ ରାଉତଙ୍କର କବିପ୍ରାଣର ବିବିଧମନଶୀଳତାର ଆଉ ଏକ ଆଲୋଚନା ଯୋଗ୍ୟ କବିତା ସଂକଳନ 'ବାତ୍ୟା ଆଶଂକାରେ' । ଅସ୍ତିତ୍ୱବାଦୀ ସାହିତ୍ୟର ଠିକ୍ ବିପରୀତ ମୁହାଁ ତତ୍ତ୍ୱ ହେଉଛି ନଶ୍ୱରବାଦ । ପ୍ରଚଣ୍ଡ କୋଳାହଳ ଭିତରେ ଖାଁ ଖାଁ ଶୂନ୍ୟପଣକୁ ନେଇ କବି ଯେତେବେଳେ ସଂସାର ବିମୁଖ ଏକ ଘମାଘୋଟ ଉଦାସୀନତା ଭିତରେ ବଂଚେ ସେଇ ନଷ୍ଟାଲଜିଆରୁ ଜନ୍ମନିଏ ଶଂକା । ଯେମିତିକି, କେତେଦିନକୁ କହ ବଂଧିଛୁ ଆଂଟ, କି ଘେନି ଯିବୁ ତୋ'ର ଛୁଟିଲେ ଘଟ । ବଦଳିଯାଉଥିବା ଦୁନିଆରେ କବିଙ୍କୁ ଗ୍ରାସକଲା ବାତ୍ୟାର ଶଂକା । ଏଇ ବାତ୍ୟାର ବାତୁଳ ପଣକୁ ନେଇ କବି ଚେତନା ଦ୍ୱିଧାଗ୍ରସ୍ତ ଶଂକାଗ୍ରସ୍ଥ ଏବଂ ସଂଶୟ ବିଜଡିତ ସଂଦିହାନତାକୁ ସାର କରି ସୃଷ୍ଟି କରିଛନ୍ତି ଏହି ଗଭୀର ଜୀବନଦର୍ଶନ ମୂଳକ ଅଥଚ ବୋଧିସତ୍ୱୀୟ ବୈରାଗ୍ୟକୁ ନେଇ 'ବାତ୍ୟା ଆଶଂକାରେ' । 'ବାତ୍ୟା' ତାଙ୍କର ସିମ୍ବଲ । ଏହା ପ୍ରତୀକିତ ହୋଇଛି ଜୀବନର କ୍ଷଣ ଭଙ୍ଗୁରତାରେ । ବିଘଟିତ ଜୀବନଚର୍ଯ୍ୟାର ଆତ୍ମଆବିଷ୍କାର ପଥକୁ ଶ୍ରୀଯୁକ୍ତ ରାଉତ କବିତାରେ ଉପସ୍ଥାପନ କଲାବେଳକୁ ନିଜ କାବ୍ୟସତ୍ତାକୁ ସେ ଅନୁମତି ଦେଉଛନ୍ତି ତାଙ୍କର ଚୈତ୍ୟନାୟିକାର ରୂପକଳ୍ପଟିଏ ଆଂକିବାକୁ । ତାଙ୍କର ବଜେକଟ୍ ସବୁ ଇମେଜରେ ରୂପାନ୍ତରିତ ହେଉଛି । କଳ୍ପଲତା ଚାହିଁଛି ଚିତ୍ରଲତାର ରୂପାନ୍ତରଣ । ସେଇ ଚିତ୍ରଲତାର ସଠିକ୍ ଛବିଟିଏ ଆଂକିପାରିଥିଲେ କବି ପାଇଥାନ୍ତେ ସ୍ୱକାବ୍ୟଶିଳ୍ପରେ ଅନନ୍ତ ନିର୍ବାଣ । ହାଲୁସିନେସନ୍ । କିନ୍ତୁ ସେପରି ହେଲାକି ? ଛବି ଭିତରେ କାବ୍ୟନାୟିକାର ଛଦ୍ମପଦକୁ ପଦ୍ମପାଦରେ ଆଂକିବାର ପରିଣତି - "ଭାବସମୁଦ୍ରରେ ବୁଡ଼ି ଉଠି/ ଆଂକିଲି ମୁଁ ତୁମ/ ମଥାତୋଳି ଚାହିଁଲା ବେଳକୁ/ ନାହଁ ତୁମେ/ ଏ ଛବିକୁ ଦେବି ମୁଁ କାହାକୁ!/ ସତେ ତମେ ଆସିଥିଲ!/ ତହିଁର ତ ସାକ୍ଷୀ ଏହି ଛବି/ ଆଂକିସାରି ତୁମ ଛବି/ ଅବିକଳ ଆଖି ଖୋଲି ଦେଖିଲା ବେଳକୁ/ ତୁମେ ତ ନଥିଲ/ ଥିଲା ତୁମ ଛବି/ ଭାସ୍ୱର, ଉଜ୍ଜ୍ୱଳ, ହସୁଥିଲା/ କ୍ୟାନଭାସ ଉପରେ/ ଯେପରି ପ୍ରକଟିତ ଅନ୍ଧାରର ଗରଭରୁ/ ସମୁଜ୍ଜ୍ୱଳ ଈଷାର ସକାଳ (କବିତା ଉପହାର, ପୃଷ୍ଠା-୦୭)

କବି ଶ୍ରୀଯୁକ୍ତ ରାଉତଙ୍କର ବିବିଧ ମନନଶୀଳତାର ଏହି ସ୍ୱତନ୍ତ୍ର ସ୍ୱାକ୍ଷର 'ବାତ୍ୟା ଆଶଂକାରେ' ସଂକଳନର ସ୍ଥାନିତ କବିତା ଗୁଡ଼ିକର ଅନ୍ୟ ସବୁ ଉଲ୍ଲେଖନୀୟ ଦିଗ ହେଲା- (କ) ଦ୍ୱୈତାଭାସ (ଖ) ବୈପରୀତ୍ୟ ଅଭିଜ୍ଞତା (ଗ) ତିତିକ୍ଷା ଅନୁଶାସନ ଓ ଜୀବନର ଚଳନ୍ତି କ୍ଲାସିକ୍‌କୁ ନେଇ ଉଦାସୀନତା (ଘ) ନଶ୍ୱରତାର କାଳନ୍ତର ଉପମା (ଙ) ପରମ୍ପରା ବିନ୍ୟସ୍ତ ବାକ୍‌ଛନ୍ଦର ଭାବ ବିଧୂର ନିବହ (ଚ) ମନସ୍ତତ୍ତ୍ୱ ଏବଂ ମନୀଶା ଭିତରେ ଅପାର୍ଥକ୍ୟତା (ଛ) ପ୍ରେମର ଉଚ୍ଚତର ନୈରାଶ୍ୟକୁ ନେଇ କବିତାର ଦୀର୍ଘିକା ଓ ଶୈଳୀରେ ନବବିନ୍ୟାସ (ଜ) ନଷ୍ଟାଲଜିଆର ପ୍ରାୟାନ୍ଧକାରର ରିକ୍ତରାଗ । ଏତକ ଉପାଦାନ ଏବଂ ଚେତନାକାଶରର ପ୍ରାକ୍‌ସ୍ଥିତି କଣ 'ବାତ୍ୟାର ଆଶଂକା' ଆଣିବ ନାହିଁ ? ଆଣିଛି ।

କବି ଶ୍ରୀଯୁକ୍ତ ରାଉତ ରୂପକଳ୍ପର ରୂପେଲି ରଜକ ରାତ୍ରିଟିଏ । ସେ ଲେଖିଛନ୍ତି 'ବୁଧ ପୁନେଇର ତୋଫା ତୋଫା ଗୋରା ଜହ୍ନ ବୋଉର ପୂଜା ଶାଢ଼ି ଭଳି/ ଶ୍ୱେତ ଶୁଭ୍ର ପଣତରେ/ ଢ଼ାଙ୍କିଥିଲା ଧରଣୀର ଛବି/ ଚୂନରେ ଧଉଳା ଦେଉଳର ଚୂଳପରି ଜୋଛନାର ସଫେଦ ଚାଦର ଏକ/ କିଏ ଯେମିତି ଘୋଡ଼େଇ ଥିଲା ମାଟିର ବୁକୁରେ (କବିତା, ଉପହାର) ।

ବରିଷ୍ଠ କବି ରତ୍ନାକର ରାଉତଙ୍କର ଏହି 'ବାତ୍ୟା ଆଶଂକାରେ' ସଂକଳନଟିରେ ସ୍ଥାନିତ ହୋଇଛି ମୋଟ୍ ୩୩ଟି କବିତା । ପାଶ୍ଚାତ୍ୟ ମନିଷୀ ୟେଟ୍‌ସଙ୍କର ଉକ୍ତି Words are only good ଶବ୍ଦକୁ ନେଇ ନୂତନ ପରମ୍ପରା ଗଢୁଥିବା ଏହି କବିଙ୍କର 'କବିତା ଆସ୍ୱାଦନ' (ମୁଖବନ୍ଧ)ରେ ୟେଟ୍‌ସଙ୍କ ଉକ୍ତିର ଯଥାର୍ଥତା ବହନକାରୀ ମନ୍ତବ୍ୟ ଦେଇଛନ୍ତି ସାହିତ୍ୟିକ ବାବାଜୀ ଚରଣ ପଟ୍ଟନାୟକ । ଯଥା- "ରତ୍ନାକର ରାଉତ ଯାହା ମୁହଁ ଖୋଲି କହିପାରି ନଥାନ୍ତେ, କହିଲେ ବି ଯାହାର ଉପସଂହାର ନାହିଁ, ସେ ଭାବ ଅଥବା କଥାଗୁଡ଼ିକୁ ଶେଷହୀନ, ପାଠକୀୟ ଆନନ୍ଦ-ବେଦନା ଉଦ୍‌ବୋଧକ କବିତା ଶିଳ୍ପରେ ଶବ୍ଦଦେଇ ଲଟେଇ ଦେଇଛନ୍ତି । ++++ ମଣିଷର ଅସହାୟତା, ଆଧ୍ୟାତ୍ମିକ ଜୀବନରେ ପରିଲକ୍ଷିତ ସଂକଟ, ଚାକିରୀ ବୃତ୍ତିରେ ପାହାଚ, ବିଷୟ-ବାସନା ଶୂନ୍ୟ ପାରମ୍ପରିକ ପରମାର୍ଥିକ ଭାବନାଦି ତାଙ୍କ କବିତା ଗୁଡ଼ିକର ଭାବପକ୍ଷ । ଏସବୁ ପାଇଁ ତାଙ୍କର ଶବ୍ଦଖେଳ ଯେ କେହି ଚିହ୍ନରା ଗ୍ରାହକ ପକ୍ଷେ ଉପଭୋଗ୍ୟ ।" ଶବ୍ଦକୁ ନେଇ ବିରଳ ଶତାବ୍ଦୀର କାବ୍ୟସନ୍ଦର୍ଭ ରଚିଲା ବେଳେ କବି ଗଭୀର ଭାବେ କିପରି ଜୀବନ ମୃତ୍ୟୁର ମେଳଣ ଦେଖୁଛନ୍ତି ଲକ୍ଷ୍ୟ କରାଯାଉ- "ବିନ୍ଦୁଏ ଆଲୋକ ହୋଇ/ ଟୋପାଏ ବାୟୁ ହୋଇ/ କପାଳର ବୁନ୍ଦାଏ ଝାଳ ହୋଇ/ ଧୂଆଁ କି ଧ୍ୱନି ହୋଇ/ ଅଜଣା ବାଟୋଇ ପରି କେଉଁଆଡ଼େ ଯାଉଛି/ ସଭିଙ୍କ ଆଗୋଚରରେ/ କିଏ ତାକୁ ଦେଖୁଛି/ କେଉଁଠି ବୁଲୁଛି କି' ରହୁଛି ସେ ଯାଇ/ କେତେ କାଳ ଓ କେତେମୁହୂର୍ତ୍ତ କେଉଁ ଅଜ୍ଞାତ ମୂଳକରେ +++ (କବିତା, ଆଂଜୁଳାଏ କାଠଚମ୍ପା ଭଳି, ପୃଷ୍ଠା-୨୫) ।

ତେବେ ଏଠାରେ ଗୋଟାଏ କଥା ଉଲ୍ଲେଖନୀୟ ଯେ ଶ୍ରୀଯୁକ୍ତ ରାଉତଙ୍କର 'ବାତ୍ୟା ଆଶଂକାରେ' ଖାଲି ଗୋଟିଏ ଶଂକାଗ୍ରସ୍ଥ ଉଦାସୀ ପ୍ରାଣର ନିସ୍ତବ୍ଧ ଅଭିବ୍ୟକ୍ତି ନୁହେଁ । ଏ ବାତ୍ୟା ମଧ୍ୟ ବିବେକ, ବିଚାର ଏବଂ ବିମର୍ଶର ବାତାୟନଟିଏ । କ୍ଲାନ୍ତି ଏବଂ ବିବର୍ଣ୍ଣତା ବଦଳରେ ବାତ୍ୟା ମଧ୍ୟ ଆଣିଦେଇପାରେ ବିବୃତ୍ତିର ବିସ୍ତୃତ ଇସ୍ତାହାର । ଶବ୍ଦ, ଅର୍ଥ ଅନ୍ୱୟ ଏବଂ ଲେଖକୀୟ ଅଭିପ୍ରାୟକୁ ସେ ସ୍ଥଳାଭିଷିକ୍ତ କରିଛନ୍ତି ନ୍ୟୁରୋସିସ୍ ମନସ୍ତତ୍ତ୍ୱର ମହିମାମଣ୍ଡିତ ଆସନରେ । ବନ୍ଧନ ଏବଂ ବୈରାଗ୍ୟର ତାଲା ଖୋଲିଛି ତାଙ୍କର ବାତ୍ୟା ଆଶଂକା । ସାମାଜିକ ସ୍ଥିତି ଏବଂ ପରିବର୍ତ୍ତିତ ପାଣିପାଗକୁ ନେଇ ସେ ଯେମିତି ବିଷର୍ଣ୍ଣ, ବଦଳୁଥିବା ଠିକଣା ଏବଂ ବାସସ୍ଥାନର ସଳଖ ବର୍ଣ୍ଣନା ଦେଲାବେଳେ କବି ପରୋକ୍ଷରେ ସୂଚାଇଛନ୍ତି ବାତ୍ୟାର ଆସନ୍ନ ମୁହୂର୍ତ୍ତ ତଥା ପରବର୍ତ୍ତୀ ମୁହୂର୍ତ୍ତରେ ଜୀବନ ଗତି କେଉଁ ଆଡ଼େ । ଫରାସୀ କବି ଡନ୍ ଭେଲି କହୁଛନ୍ତି Poetry is not exactly the life but the shadows of life ଏହି ମର୍ମରେ ଶ୍ରୀଯୁକ୍ତ ରାଉତଙ୍କର କବିତା ମାନଙ୍କୁ ଜୀବନଧର୍ମୀ ବା ସମାଜ ଓ ସଂପର୍କ ବିଜଡ଼ିତ ଜୀବନର ବ୍ୟାଖ୍ୟାନ ବୋଲି ନ କହି shadows of life ବା ଜୀବନର ଛାଇ ଛାଇକା ନିମ୍ନ ଅସ୍ତିତ୍ୱ ବୋଲି କୁହାଯାଇପାରେ । ଛାଇ ତ ଗୋଟିଏ ବସ୍ତୁତ୍ୱହୀନ ସାକ୍ଷୀଟିଏ । ହେଲେ ସେ ଛାଇର ବି ଜୀବନୀୟ କାବ୍ୟଭାଷ୍ୟ କେତେ ଶକ୍ତିଶାଳୀ ଏବଂ ତା'ର ଉପସ୍ଥିତ କାୟାପାଇଁ କେତେ ବିକଳ୍ପ ହୋଇପାରେ ତାହା ପ୍ରମାଣ କରିଛନ୍ତି କବି ଶ୍ରୀଯୁକ୍ତ ରାଉତ । ଜୀବନର ଛାଇକୁ ନେଇ ତାଙ୍କର ଲାସ୍ୟ ଏବଂ ନୈରାଶ୍ୟର କବିତା ସାର୍ବଜନୀନ ଏଇଥିପାଇଁ ଯେ, ସେଥିରେ ଭରିରହିଛି ଜୀବନର ମୌଳିକ ଆବେଦନ, ଏବଂ କାବ୍ୟ କବିତାର କୌଳିକ ସ୍ଥାପତ୍ୟ । ବେଦନାର ବ୍ୟୁହ ଭିତରେ 'ବାତ୍ୟା' କବିଙ୍କ କଲମରେ ପାଲଟିଛି ବନ୍ଦନାର ଶିଥିଳ ବଂଶୀନାଦ । ଅନ୍ତର୍ଦ୍ୱନ୍ଦ ମାଧ୍ୟମରେ କବି ଜୀବନର ଦୋଛକି ନିକଟରେ ପାଠକୀୟ ଚେତନାକୁ ଉପନୀତ କରାଇଥିଲେ ବି' 'ଶଂକା' ଭିତରେ ସେ ରୋପିଛନ୍ତି ଅସାର ଜୀବନର ଅପୂର୍ବ ସଂକେତ । ବଦଳିଯାଇଥିବା ବାସଗୃହର ସ୍ମୃତି ଏବଂ ନୂତନ ବାସଗୃହରର ବାସ୍ତୁତତ୍ତ୍ୱରେ କବି ପ୍ରାଣ ନିର୍ଦ୍ଧାରଣ କରୁଛି ଏକ ନିର୍ମମ ଏବଂ ଅନ୍ତିମ ବାସଶୂନ୍ୟତା । କେଉଁ କୋଠରୀ, କେଉଁ ସୁରକ୍ଷା, କେଉଁ ପଥ୍ୟ, କେଉଁ ପ୍ରେମ ଏବଂ ସଂଭ୍ରମ ଅବା ଦେଇପାରିବ ଏ ଜୀବନକୁ ବାତ୍ୟା ଆଶଂକାରୁ ମୁକ୍ତି ? ପାଠକ ଏହାର ଉତ୍ତର ଦେବେ ।



ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

# କିଶୋରଚନ୍ଦ୍ରପୁର ପଂଚାୟତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ନୀଳଗିରି, ୦୩/୦୪ (ନି.ପ୍ର): ନୀଳଗିରି ମଣ୍ଡଳସ୍ଥିତ କିଶୋରଚନ୍ଦ୍ରପୁର ପଂଚାୟତ ଉଚ୍ଚ ବିଦ୍ୟାଳୟ, ଗବପାଳର ବାର୍ଷିକ ଉତ୍ସବ ବୁଧବାର ସଂଧ୍ୟା ସାତ ଘଟିକା ସମୟରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଯୋଗଦାନ କରି ଗ୍ରାମର ସମସ୍ତ ପିଲା ଶିକ୍ଷିତ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ମୋ ସ୍କୁଲ ଅଭିଯାନରେ ସମସ୍ତ ଗ୍ରାମବାସୀ ଅନ୍ତର୍ଭୁକ୍ତ ହେବାସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ତଥା ସ୍ୱଚ୍ଛ ଭାରତ ଅଭିଯାନରେ ସମସ୍ତେ ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ଉପଦେଶ ଦେଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟବକ୍ତା ଭାବେ ସମାଜ ସମ୍ବାଦପତ୍ରର ମୁଖ୍ୟ ପ୍ରବନ୍ଧକ କୁଳମଣୀ ବାରିକ, ସମ୍ମାନିତ ବକ୍ତାଭାବେ ବହିଘରର ପ୍ରକାଶକ ଅଭୟ ଦାସ, ଅନ୍ୟତମ ସମ୍ମାନିତ ଅତିଥିଭାବେ ନୀଳଗିରିର ସହ ଗୋଷ୍ଠୀ ଶିକ୍ଷାଧିକାରୀ ରବିନାରାୟଣ ପରିଡ଼ା, ଅନ୍ୟତମ ସମ୍ମାନିତ ଅତିଥିଭାବେ ଡକ୍ଟର ସୁଧାରଂଜନ ପଟ୍ଟନାୟକ ଯୋଗଦାନ କରିଥିଲେ। ହି ଅବସରରେ ବିଦ୍ୟାଳୟ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗଛ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିଲା। ତାଙ୍କ ସହିତ ଅନ୍ୟ ତିନିଜଣ କୃତୀ ଶିକ୍ଷକଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନେ ହେଲେ ନୀଳଗିରି ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିବେକାନନ୍ଦ କର, ସଦରବ୍ଲକ ସ୍ଥିତ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, କୁଡ଼ିଆର ପ୍ରଧାନଶିକ୍ଷକ ଭାଗବତ ମହାନ୍ତି ଓ କିଶୋରଚନ୍ଦ୍ରପୁର ପଂଚାୟତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ମହାକୁଡ଼। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମହାନ୍ତି ମୁଖ୍ୟ ଅତିଥିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ଏକ କବିତା ଗାନ କରିଥିଲେ। ଏହି ସଭାରେ ପ୍ରଧାନଶିକ୍ଷକ ଅଶ୍ୱିନୀ କୁମାର ମହାନ୍ତି ପ୍ରକାଶ କରିଥିବା ସ୍ୱରଚିତ ପାଂଚଟି ପୁସ୍ତକ ଯଥା: ବାପା ଓ ଅନ୍ୟାନ୍ୟ ଗଳ୍ପ, ପ୍ରଥମ ପ୍ରେମ, ସ୍ୱୟଂସିଦ୍ଧା, ପଂଜାବ ପରିଭ୍ରମଣ, ଦୁଇଟି କ୍ଷୁଦ୍ର ଏକାଙ୍କିକା କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।



## କରୋନାରେ ଦେଶରେ ଗତ ୨୪ ଘଂଟାରେ ୮୯,୧୨୯ ନୂଆ ମାମଲା

ନୂଆଦିଲ୍ଲୀ,୦୩/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୮୯,୧୨୯ ଟି ନୂଆ କରୋନା ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ମୋଟ ୭୧୪ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୨୩,୯୨,୨୬୦ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୬,୫୮,୯୦୯ ରହିଛି। ମୃତକ ମାନଙ୍କ ସଂଖ୍ୟା ୧,୬୪,୧୧୦ ରେ ପହଂଚିଛି।

## ନୂଆ ଷ୍ଟ୍ରେନ ପାଇଁ ବଢୁଛି ସଂକ୍ରମଣ : ପରିବାର କଲ୍ୟାଣ ନିର୍ଦ୍ଦେଶକ

ଭୁବନେଶ୍ୱର,୦୩/୦୪ (ନି.ପ୍ର): କିଛି ଦିନ ମଧ୍ୟରେ ହଠାତ୍ ରାଜ୍ୟରେ ସଂକ୍ରମଣ ବଢ଼ିଥିବା ବେଳେ ରାଜ୍ୟକୁ ଆସିଥିବା ନୂଆ ଷ୍ଟ୍ରେନ ପାଇଁ ଏଭଳି ହେଉଥିବା କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ। ସେ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ନୂଆ ଷ୍ଟ୍ରେନ ଆସିଛି, ତାହା ଅଧିକ ସଂକ୍ରାମକ। ନୂଆପଡ଼ା ଯେହେତୁ ଛତିଶଗଡ଼ ସୀମାରେ ଅଛି, ସେଠି ସଂକ୍ରମଣ ବଢୁଛି। ନୂଆପଡ଼ା ପ୍ରଶାସନ ଏହି ନୂଆ ଷ୍ଟ୍ରେନ ନେଇ ସମୀକ୍ଷା କରୁଛନ୍ତି। ନୂଆପଡା ଜିଲ୍ଲାରେ କେତେ ଲୋକ ଟିକା ନେଲାପରେ ସଂକ୍ରମିତ ହେଉଛନ୍ତି, ସେ ନେଇ ଏକ ସର୍ଭେ କରାଯାଉଛି। ଗତକାଲି ୨ଲକ୍ଷ ୫୨ହଜାର ଟିକାକରଣ କରାଯାଇଛି। ଯେତିକି ଟିକା ଗଚ୍ଛିତ ଅଛି, ତାହା ଆଉ ୪ଦିନ ଯିବ। ତେଣୁ କେନ୍ଦ୍ରକୁ ଅଧିକ ଟିକା ଦେବା ପାଇଁ ଚିଠି ଲେଖାଯାଇଛି। ଆଗାମୀ ୧୫ଦିନ ପାଇଁ ଟିକାକରଣ ହୋଇପାରିବା ଭଳି ଟିକା ଦେବା ପାଇଁ କୁହାଯାଇଛି। ସମୁଦାୟ ୨୮,୬୬,୨୫୫ ଜଣଙ୍କୁ ଟିକା ଦିଆଯାଇଛି। ଏବେ ପର୍ଯ୍ୟନ୍ତ ଲକଡାଉନ ସ୍ଥିତି ଆସି ନାହିଁ। ସଂକ୍ରମଣ ବଢ଼ିଲେ କୌଣସି ମୁହୂର୍ତ୍ତରେ ଆବଶ୍ୟକ ଥିବାରୁ ସବୁ ଜିଲ୍ଲାରେ କୋଭିଡ ହସ୍ପିଟାଲକୁ ପ୍ରସ୍ତୁତ କରି ରଖିବାକୁ ଜିଲ୍ଲା ପ୍ରଶାସନକୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି।

# ଏବେବି ଉତ୍ତର ଉପାନ୍ତରେ ଭାଷା-ସାହିତ୍ୟ ଓ ସଂସ୍କୃତି ସଂକଟରେ



ଜଳେଶ୍ୱର, ୩/୪ (ନି.ପ୍ର) : ରାଜ୍ୟରେ ୮୫ ବର୍ଷ ପୂର୍ବରୁ ଭାଷାକୁ ଭିତ୍ତି କରି ଗଠନ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। କିନ୍ତୁ ଆଜିବି ବଂଗଳା ଭାଷାର ପ୍ରଭାବ ପରିଲକ୍ଷିତ ହେଉଛି। ଓଡିଆ ଭାଷା-ସାହିତ୍ୟ-ସଂସ୍କୃତି ଏବେବି ଉତ୍ତର ଉପାନ୍ତରେ ସଂକଟରେ ରହିଛି। ଏବେବି ଓଡିଆ ଭାଷା ସୁରକ୍ଷା ଲୋଡୁଛି ବୋଲି ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠ ସୁବର୍ଣ୍ଣରେଖା ନଦୀକୂଳ ମୁଣୁତୁଣିଆ ଗାଁରେ ଥିବା କବିପୀଠ ଆୟୋଜିତ ସଭାରେ ମତପ୍ରକାଶ ପାଇଛି। ଦୀନକୃଷ୍ଣ ସ୍ମୃତି ପରିଷଦ ଓ ମୀନାମଣ୍ଡଳି ପକ୍ଷରୁ ଆୟୋଜିତ ଏହି ସଭାରେ ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରି ତ୍ୟାଗପୁତ ମହାମନିଷୀଙ୍କ ଅବଦାନ ତଥା ଓଡିଆ ଅସ୍ମିତା ବଜାଇ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥିଭାବେ କବି ବ୍ରଜେନ୍ଦ୍ର ଗିରି ଯୋଗ ଦେଇ ସଂକଟରେ ଗତି କରୁଥିବା ଓଡିଆ ଭାଷା ସାହିତ୍ୟ, ସଂସ୍କୃତି ଲାଗି ବିଶ୍ୱବିଦ୍ୟାଳୟ ଗଠନ ହୋଇଥିଲେ ମଧ୍ୟ ଏବେବି ତାହା ଅଧୁରା ବୋଲି କହିଛନ୍ତି। ସମ୍ମାନୀତ ଅତିଥିଭାବେ ମନ୍ମଥ ନାଥ ଖଟୁଆ, ଶରତ ଚନ୍ଦ୍ର ପରିଡା, ଡ. ଅଜିତ୍ କୁମାର ମହାନ୍ତି, ରଂଜନ ଘୋଷ, ଚନ୍ଦନ ସାସମଲ, ସୁକୁମାର ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରହିମ ରଂଜନ ଦେ ସ୍ୱାଗତ ଅଭିଭାଷଣ ଓ ଅଜୟ କୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଶ୍ୱରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଳେଶ୍ୱରର ଭଂଜ କଲୋନୀରେ ଏକ ସମ୍ବର୍ଦ୍ଧନା ସଭା ଓ ଉତ୍କଳ ଦୀବସର ତାତ୍ପର୍ଯ୍ୟ ସଂପର୍କରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସମ୍ବର୍ଦ୍ଧନା ଏକ ପ୍ରତ୍ସାହନ ଓ କର୍ତ୍ତବ୍ୟରତ ଯଶସ୍ୱୀ ମାନଙ୍କ ମାନସିକତାକୁ ଅଧିକ ଦୃଢ଼ କରିଥାଏ ବୋଲି କହିଥିଲେ। ପ୍ରଫେସର ଜିତାରାମ ଦେଙ୍କ ପୌରହିତ୍ୱରେ ଡ. ରଜନୀକାନ୍ତ ଭୂୟାଁ, କାର୍ତ୍ତିକ ଚନ୍ଦ୍ର ଦାସ, ଅକ୍ଷୟ ନାରାୟଣ ଦାସ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଭଂଜ କଲୋନୀରେ ରହୁଥିବା ୨୨ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଉପାନ୍ତରେ ଓଡିଆଭାଷା ପ୍ରତି ଅଧିକ ଗୁରୁତ୍ୱ ଦିଆଯିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ।

# କର୍ଣ୍ଣାଟକରେ ପେଟ୍ରୋଲ ଢ଼ାଳି ୬ ଜଣଙ୍କୁ ଜାଳି ଦିଆଗଲା

ବାଙ୍ଗାଲୁର,୦୩/୦୪ (ନି.ପ୍ର): ଶନିବାର ପୂର୍ବାହ୍ନରେ ରାଜ୍ୟର କୋଡ଼ାଗୁ ଜିଲ୍ଲାର ଏକ ଗାଁରେ ନିଆଁ ଲଗାଇ ୬ ଜଣଙ୍କୁ ଜିଅନ୍ତା ଜାଳି ଦିଆଯାଇଛି। ପୋଲିସ ସୂଚନା ଅନୁସାରେ ଜଣେ ବ୍ୟକ୍ତି ଘର ବାହାରୁ ବନ୍ଦ କରି ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଛି। ଘଟଣାର କାରଣ ଜାଣିବାକୁ ପୋଲିସ ଚେଷ୍ଟା କରୁଛି। ଶନିବାର ଦିନ ବ୍ୟକ୍ତି ୟେରାବ ବୋଜା ନାମକ ଜଣେ ବ୍ୟକ୍ତି ଜିଲ୍ଲାର ବିରାପଟେ ତାଲୁକ ଗାଁର ମୁଗୁଟକେରୀ ଗ୍ରାମରେ ପେଟ୍ରୋଲ ଢ଼ାଳି ଏକ ଘରେ ନିଆଁ ଲଗାଇଦେଇଥିଲେ। ଅଗ୍ନିକାଣ୍ଡରେ ଘଟଣାସ୍ଥଳରେ ତିନିଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣଙ୍କର ମୈସୁର ଡାକ୍ତରଖାନରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ସୀତା (୪୫), ବେବି (୪୦), ବିଶ୍ୱାସ (୬), ବିଶ୍ୱ (୭), ପ୍ରକାଶ (୭) ଏବଂ ପ୍ରାଥନା (୬) ବୋଲି ଜଣାପଡ଼ିଛି। ପୋଲିସ ସୂଚନା ଅନୁସାରେ ଅଭିଯୁକ୍ତ ଏହି ଘଟଣା ଘଟାଇବା ପରେ ସେଠାରୁ ପଳାଇ ଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଖୋଜୁଛି। ଏହି ଘଟଣାର କାରଣ ଖୋଜିବାକୁ ମଧ୍ୟ ପୋଲିସ ଚେଷ୍ଟା କରୁଛି।

## ଦିଲ୍ଲୀ ଫେରିଲେ ଉପରାଷ୍ଟ୍ରପତି

ଭୁବନେଶ୍ୱର,୦୩/୦୪ (ନି.ପ୍ର): ଦୁଇ ଦିନିଆ ଓଡିଶା ଗସ୍ତରେ ଆସଥିବା ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ଶନିବାର ଅପରାହ୍ନରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ସେ ଫେରିଯାଇଛନ୍ତି। ବିମାନ ବନ୍ଦରରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ପୋଲିସ୍ ଡିଜି ଅଭୟ ଓ ସାଂସଦ ସୁବାସ ସିଂହ ବିଦାୟ ଜଣାଇଥିଲେ। ଉପରାଷ୍ଟ୍ରପତି ତାଙ୍କର ଦୁଇ ଦିନିଆ ଓଡିଶା ଗସ୍ତ କାଳରେ ସାରଳା ଦାସଙ୍କ ୬୦୦ ତମ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଉତ୍କଳ ବିଶ୍ୱ ବିଦ୍ୟାଳୟର ୫୦ ତମ ସମାବର୍ତନ ଉତ୍ସବରେ ଯୋଗ ଦେଇଥିଲେ।

# ବାପା ମା'କୁ ପିଟି ଲହୁ ଲୁହାଣ କଲା ମଦୁଆ ପୁଅ

ଜଳେଶ୍ୱର, ୩/୪ (ନି.ପ୍ର) : ଜଳେଶ୍ୱର ଥାନା ଅନ୍ତର୍ଗତ ଖାଲିନା ଗାଁର ଜମିବାଡି ବିବାଦକୁ କେନ୍ଦ୍ର କରି ଜଣେ ମଦୁଆ ପୁଅ ବାପା, ମା କୁ ନିସ୍ତୁକ ମାଡମାରି ଆହତ କରିଛି। ଘଟଣାରୁ ପ୍ରକାଶ ଗୋପବଂଧୁ ସିଟଙ୍କ ତିନି ପୁଅ ଓ ଝିଅ ମାନଙ୍କ ମଧ୍ୟରେ ସମ୍ପତ୍ତିକୁ ଭାଗବଣ୍ଟରା କରିଥିଲେ। କିନ୍ତୁ ପୁଅ ବିଜୟ ଏଥିରେ ରାଜି ନ ହୋଇ ଅଧିକ ସମ୍ପତ୍ତି ପାଇଁ ବାପା. ମା, ଭାଇ ଭଉଣୀକୁ ଧମକ ଦେଇ ଆସୁଥିଲେ। ଫଳରେ ଗ୍ରାମ ବୈଠକରେ ଗୋପବଂଧୁ ସମ୍ପତ୍ତିକୁ ୩ ପୁଅ ନାଁରେ ଭାଗ କରିବା ସହିତ ଝିଅ ମାନଙ୍କ ଖର୍ଚ୍ଚ ଲାଗି କିଛି ସମ୍ପତି ନିଜ ପାଖରେ ରଖିଥିଲେ। ବିଜୟ ଏହାକୁ ବିରୋଧ କରି ମଦ୍ୟପାନ କରି ବାପା ଗୋପବଂଧୁ, ମା ସରସ୍ୱତୀ, ଭାଇ ଅଜୟ ଓଭାଉଜଙ୍କୁ ମାଡମାରୀ ଆହତ କରିଛନ୍ତି। ବାପା ମା ଗୁରୁତର ଥିବାରୁ ଗ୍ରାମବାସୀ ପକ୍ଷରୁ କେତେକ ବ୍ୟକ୍ତି ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଜିକେଭଟ୍ଟର ହସ୍ପିଟାଲକୁ ଚିକିତ୍ସାପାଇଁ ପଠାଇଥିଲେ। ପୁଲିସ୍ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

## କେନ୍ଦ୍ର ସରକାରଙ୍କ ଯୋଜନାକୁ ଜିଲ୍ଲା ପ୍ରସାଶନ କାର୍ଯ୍ୟକାରୀ କରିବାରେ ଅବହେଳା କରୁଛନ୍ତି



ବାରିପଦା,୦୩/୦୪ (ନି.ପ୍ର): ବାରିପଦାର ଷ୍ଟାଡିୟମ ହଲ ଠାରେ ବିଜେପିର ପୂର୍ବ ମୟୂରଭଞ୍ଜ ସାଂଗଠନିକ ଜିଲ୍ଲାର ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଉଡାଣ ଯୋଜନାରେ ଓଡ଼ିଶାର ୧୦ଟି ଏଆରପର୍ଟ କାର୍ଯ୍ୟକ୍ଷମ କରାଇ ଉଡାଜାହାଜ ଚଳାଚଳ କରାଇବାକୁ ନେଇଥିବା ନିଷ୍ପତ୍ତିରେ ରାସଗୋବିନ୍ଦପୁର ଠାରେ ଥିବା ଏସିଆ ମହାଦେଶର ସର୍ବବୃହତ ଅମରଦା ଏଆରଷ୍ଟ୍ରିପ ସ୍ଥାନ ପାଇଥିବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପ୍ରକାଶ କରାଯିବା ସହିତ ରୂପସା-ବାଙ୍ଗିରୀପୋଷି ରେଳଲାଇନ ବିଦ୍ୟୁତୀ କରଣ କରାଇବା ସହ ବାଙ୍ଗିରୀପୋଷି ରେଳ ଲାଇନକୁ ବୁଢ଼ାମରା ଦେଇ ଚକୁଳିଆ ପର୍ଯ୍ୟନ୍ତ ସଂପ୍ରସାରଣ କରାଇବା ଘଟନାକୁ ପ୍ରଶଂସା କରିଛି ଜିଲ୍ଲା ବିଜେପି। ଓ.ଏଲ୍.ଆଇ.ସି. ଜରିଆରେ ୨୦୧୭ ମସିହା ଠାରୁ "ଜଳନିଧି ଯୋଜନାରେ ୪୩୪ ଜଣ ହିତାଧିକାରୀ ରାଜ୍ୟ ସରକାରଙ୍କ ଠାର ସିକ୍ୟୁରିଟି ଡିପୋଜିଟ୍ କରିଥିଲେ ହେଁ ଅଦ୍ୟାବଧି ସେଲୋ ବା ବୋରୱେଲ କରା ନଯିବାରୁ ସେଲୋ ଟ୍ୟୁବୱେଲ ଜରିଆରେ ମୟୂରଭଞ୍ଜ ଜିଲ୍ଲାରେ ଜଳଯୋଗାଣରେ ସଂପୂର୍ଣ୍ଣ ବିଫଳତାକୁ ନେଇ କାର୍ଯ୍ୟକାରିଣୀ ବୈଠକରେ ବି.ଜେ.ପି. କ୍ଷୋଭ ପ୍ରକାଶ ମଧ କରିଛି। ସେହିପରି ଜିଲ୍ଲାରେ ମୋଟ ୫୪୮ ଡାକ୍ତର ପଦବୀ ମଧ୍ୟରୁ ୨୨୮ଟି ଡାକ୍ତର ପଦବୀ ପୂରଣ ହୋଇଥିବା ବେଳେ ଆହୁରି ୩୨୦ଟି ଡାକ୍ତର ପଦବୀ ଖାଲିପଡ଼ିଥିବା ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ କଟକ ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେବାକୁ ବାଧ ହେଉଛନ୍ତି। ରାଜ୍ୟ ସରକାର ସାଧାରଣତଃ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଅଭିଯୋଗ କରି ଯଥାଶୀଘ୍ର ଜିଲ୍ଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବାକୁ ଦାବି କରିଛି। ଜିଲ୍ଲାରେ ଥିବା ପ୍ରଶାସନିକ ଅଧିକାରୀ ଏବଂ ବାଲିମାଫିଆଙ୍କ ମଧୁଚନ୍ଦ୍ରିକାରେ ବେଆଇନ ଭାବେ ବାଲି ଓ ମୋରମ୍ ଇତ୍ୟାଦି ପଡୋଶୀ ବାଲେଶ୍ୱର ଜିଲ୍ଲା, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଅଂଚଳକୁ ଚୋରାଚାଲାଣ କରାଯିବା, କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଆୟୁଷମାନ ଯୋଜନା ଆମ ରାଜ୍ୟରେ କାର୍ଯ୍ୟକାରୀ ନହେବାରୁ କୋଟି କୋଟି ଗରିବ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଂଚିତ ହେଉଥିବା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ୩୫ ବର୍ଷରୁ ଉର୍ଦ୍ଧ ହେବ କାମ ଚାଲୁଅଛି। ଏହା କେବେ ସରିବ ବୋଲି ପ୍ରସ୍ନ କରିଛି ବିଜେପି। ଜିଲ୍ଲାରେ ଧାନର ଅଭାବୀ ବିକ୍ରି ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିବା ବେଳେ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ଚାଷୀଙ୍କ ଠାରୁ କେନ୍ଦ୍ର ସରକାରଙ୍କ ମୂଲ୍ୟାଙ୍କନ ଅନୁଯାୟୀ ଯଥାଶୀଘ୍ର ଧାନ ଏମ୍ଏସପି ଜାରି କରିବା ପାଇଁ ବି.ଜେ.ପି. ପ୍ରସ୍ତାବ ପାରିତ କରିଛି। ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଜିଲ୍ଲାରେ ବୃହତ ଶିଳ୍ପଟିଏ ପ୍ରତିଷ୍ଠା ହୋଇ ପାରିଲା ନାହିଁ। ଏଥିସହିତ ରାଜ୍ୟ ସରକାରଙ୍କୁ ୨୨ ବର୍ଷ ରାଜତ୍ୱ କାଳରେ ଜିଲ୍ଲାରେ ଥିବା ବାରିପଦାସ୍ଥିତ 'ନିକୋ' ସୂତାକଳ, ଝରିଆ କୋଣାର୍କ ପେପର ମିଲ, ଦାନ୍ତିଆମୁହାଁ ଠାରେ ଥିବା ପେପର ମିଲ୍ ଏବଂ ବାଲଟି କାରଖାନା ଆଦି ବନ୍ଦ ହୋଇଯିବାରୁ ଜିଲ୍ଲାରୁ ବହୁ ଶିକ୍ଷିତ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବା ପାଇଁ ବାଧ ହେଉଥିବାର କୁହାଯାଇଛି। ତେବେ ଏହି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ରାଜ୍ୟ ସରକାର ତଥା ଜିଲ୍ଲା ପ୍ରସାଶନର କାର୍ଯ୍ୟକୁ ସମାଲୋଚନା କରାଯାଇଥିବା ବେଳେ, ଆଗାମୀ ଦିନରେ ଯଦି ଏସବୁ ପୂରଣ ନହୁଏ ତେବେ ଜିଲ୍ଲାରେ ବିଜେପି ଏହାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି କୁହାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୫ ଟି କାର୍ଯ୍ୟ ଦିବସ....

କାର୍ଯ୍ୟକ୍ରମ ଚାଲିପାରିନଥିଲା। ଏପରିକି ସରକାରୀ ବିଭାଗର ଖର୍ଚ୍ଚ ଦାବି ଗୁଡିକ ଆଲୋଚନା ହୋଇନପାରି ଗିଲୋଟିନ୍ ଦ୍ୱାରା ପାରିତ ହୋଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ ୧୪ ଦିନ ଧରି ୨୨ ଟି ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବା ନେଇ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇଥିଲେ ହେଁ ମାତ୍ର ୮ଟି ବିଭାଗର ଖର୍ଚ୍ଚଦାବି ଆଲୋଚନା ହୋଇଥିଲା। ବିଧାନସଭା ଓ ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଥବା ଗୃହ ଓ ସାଧାରଣ ପ୍ରଶାସନ ବିଭାଗ ସମେତ ମୋଟ ୩୫ ଟି ବିଭାଗର ଖର୍ଚ୍ଚଦାବି ଗିଲୋଟିନ୍ ରେ ପାରିତ ହୋଇଥିଲା। ଉଭୟ ବିରୋଧୀ ଦଳ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମୁଲତବୀ ପ୍ରସ୍ତାବ ନୋଟିସ୍ ମାନ ଦେଇଥିଲେ ହେଁ ଅଚଳାବସ୍ଥାପାଇଁ ସେଗୁଡିକ ମଧ୍ୟ ଆଲୋଚନା ହୋଇପାରିନଥିଲା। କହିବାକୁ ଗଲେ ଗୋଟିଏ ଗୋଟିଏ ଦିନରେ ପ୍ରଥମାର୍ଦ୍ଧ ବୈଠକ ୨ ରୁ ୩ ମିନିଟ୍ ଚାଲିପାରିଥିଲା। ଏହି ଅଧିବେଶନରେ ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ କାର୍ଯ୍ୟସୂଚୀରେ ସ୍ଥାନିତ ହୋଇନଥିଲା ବେଳେ ଶୂନ୍ୟକାଳ ମଧ୍ୟ ହୋଇପାରିନଥିଲା। ଫେବୃଆରୀ ୧୮ ତାରିଖରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ଙ୍କ ଅଭିଭାଷଣରୁ ଗୃହର ବୈଠକ ଆରମ୍ଭ ହୋଇଥିଲା। ଚଳିତ ଅଧିବେଶନ ଘଟଣାବହୁଳ ଥିଲା। ମଣ୍ଡିରୁ ଧାନ କିଣାନହେବା କୁ ନେଇ ଗୃହରେ କଂଗ୍ରେସ ଓ ବିଜେପି ଦଳ ସଦସ୍ୟମାନେ ବାରମ୍ବାର ହଟ୍ଟଗୋଳ ସୃଷ୍ଟି କରିଥିଲେ। ଏଥିଯୋଗୁଁ ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭରୁ ୬ ଦିନ ପର୍ଯ୍ୟନ୍ତ ଅଚଳାବସ୍ଥା ଲାଗି ରହିଥିଲା। ସେହିପରି ମଣ୍ଡି ସମସ୍ୟା ନେଇ ବିଜେପି ବିଧାୟକ ସୁବାଷ ପାଣିଗ୍ରାହୀ ସାନିଟାଇଜର ପିଇ ଗୃହରେ ଆତ୍ମହତ୍ୟା ଉଦ୍ୟମ କରିବା ବିଧାନସଭାରେ ନୂଆ ଇତିହାସ ସୃଷ୍ଟି କରିଥିଲା। ପରେ ସୁବାଷଙ୍କ କ୍ଷମାପ୍ରାର୍ଥନା ଦାବି କରି ବିଜେଡି ବିଧାୟକଙ୍କ ହଟ୍ଟଗୋଳ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲା। ସାମାଜିକ ,ଅର୍ଥନୈତିକ ଓ ଆଇନଗତ ଦୃଷ୍ଟିରୁ ଚଳିତ ଅଧିବେଶନ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା। ରାଜ୍ୟ ଅର୍ଥମନ୍ତ୍ରୀ ନିରଂଜନ ପୂଜାରୀ ୨୦୨୧-୨୨ ବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍ ଉପସ୍ଥାପନ କରିଥିବା ବେଳେ ୧,୭୫,୮୯୦ କୋଟି ୨୩ ଲକ୍ଷ ୬୦ହଜାର ଟଙ୍କାର ବିନିଯୋଗ ବିଲ୍ ପାରିତ ହୋଇଥିଲା।

## ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ .....

ମାନଙ୍କୁ କହିଛନ୍ତି ଯେ ସେମାନେ ବିଶ୍ୱବିଦ୍ୟାଳୟରୁ ଯେଉଁ ମୂଲ୍ୟବୋଧ ଓ ତାଲିମ ପାଇଛନ୍ତି ତାହା ଦ୍ୱାରା ଆତ୍ମବିଶ୍ୱାସର ସହିତ ଦୁନିଆର ମୁକାବିଲା କରିପାରିବେ। "ଆତ୍ମବିଶ୍ୱାସର ସହ ବିଶ୍ୱର ସମ୍ମୁଖୀନ ହୁଅ" – ଏହି ବିଚାର ଓ ସାମର୍ଥ୍ୟ ଆମର ବିଦ୍ୟାର୍ଥୀଙ୍କ ମଧ୍ୟରେ ପ୍ରବେଶ କରାଇବା ନୂଆ ଶିକ୍ଷାନୀତିର ମୂଳ ଉଦ୍ଦେଶ୍ୟ। ଶିକ୍ଷାର ଲକ୍ଷ୍ୟ କେବଳ ବୌଦ୍ଧିକ ବିକାଶରେ ସୀମିତ ନୁହେଁ। ଏହା ମଧ ଚରିତ୍ର ନିର୍ମାଣ ଏବଂ ଏକବିଂଶ ଶତାବ୍ଦୀର ଦକ୍ଷତାରେ ଭୂଷିତ ତଥା ଏକ ସାମଗ୍ରିକ ସ୍ୱୟଂ ସମ୍ପୂର୍ଣ୍ଣ ବ୍ୟକ୍ତି ଗଢ଼ିବା ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଭୌମକର ବଂଶର ବିଶେଷତ୍ୱ ସମ୍ପର୍କରେ ସ୍ମରଣ କରାଇଦେବାକୁ ଚାହେଁ। ଏହି ରାଜବଂଶର ଅନେକ ମହିଳା ଶାସକ କ୍ରମାଗତ ଭାବେ ନବମରୁ ଦଶମ ଶତାବ୍ଦୀ ଯାଏ ଶାସନ କରିଥିଲେ। ଭୌମକର ରାଣୀମାନେ ପୁରୁଷ ପ୍ରଧାନ ଶାସନ ବ୍ୟବସ୍ଥାକୁ ଭାଙ୍ଗି ପ୍ରାୟ ୨୦୦ବର୍ଷ ଯାଏ ରାଜ୍ୟ ଶାସନ କରିବାରେ ସଫଳ ହୋଇଥିଲେ। ଏହି ଉଜ୍ଜ୍ୱଳ ଉଦାହରଣ ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବିତ ହେବା ଆବଶ୍ୟକ। ମୁଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଉଛି ସେମାନେ ଏହି କାହାଣୀ ସବୁ ପଢ଼ନ୍ତୁ ଏବଂ ଲିଙ୍ଗଗତ ପାତର ଅନ୍ତର ବିରୋଧରେ ଲଢ଼ିବାକୁ ଶପଥ ନିଅନ୍ତୁ। ବାସ୍ତବରେ ଜାତିବାଦ, ସାମ୍ପ୍ରଦାୟିକତା, ଦୁର୍ନୀତି ଓ ହିଂସା ବିରୋଧରେ ଲଢ଼େଇ କରିବା ପାଇଁ ଆମ ଯୁବ ସମାଜ ସର୍ବଦା ଆଗରେ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାର ଆଉ ଏକ ବିଶେଷତ୍ୱ ହେଉଛି ଏଠାରେ ଆଦିବାସୀମାନେ ଅଧିକ ସଂଖ୍ୟାରେ ବାସ କରନ୍ତି। ଏଠାରେ ୬୨ ପ୍ରକାର ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକ ଅଛନ୍ତି। ଓଡ଼ିଶାର ମୋଟ ଜନସଂଖ୍ୟାର ୨୩ ଶତାଂଶ ଆଦିବାସୀ। ଭାରତର ମୋଟ ଆଦିବାସୀ ଜନସଂଖ୍ୟାର ୯.୧୭ ଶତାଂଶ ଲୋକ ଓଡ଼ିଶାରେ ବାସ କରନ୍ତି। ତେଣୁ ଏହି ଆଦିବାସୀ ସମ୍ପ୍ରଦାୟଙ୍କ ବିକାଶ ଓ କଲ୍ୟାଣ ଆମର ପ୍ରାଥମିକତା ହେବା ଉଚିତ। ଆଦିବାସୀଙ୍କ ପ୍ରତି ଆମର ଦୃଷ୍ଟିକୋଣରେ ସମ୍ମାନବୋଧ ଏବଂ ସମ୍ବେଦନଶୀଳତା ରହିବା ଆବଶ୍ୟକ। ଏ କ୍ଷେତ୍ରରେ ପୈତୃକ ଦୃଷ୍ଟିକୋଣ ଠିକ୍ ନୁହେଁ ସତକଥା ହେଲା ଆଦିବାସୀ ସମ୍ପ୍ରଦାୟଙ୍କ ଠାରୁ ଆମର ଅନେକ କିଛି ଶିଖିବାର ଅଛି। ସେମାନେ ପ୍ରକୃତି ସହ ସଦ୍ଭାବ ଓ ସମନ୍ୱୟ ରଖି ଅତି ସରଳ ଜୀବନଯାପନ କରନ୍ତି ବୋଲି ସେ କହିଛନ୍ତି।

## ବାଚସ୍ପତିଙ୍କ ଉପରକୁ ....

ତଳେ ଧାରଣା ଦେବେ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି। ଗୃହରୁ ନିଲମ୍ବିତ ହେବା ପରେ ବିଧାୟକ ଜୟନାରାୟଣ ମିଶ୍ର ନିଜର ପ୍ରତିକ୍ରିୟାରେ କହିଛନ୍ତି, ବାଚସ୍ପତି ଯେତେବେଳେ ସମ୍ବିଧାନ ଅନୁସାରେ କାମ କଲେ ନାହିଁ, ସେତେବେଳେ ଏପରି ପ୍ରତିକ୍ରିୟା ଆସିଥିଲା। ଯଦି ଅତ୍ୟାଚାର, ଅନାଚାର ବିରୋଧରେ ସ୍ୱର ଉତୋଳନ କଲେ ନିଲମ୍ବନ କରାଯାଏ, ମୁଁ ଏହାକୁ ସ୍ୱାଗତ କରୁଛି। ସେହିଭଳି ମୋହନ ମାଝୀ କହିଛନ୍ତି ଯେ, ମୁଁ କୌଣସି ଭାବେ ଦୁଃଖୀ ନୁହେଁ। ମୁଁ କୌଣସି ଅନୈତିକ କାମ କରିନାହିଁ, ଯେ ଅନୁତପ୍ତ ହେବି। ବାଚସ୍ପତି ଠିକ୍ ଭାବେ ଗୃହ କାର୍ଯ୍ୟ ଚଳାଇ ନାହାନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର , ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ , ସରକାରୀ ଦଳ ମୁଖ୍ୟ ସଚେତକ , କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର , ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଘଟଣା ସମୟର ଭିଡିଓ ଦେଖିଥିଲେ। ପରେ ବାଚସ୍ପତି ସମ୍ପୃକ୍ତ ୩ ନେତାଙ୍କୁ ଗୃହ ଛାଡି ଚାଲିଯିବାକୁ କହିଥିଲେ। ଶନିବାର ଅପରାହ୍ନ ବୈଠକରେ ଶାସକ ଦଳ ସଭ୍ୟ ଭୂପିନ୍ଦର ସିଂହ ବିଜେପି ବିଧାୟକ ମାନଙ୍କର ଆଚରଣ ଅତି ଅଶୋଭନୀୟ ହୋଇଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ସେମାନଙ୍କର ଏହି ବ୍ୟବହାର ଗୃହର ସମ୍ମାନକୁ କ୍ଷୁର୍ଣ୍ଣ କରିଛି ଓ ବାଚସ୍ପତିଙ୍କ ମର୍ଯ୍ୟାଦା ନଷ୍ଟ କରିଛି। ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ପ୍ରତାପ ଦେବ ଏହି ଘଟଣାକୁ ନିନ୍ଦା କରିବା ସହ ସେମାନଙ୍କୁ ତୁରନ୍ତ ନିଲମ୍ବନ କରାଯାଉ ବୋଲି କହିଥିଲେ। ସମ୍ପୃକ୍ତ ବିଧାୟକଙ୍କ ବ୍ୟବହାର ଦେଶର ଗଣତନ୍ତ୍ରପ୍ରେମୀଙ୍କୁ ବାଧିଛି ବୋଲି ଶଶି ଭୂଷଣ ବେହେରା କହିଥିଲେ।

## ଜଗା ଦର୍ଶନ ପାଇଁ ଆସିଥିବା ବେଳେ ....

ପାଲଟିଗଲା ପୂରା ଅଂଚଳ। ବଡଦେଉଳ ନିକଟ ଜୋତାଷ୍ଟାଂଡ ପାଖରେ ରୁଣ୍ଡ ହୋଇଗଲେ ଶହ ଶହ ଶ୍ରଦ୍ଧାଳୁ। ଲୋକ ଗହଳି ଭିତରେ ଯେଉଁ ଚିତ୍ର ଥିଲା, ତାକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେବା ସହ ଭୟଭୀତ ହୋଇଗଲେ। ବ୍ୟାରିକେଡ ଭିତରେ ଫସି ଯାଇଥିଲା ୫ ବର୍ଷର ଶିଶୁ। ବାରିକେଡ ରେଲିଂ ଭିତରେ ପଶି ଯାଇଥିଲା ଶିଶୁର ମୁଣ୍ଡ। ବଡଠାକୁରଙ୍କ ଦର୍ଶନ ପାଇଁ ପରିବାର ସହ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ ପୁରୀ ଆସିଥିଲା ଜଣେ କୁନି ଝିଅ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଉତ୍ତରଦ୍ୱାର ଦେଇ ବାହାରକୁ ଆସି ଜୋତା ଷ୍ଟାଂଡକୁ ଜୋତା ଆଣୁଥିଲେ ପରିବାର। ସେହି ସମୟରେ ଶିଶୁଟି ବ୍ୟାରିକେଡ୍ ପାଖରେ ଖେଳୁଥିବା ବେଳେ ଦୁର୍ଭାଗ୍ୟବଶତଃ ତା' ମୁଣ୍ଡଟି ବ୍ୟାରିକେଡ୍ର ରେଲିଂ ମଝିରେ ଫସି ଯାଇଥିଲା। ବାପା-ମାଆ ଏହାକୁ ଦେଖି ଭୟଭୀତ ହୋଇଯାଇଥିଲେ, ପିଲାଟି ମଧ ଭୀଷଣ ଭାବେ ଡରି ଯାଇଥିଲା। ପୁଲିସ ଓ ଅଗ୍ନିଶମ କର୍ମଚାରୀ ଗ୍ୟାସ୍ କଟରରେ ବ୍ୟାରିକେଡ୍ ରେଲିଂ କାଟି ତାକୁ ଉଦ୍ଧାର କରିଛନ୍ତି। ତେବେ ପୁରୀରେ ଏହା ନୂଆ ଘଟଣା ନୁହେଁ। ପୂର୍ବରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ବ୍ୟାରିକେଡ ଭିତରେ ଛୋଟ ଛୁଆ ପଶି ଆହତ ହୋଇଛନ୍ତି। ତେଣୁ ବ୍ୟାରିକେଡ ହଟାଇ ସେହି ସ୍ଥାନରେ ତାର ଜାଲି ଦେଇ ଆବଦ୍ଧ କରିବାକୁ ନିବେଦନ କରିଛନ୍ତି ଶ୍ରଦ୍ଧାଳୁ।

## ଗୋଟିଏ ଦିନରେ ୪୫୨....

ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୫ ଜଣ, ବରଗଡ଼ରୁ ୧୯ଜଣ, ଭଦ୍ରକରୁ ୪ ଜଣ, ବଲାଙ୍ଗୀରରୁ ୧୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି କଟକରୁ ୨୬ ଜଣ, ଦେବଗଡ଼ ଓ ଢେଙ୍କାନାଳରୁ ଜଣେ ଲେଖାଏଁ, ଗଜପତିରୁ ୪, ଗଞ୍ଜାମରୁ ୧୩ ଜଣ, ଜଗତସିଂହପୁରରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ସୂଚନା ଦିଆ ଯାଇଛି। ଯାଜପୁରରୁ ୮ ଜଣ, ଝାରସୁଗୁଡ଼ାରୁ ୧୭ ଜଣ, କଳାହାଣ୍ଡିରୁ ୨୯ ଜଣ, କନ୍ଧମାଳରୁ ୪ ଜଣ, କେନ୍ଦ୍ରାପଡ଼ାରୁ ୨ ଜଣ, କେନ୍ଦୁଝରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୭୭ ଜଣ, କୋରାପୁଟରୁ ୨ ଜଣ, ମାଲକାନଗିରିରୁ ୨, ମୟୂରଭଞ୍ଜରୁ ୧୦ ଜଣ, ନବରଙ୍ଗପୁରରୁ ୮ଜଣ, ନୟାଗଡ଼ରୁ ଜଣେ, ନୂଆପଡ଼ାରୁ ୭୧ ଜଣ, ପୁରୀରୁ ୧୧ ଜଣ, ରାୟଗଡ଼ାରୁ ୫, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୭୫ ଜଣ ଓ ଷ୍ଟେଟ୍ସ ପୁଲରୁ ୧୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।୨୪,୬୯,୫୯,୧୯୨ ପରୀକ୍ଷା କରାଯାଇଛି।

## କରୋନା କବଳରେ କୁମ୍ଭମେଳା....

ତେବେ କୁମ୍ଭମେଳାକୁ ଆରମ୍ଭ ହେବାର ୭୨ଘଣ୍ଟା ପୂର୍ବରୁ ପରୀକ୍ଷା କରାଯାଇଥିବା ନେଗେଟିଭ ଆରଟି-ପିସିଆର ପରୀକ୍ଷା ରିପୋର୍ଟ ଦାଖଲ ଭକ୍ତଙ୍କ ପାଇଁ ବାଧ୍ୟତାମୂଳକ କରିଛନ୍ତି ଉତ୍ତରାଖଣ୍ଡ ହାଇକୋର୍ଟ। କୋଭିଡ୍-୧୯ ଟିକାକରଣ କରିଥିବା ଭକ୍ତମାନଙ୍କୁ ସେମାନଙ୍କର ସାର୍ଟିଫିକେଟ୍ ଏକ ଅଫିସିଆଲ୍ ପୋର୍ଟାଲରେ ଅପଲୋଡ୍ କରିବାକୁ ପଡିବ ଏବଂ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପଡିବ। ୧୨ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା ଏହି କୁମ୍ଭମେଳା ସାଧାରଣତଃ ସାଢ଼େ ତିନି ମାସ ଧରି ଚାଲିଥାଏ। ୨୦୧୦ରେ ଶେଷ ଥର ପାଇଁ କୁମ୍ଭମେଳା ଅନୁଷ୍ଠିତ ହୋଇଥିବା ବେଳେ ଜାନୁଆରି ୧୪ରୁ ଏପ୍ରିଲ ପର୍ଯ୍ୟନ୍ତ ଚାଲିଥିଲା।

## ଓଡିଶାକୁ ଫେରିଲା ....

ଏବଂ ଗଣମାଧ୍ୟମ ଆଦି ସେବା ସହିତ ଜଡିତ କର୍ମଚାରୀଙ୍କୁ କଟକଣାରୁ ବାଦ୍ ଦିଆଯାଇଛି। ସେହିପରି ନାଇଟ୍ କର୍ଫ୍ୟୁ ବେଳେ ସବୁ ଶିଳ୍ପ କାରଖାନା ଖୋଲା ରହିବ। ପେଟ୍ରୋଲ ପମ୍ପ ଓ ସିଏନ୍ଜି ଷ୍ଟେସନ ଖୋଲା ରହିବ। ହୋଟେଲ ଓ ଢାବାରୁ ଖାଦ୍ୟର ହୋମ୍ ଡେଲିଭରିକୁ ଅନୁମତି ଦିଆଯାଇଛି। ସେହିପରି ମେଡିକାଲ ଓ ଅନ୍ୟ ଜରୁରୀ କାମରେ ଯିବାକୁ ଅନୁମତି ଦିଆଯିବ ବୋଲି ଏସ୍ଆରସିଙ୍କ ପକ୍ଷରୁ କୁହାଯାଇଛି।

